ଧରିତ୍ରୀ
DHARITRI

ରାୟଗଡ଼ା, ଶୁକ୍ରବାର, ମାର୍ଚ୍ଚ ୪/୨୦୨୨ (୧୬ ପୃଷ୍ଠା) Rayagada, Friday, March 4/2022 Page 16 ₹ 7.00

୧୨ଶ ଭାଗ ୨୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-

KP GROUP
Quality Since 1965

Safal

PAN MASALA

କିଛି ଅତୁଲ୍ୟ ସ୍ୱାଦ!
ଶବ୍ଦରେ ବର୍ଣ୍ଣନା କରିହୁଏ ନାହିଁ

ସର୍ବସାଧାରଣ ସ୍ଥାନରେ ପାନ କିମ୍ବା ପାନ ମସଲା ଛେପ ପକାନ୍ତୁ ନାହିଁ ।
କରୋନା ମହାମାରୀରୁ ବଞ୍ଚନ୍ତୁ ।
ସଫଳ ପାନ ମସଲା ଦ୍ୱାରା ଜନହିତରେ ଜାରି ।

0% TOBACCO • NICOTINE NOT ADDED • NOT FOR MINORS ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।

ଧରିତ୍ରୀ
DHARITRI

ରାୟଗଡ଼ା, ଶୁକ୍ରବାର, ମାର୍ଚ୍ଚ ୪/୨୦୨୨ | Rayagada, Friday, March 4/2022 | ପୃଷ୍ଠା-୧

ରେଡ୍ ବୁଲ୍ ସହ ଭର୍ଷ୍ଟାପେନ୍‌ଙ୍କ ନୂଆ ଚୁକ୍ତି

ଫର୍ମୁଲା ୱାନ ଚାମ୍ପିୟନ ବେଲିଜିଆନ-ଡଚ୍ ରେସିଂ ଡ୍ରାଇଭର ମାକ୍ସ ଭର୍ଷ୍ଟାପେନ୍ ରେଡ୍‌ବୁଲ୍ ସହିତ ଏକ ନୂଆ ଚୁକ୍ତି କରିଛନ୍ତି।

ମେ ୧୩ରେ 'ଜୟେଶ ଭାଇ ଜୋର୍‌ଦାର'

ବଲିଉଡ୍ ଅଭିନେତା ରଣବୀର ସିଂଙ୍କ ଫିଲ୍ମ 'ଜୟେଶ ଭାଇ ଜୋର୍‌ଦାର' ମେ ୧୩ରେ ରିଲିଜ ହେବ।



ଆଲୋଚନା ସାଙ୍ଗକୁ ଆକ୍ରମଣ

ରୁଷିଆ ସୈନ୍ୟଙ୍କ କ୍ଷେପଣାସ୍ତ୍ର ମାଡ଼ରେ ଖର୍କିଭ୍‌ସ୍ଥିତ ଏକ ବିଲ୍ଡିଂ ଧ୍ୱଂସସ୍ତୂପରେ ପରିଣତ ହୋଇଛି।

୬ ଘଣ୍ଟା ଯୁଦ୍ଧ ଅଟକାଇଲା ଭାରତୀୟ କୂଟନୀତି

ସୋସିଆଲ ମିଡିଆରେ ପ୍ରଶଂସାର ସୁଅ

ନୂଆଦିଲ୍ଲୀ, ୩।୩

ୟୁକ୍ରେନ୍‌ର ଦ୍ୱିତୀୟ ବୃହତ୍ତମ ସହର ଖର୍କିଭ୍‌ରେ ବୁଧବାର ରାତିରେ ୬ ଘଣ୍ଟା ଧରି ଯୁଦ୍ଧ ଅଟକାଇ ପାରିଛି ଭାରତ। ସେଠାରେ ଫସିଥିବା ଭାରତୀୟଙ୍କୁ ଉଦ୍ଧାର କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ସହ କଥା ହେବା ପରେ ରାତି ପ୍ରାୟ ସାଢ଼େ ୯ଟା ପରେ ଆକ୍ରମଣ ବନ୍ଦ ରହିଥିଲା ବୋଲି ଜଣାପଡ଼ିଛି। ଏହାକୁ ନେଇ ସୋସିଆଲ ମିଡିଆରେ ଭାରତକୁ ଶକ୍ତିଶାଳୀ ଦେଶ ଭାବେ ଅଭିହିତ କରାଯାଇ ଏହି କୂଟନୀତିକୁ ପ୍ରଶଂସା କରାଯାଇଛି। ଭାରତୀୟ ଛାତ୍ରୀଛାତ୍ରଙ୍କୁ ଉଦ୍ଧାର ବେଳେ କିଛି ସମୟ ପାଇଁ ହେଉ ପଛେ, ସେଠାରେ ବୋମା ବିସ୍ଫୋରଣ କିମ୍ବା ମିଶାଇଲ ମାଡ଼ର ଭୟଙ୍କର ଶବ୍ଦ ଶୁଣିବାକୁ ମିଳି ନ ଥିଲା ବୋଲି ସୋସିଆଲ ମିଡିଆର ବହୁ ବ୍ୟବହାରକାରୀ ସେମାନଙ୍କ ମତ ରଖିଛନ୍ତି।

ପୁଟିନ୍‌ଙ୍କ ପରିବର୍ତ୍ତିତ ରଣନୀତି

ମସ୍କୋ/କ୍ୟିଭ୍/ୱାଶିଂଟନ,୩।୩

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ୟୁକ୍ରେନ୍ ଦଖଲ ସ୍ୱପ୍ନ ସାକାର ହୋଇ ନ ଥିବାରୁ ସେ ଏବେ ରଣନୀତି ବଦଳାଇଛନ୍ତି। ପୁଟିନ୍‌ଙ୍କ ଶକ୍ତିଶାଳୀ ସୈନ୍ୟ ପଡ଼ୋଶୀ ଦେଶ ଉପରେ ତୁହାକୁ ତୁହା ବୋମା ବର୍ଷଣ କରୁଥିବାବେଳେ କେବଳ ଆକ୍ରମଣରୁ ସୁଫଳ ମିଳିବ ନାହିଁ ବୋଲି ପୁଟିନ୍ ବୁଝିସାରିଲେଣି। ତେଣୁ ସେ ଗୋଟିଏ ପଟେ ଆଲୋଚନା ଓ ଅନ୍ୟପକ୍ଷେ ଆକ୍ରମଣର ଷ୍ଟ୍ରାଟେଜି ଆପଣାଇଛନ୍ତି। ୟୁକ୍ରେନ୍‌ରେ ଯୁଦ୍ଧବିରତି ପାଇଁ ଆଲୋଚନା କରିବାକୁ ମସ୍କୋ ଚାହୁଁଛି। କିନ୍ତୁ ୟୁକ୍ରେନ୍‌ର ସାମରିକ ଭିତ୍ତିଭୂମି ନଷ୍ଟ ଉଦ୍ୟମ ଜାରି ରହିବ ବୋଲି ରୁଷିଆ ବହିର୍ବ୍ୟାପାର ମନ୍ତ୍ରୀ ସେର୍ଗେଇ ଲାଭ୍ରୋଭ୍ ସ୍ପଷ୍ଟ କରିଛନ୍ତି। ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ସୋମବାର ବେଲାରୁଷ ସୀମାନ୍ତ ସହର ଗୋମେଲରେ ପ୍ରଥମ ପର୍ଯ୍ୟାୟ ଆଲୋଚନା ହୋଇଥିବାବେଳେ ଅସ୍ତ୍ରବିରତି ପାଇଁ ☞ପୃଷ୍ଠା–୨

ନବରଙ୍ଗପୁର, କଳାହାଣ୍ଡିରେ ଭୂକମ୍ପ

ଭୁବନେଶ୍ୱର,(ବ୍ୟୁରୋ)/ ଝରିଗାଁ (ସ୍ୱ.ପ୍ର.)/କୋକସରା/ ବେହେରା (ଡି.ଏନ୍.ଏ.), ୩।୩

ନବରଙ୍ଗପୁର ଏବଂ କଳାହାଣ୍ଡି ଜିଲାର ବିଭିନ୍ନ ଅଞ୍ଚଳରେ ଗୁରୁବାର ମୃଦୁ ଭୂମିକମ୍ପ ଅନୁଭୂତ ହୋଇଛି। ନବରଙ୍ଗପୁର ଜିଲାର ଉମରକୋଟ, ଚନ୍ଦାହାଣ୍ଡି, ଝରିଗାଁ ଓ ଡାବୁଗାଁ ଏବଂ କଳାହାଣ୍ଡି ଜିଲାର ଧର୍ମଗଡ ସମେତ କୋକସରା ବ୍ଲକର ବିଭିନ୍ନ ଅଞ୍ଚଳରେ ମୃଦୁ ଭୂମିକମ୍ପ ଅନୁଭୂତ ହୋଇଥିବା ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶକ ଏଚ୍.ଆର. ବିଶ୍ୱାସ ସୂଚନା ଦେଇଛନ୍ତି। ୩ରୁ ୪ ସେକେଣ୍ଡ ପର୍ଯ୍ୟନ୍ତ ଭୂକମ୍ପନ ହୋଇଥିବା ସେ କହିଛନ୍ତି। ଦିନ ୧୧ଟା ୨୯ ମିନିଟରେ ଏହି ମୃଦୁ ଭୂମିକମ୍ପ ଅନୁଭୂତ ହୋଇଥିଲା। ଝରିଗାଁ ଅଞ୍ଚଳରେ ଲୋକେ ଭୟରେ ଘରୁ ବାହାରି ଯାଇଥିଲେ। ଉମରକୋଟରେ ମଧ୍ୟ କିଛି ସ୍ଥାନରେ ସାମାନ୍ୟ ଭାବରେ ମାଟି ଥରିଥିବା ଅନୁଭୂତ ହୋଇଛି। ଚନ୍ଦାହାଣ୍ଡିରେ କେତେକ ଘରେ ଫାଟ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ଏହି ଭୂମିକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୩.୫ ରହିଥିଲା। ଏହାର କେନ୍ଦ୍ରବିନ୍ଦୁ କଳାହାଣ୍ଡିରେ ଥିଲା।

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ଅଞ୍ଚଳର ଏକ ଘରେ ଭୂକମ୍ପରେ ସୃଷ୍ଟି ହୋଇଥିବା ଫାଟ।

ଓଡ଼ିଆ ଛାତ୍ରୀଛାତ୍ରଙ୍କୁ ଉଦ୍ଧାର ପାଇଁ ସ୍ୱତନ୍ତ୍ର ପ୍ରତିନିଧି ନିଯୁକ୍ତ

ଭୁବନେଶ୍ୱର, ୩।୩(ବ୍ୟୁରୋ)

ଯୁଦ୍ଧଗ୍ରସ୍ତ ୟୁକ୍ରେନ୍‌ରେ ଫସି ରହିଥିବା ଓଡ଼ିଆ ଛାତ୍ରୀଛାତ୍ରଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବା ପାଇଁ ଓଡ଼ିଶା ସରକାର ଉଦ୍ୟମ ଆରମ୍ଭ କରିଛନ୍ତି। ସେମାନେ କିଭଳି ସୁରକ୍ଷିତ ଭାବେ ଫେରିବେ ସେ ନେଇ ରାଜ୍ୟ ସରକାର ଗୁରୁବାର ସ୍ୱତନ୍ତ୍ର ପ୍ରତିନିଧିଙ୍କୁ ଦାୟିତ୍ୱ ଦେଇଛନ୍ତି। ୟୁକ୍ରେନ୍ ସୀମା ପାର୍ କରି ହଙ୍ଗେରୀ, ପୋଲାଣ୍ଡ, ରୋମାନିଆ ଏବଂ ସ୍ଲୋଭାକିଆ ଚାଲିଯାଇଥିବା ଛାତ୍ରୀଛାତ୍ରଙ୍କୁ ସୁରକ୍ଷିତ ଭାବେ ଫେରାଇ ଆଣିବା ଲାଗି ଏହି ପ୍ରତିନିଧି ଦଳ କାର୍ଯ୍ୟ କରିବେ। ☞ପୃଷ୍ଠା–୨

୨ ବର୍ଷ ହେଲା ମୃତଦେହ ସାଇତି ରଖିଛନ୍ତି

ନ୍ୟାୟ ମାଗୁଛନ୍ତି ବଦରୁଙ୍କ ପରିବାର ଲୋକେ

ମାଲକାନଗିରି, ୩।୩ (ଡ.ଏନ.ଏ.)

ମାଲକାନଗିରି ସୀମାନ୍ତ ଛତିଶଗଡ଼ର ଦାନ୍ତେୱାଡା ଜିଲାର କିରନଡୁଲ ଅଞ୍ଚଳରେ ନ୍ୟାୟ ପାଇଁ ବଦରୁ ମାଡବିଙ୍କ ମୃତଦେହକୁ ୨ବର୍ଷ ହେଲା ସାଇତି ରଖିଛନ୍ତି ଗ୍ରାମବାସୀ ଓ ପରିବାର ଲୋକେ। ଏହି ଘଟଣା ସାଧାରଣରେ କୌତୂହଳ ସୃଷ୍ଟି କରିଛି। ଖବରରୁ ଜଣାପଡିଛି ୨୦୨୦ ମାର୍ଚ୍ଚ ୧୯ ତାରିଖରେ ଗଙ୍ଗାଲୁରୁ ଜଙ୍ଗଲରେ ପୋଲିସ–ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଏହି ଗୁଳି ବିନିମୟ ବେଳେ ମାଓବାଦୀ ବଦରୁ ମାଡବି ନିହତ ହୋଇଥିବା ପୋଲିସ ପକ୍ଷରୁ କୁହାଯାଇଥିଲା। ତେବେ ଏହାକୁ ଖଣ୍ଡନ କରିଛନ୍ତି ବଦରୁଙ୍କ ପରିବାର ଲୋକେ। ବଦରୁଙ୍କୁ ଯବାନମାନେ ମାରିବା ସମୟରେ ତାଙ୍କ ସାନଭାଇ ସାନୁ ତାଙ୍କ ନିକଟରେ ଥିଲେ। ସାନୁ କହିଛନ୍ତି, ବଦରୁ ଏବଂ ସେ ମହୁଲ ଫୁଲ ସଂଗ୍ରହ ବେଳେ ପ୍ରଥମେ ଯବାନମାନେ ଆସି ଆମକୁ ଘେରିଯାଇଥିଲେ। ବିନା କାରଣରେ ସେମାନେ ଭାଇ ବଦରୁଙ୍କୁ ଗୁଳି କରି ହତ୍ୟା କରିଥିଲେ। ପରେ ସାନୁ ସେଠାରୁ ଖସି ☞ପୃଷ୍ଠା–୨

ମହୁଲ ଫୁଲ ସଂଗ୍ରହବେଳେ ଯବାନଙ୍କ ଗୁଳିରେ ଯାଇଥିଲା ଜୀବନ

ପରିବାର ଓ ଗ୍ରାମବାସୀ ସାଇତି ରଖିଥିବା ବଦରୁଙ୍କ ମୃତଦେହ।

ଆଜିର ମନ୍ତବ୍ୟ

ଯୁବପିଢ଼ି ଚାକିରିକୁ ଅପେକ୍ଷା କରି ରହିଛନ୍ତି। ସରକାରୀ ସମ୍ପତ୍ତିକୁ କେନ୍ଦ୍ର ବିକ୍ରି କରିବାରେ ଲାଗିଛି। ଭାଜପା ଏବଂ ଏହାର ନେତାଙ୍କଠାରୁ ବଡ଼ ମିଛୁଆ ସାରା ବିଶ୍ୱରେ ନାହାଁନ୍ତି।

– ଅଖିଳେଶ ଯାଦବ, ସମାଜବାଦୀ ପାର୍ଟି ଅଧ୍ୟକ୍ଷ

ଜନ୍ମଦିନର ଶୁଭେଚ୍ଛା

ରାନୀ
ପରିବାରବର୍ଗ

ନାମ: .....
ବୟସ:.....
ଜନ୍ମ ତାରିଖ: .....

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଅଡୁଆ ସୂତାରୁ ଖିଏ
ଆମ ଦୁହିଁଙ୍କର ଲାଗିଛି କଳି
ଏ କଳି ଭାଙ୍ଗିବ କିଏ ?

ଦାମ୍ପତ୍ୟ ଜୀବନରେ କଳହ ଅତି ସାଧାରଣ କଥା। ଛୋଟମୋଟ କଥା ବା ଅତି ସାମାନ୍ୟ କାରଣରୁ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ମନୋମାଳିନ୍ୟ ଘଟିଥାଏ। ସେ କଜିଆ ମନକୁ ମନ କେତେବେଳେ ସମାଧାନ ହୋଇଯାଏ କହି ହୋଇନଥାଏ। ସ୍ୱାମୀ ସ୍ତ୍ରୀଙ୍କ କଳିକାଜିଆରୁ ଆଗପଛ କିଛି ମିଳିନଥାଏ। ଏ କଜିଆ ଭାଙ୍ଗିବାକୁ ଚେଷ୍ଟା କରିବା ନିର୍ବୋଧତା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଅଣପୁରୁଷା,
ନିତି ଘିଅପିଠା, ନିଇତି ରୁଷା ।

ଅପଦାର୍ଥ ଲୋକକୁ ଯେତେ ସନ୍ତୋଷ ମିଳିଲେ ସୁଦ୍ଧା ସେ ଆହୁରି ପାଇବା ପାଇଁ ଅଭିମାନ କରିଥାଏ। କାମଦାମ ନ କରି ସବୁଦିନେ ଆରାମରେ ଖାଇପିଇ ଘୂରିବୁଲୁଥିବା ବ୍ୟକ୍ତି ସାମାନ୍ୟ ତ୍ରୁଟିବିଚ୍ୟୁତି ବା ଅସୁବିଧା ଦେଖି ମୁହଁ ଫୁଲେଇ ରୁଷି ବସୁଥିବା ନେଇ ଏଭଳି କଟୂକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:

ନକଲି ଡାକ୍ତରଙ୍କ ନାମରେ ଆଉ ୨ ମାମଲା

ଭୁବନେଶ୍ୱର,୩।୩(ବ୍ୟୁରୋ)

- **ଠିକାଦାରଙ୍କୁ ଠକିଛନ୍ତି ୭୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା**
- **ପୁଣିଥରେ ୫ ଦିନିଆ ରିମାଣ୍ଡରେ ଆସିବେ ରମେଶ**

ବିଭିନ୍ନ ରାଜ୍ୟର ୧୭ରୁ ଅଧିକ ମହିଳାଙ୍କୁ ବିବାହ କରି ଲୁଟିବା ସହ ଠକେଇ ମାମଲାରେ ଜେଲ ଯାଇଥିବା ରସିକିଆ ନକଲି ଡାକ୍ତର ରମେଶ ଚନ୍ଦ୍ର ସ୍ୱାଇଁଙ୍କ ନାମରେ ଅଭିଯୋଗ ଫର୍ଦ୍ଦ ବଢିବାରେ ଲାଗିଛି। ଦିନକୁ ଦିନ ତାଙ୍କର ନୂଆ ଧରଣର ଠକେଇ ଲୋକଲୋଚନକୁ ଆସୁଛି। ଅଭିଯୋଗ ଅଧାରରେ ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଜିଲାର ପାହାଳ ଓ ଶହୀଦନଗର ଥାନାରେ ରମେଶଙ୍କ ନାଁରେ ଆଉ ୨ଟି ମାମଲା ରୁଜୁ ହୋଇଛି। ଫଳରେ ତାଙ୍କ ବିରୋଧରେ ମାମଲା ସଂଖ୍ୟା ୧୫ରେ ପହଞ୍ଚିଛି।

ପୋଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତ ରମେଶ ସତ୍ୟବିହାରରେ ରହୁଥିବା ଉପେନ୍ଦ୍ର କୁମାର ମହାରଣା ନାମକ ଜଣେ ଠିକାଦାରଙ୍କୁ କେନ୍ଦ୍ର ସ୍ୱାସ୍ଥ୍ୟ ବିଭାଗର ଡେପୁଟି ଡାଇରେକ୍ଟର କହି ଠକେଇ ଜାଲରେ ଫସାଇଥିଲେ। ୨୦୧୮ରେ ରମେଶ ପାହାଳ ଅଞ୍ଚଳରେ ଥିବା ତାଙ୍କ ଜମିରେ ୩ ତାଲା କୋଠା କରିବାକୁ ଉପେନ୍ଦ୍ରଙ୍କୁ କହିଥିଲେ। ଉପେନ୍ଦ୍ର ତାଙ୍କ କଥାକୁ ବିଶ୍ୱାସ କରି ପ୍ରାୟ ୧ ଲକ୍ଷ ଟଙ୍କା ଖର୍ଚ୍ଚ କରି ଉକ୍ତ ଜମି ଚାରିପଟେ ପାଚେରି ନିର୍ମାଣ କରିଥିଲେ। ହେଲେ ଏ ବାବଦକୁ ଉପେନ୍ଦ୍ର ତାଙ୍କୁ ଟଙ୍କା ମାଗିବାରୁ ସେ ଫୋନ ଉଠାଇ ନ ଥିଲେ କି ଦେଖା ଦେଇ ନ ଥିଲେ। ଏନେଇ ଉପେନ୍ଦ୍ର ଅଭିଯୋଗ କରିବା ପରେ ପାହାଳ ଥାନା ପୋଲିସ ଏକ ମାମଲା (ନଂ.୨୧/୨୦୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସେହିପରି ଖଣ୍ଡଗିରି ଥାନା ଅନ୍ତର୍ଗତ ପାତ୍ରପଡ଼ାରୁ ଜବତ ହୋଇଥିବା କାର୍‌କୁ ରମେଶ ଶହୀଦନଗର ଥାନା ଅଞ୍ଚଳରେ ଥିବା ଏକ ଶୋ'ରୁମ୍‌ରୁ ୨୦୧୯ରେ ଜାଲ କାଗଜପତ୍ର ଦେଇ କିଣିଥିଲେ। ଏନେଇ ମହିଳା ଥାନା ପୋଲିସ ପକ୍ଷରୁ ଅଭିଯୋଗ ହେବା ପରେ ଶହୀଦନଗର ଥାନା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ଅନ୍ୟପକ୍ଷରେ ଅଭିଯୁକ୍ତ ରମେଶ ତୃତୀୟଥର ପାଇଁ ରିମାଣ୍ଡରେ ଆସିବେ। ଗୁଆହାଟୀର ଜଣେ ଡାକ୍ତରାଣୀଙ୍କୁ ମିଥ୍ୟା ପରିଚୟ ଦେଇ ବିବାହ କରିବା ପରେ ରମେଶ ତାଙ୍କଠାରୁ ୨୩ ଲକ୍ଷ ଟଙ୍କା ଠକି ନେଇଥିଲେ। ରମେଶ ଗିରଫ ହେବା ପରେ ଉକ୍ତ ଡାକ୍ତରାଣୀ ସ୍ତ୍ରୀ ଭୁବନେଶ୍ୱର ମହିଳା ଥାନାରେ ପହଞ୍ଚି ଅଭିଯୋଗ କରିଥିଲେ। ଏହି ମାମଲା (ନଂ.୨୨/୨୦୨୨)ରେ ରମେଶଙ୍କୁ ୭ ଦିନିଆ ରିମାଣ୍ଡରେ ନେବା ପାଇଁ ମହିଳା ଥାନା ପୋଲିସ ଆବେଦନ କରିଥିଲା। କୋର୍ଟ ଆବେଦନକୁ ଗ୍ରହଣ ୫ ଦିନିଆ ରିମାଣ୍ଡ ଅନୁମତି ଦେଇଛନ୍ତି। ଶୁକ୍ରବାରଠାରୁ ରମେଶଙ୍କୁ ରିମାଣ୍ଡରେ ଅଣାଯାଇ ମାରାଥନ ଜେରା କରାଯିବ ବୋଲି ଥାନା ଅଧିକାରିଣୀ ସନ୍ତୋଷିନୀ ବେହେରା କହିଛନ୍ତି।

ପୋଷାପ୍ରାଣୀଙ୍କୁ ଧରି ୟୁକ୍ରେନ୍‌ରୁ ଫେରିଲେ ଭାରତୀୟ

ନୂଆଦିଲ୍ଲୀ, ୩।୩

ଯୁଦ୍ଧ ପ୍ରଭାବିତ ୟୁକ୍ରେନ୍‌ରୁ ଭାରତୀୟ ସ୍ୱଦେଶ ଫେରିବାବେଳେ କେତେଜଣ ସେମାନଙ୍କ ସହ ପୋଷା ବିଲେଇ, କୁକୁର ଆଦିଙ୍କୁ ମଧ୍ୟ ସାଙ୍ଗରେ ଆଣିଛନ୍ତି। ଯୁଦ୍ଧ ଭିତରେ ନିଜ ପ୍ରିୟ ପୋଷ୍ୟ ପ୍ରାଣୀଙ୍କୁ ଛାଡ଼ିବାକୁ ସେମାନେ ଚାହିଁ ନ ଥିଲେ ବୋଲି ପ୍ରକାଶ କରିଛନ୍ତି। ୟୁକ୍ରେନ୍‌ର ଭିନିତ୍‌ସ୍ୟାରୁ ଫେରିଥିବା ଜଣେ ମେଡିକାଲ ଛାତ୍ରୀ ଆର୍ଯ୍ୟା ଆଲଡ୍ରିନ୍ କହିଛନ୍ତି, ପ୍ରାୟ ଦେଢ଼ ବର୍ଷ ହେବ ସେ ସାଇବେରିଆନ୍ ହୁସ୍କି ଜାୟିରାକୁ ପାଳିଥିଲେ। ୟୁକ୍ରେନ୍‌ରୁ ଭାରତ ଫେରିବାବେଳେ ବିମାନରେ ସେ ଜାୟିରାକୁ ସାଙ୍ଗରେ ନେବାକୁ କର୍ତ୍ତୃପକ୍ଷଙ୍କୁ ଅନୁମତି ମାଗିଥିଲେ। ସେହିପରି ଭାରତୀୟ ବାୟୁସେନା ବିମାନ ସି-୧୭ରେ ଭାରତ ଫେରିଥିବା ଛାତ୍ର ଜାହିଦ୍ ମଧ୍ୟ ତାଙ୍କ ସହ ପୋଷା କୁକୁରକୁ ଆଣିଛନ୍ତି। କ୍ୱିଭ୍‌ରେ ଫସିଥିବା ଗୌତମ ୪ ମାସ ତଳେ ଏକ ବିଲେଇ ରଖିଥିବାବେଳେ ପୋଲାଣ୍ଡ ସୀମା ଦେଇ ଭାରତ ଫେରିବା ବେଳେ ତାକୁ ସାଙ୍ଗରେ ଆଣିଛନ୍ତି। ପ୍ରକାଶଥାଉ କି, ୟୁକ୍ରେନ୍‌ରୁ ଫେରିବାବେଳେ ଭାରତୀୟମାନେ ସେମାନଙ୍କ ପୋଷ୍ୟ

ପ୍ରାଣୀଙ୍କୁ ଆଣିପାରିବେ ବୋଲି ମତ୍ସ୍ୟ, ପ୍ରାଣୀ ସମ୍ପଦ ଓ ଦୁଗ୍ଧ ମନ୍ତ୍ରଣାଳୟ ପକ୍ଷରୁ ବୁଧବାର ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା।

ଅଶୋଧିତ ତୈଳ ଦର ୧୨୦ ଡଲାର ଛୁଇଁଲା

ନୂଆଦିଲ୍ଲୀ,୩।୩

ରୁଷିଆ ଓ ୟୁକ୍ରେନ ମଧ୍ୟରେ ଯୁଦ୍ଧ ଚାଲିଥିବାବେଳେ ଏହାର ଘୋର ପ୍ରଭାବ ଅନ୍ତର୍ଜାତୀୟ ତୈଳ ବଜାର ଉପରେ ପଡ଼ିଛି। ଗୁରୁବାର ତୈଳ ମୂଲ୍ୟ ବୃଦ୍ଧି ଘଟି ବ୍ରେଣ୍ଟ କ୍ରୁଡ୍ ମୂଲ୍ୟ ବ୍ୟାରେଲ ପିଛା ୧୨୦ ଡଲାରର ନିକଟତର ହୋଇଛି। ଏହା ପ୍ରାୟ ଏକଦଶନ୍ଧି ମଧ୍ୟରେ ସର୍ବାଧିକ ବୋଲି କୁହାଯାଉଛି। ବ୍ରେଣ୍ଟ ଅଶୋଧିତ ଫ୍ୟୁଚର ବ୍ୟାରେଲ ପିଛା ୧୧୯.୮୪ ଡଲାରରେ ପହଞ୍ଚିଛି, ଯାହା ୨୦୧୨ ମେ' ଠାରୁ ସର୍ବାଧିକ। ଆମେରିକାର ପଶ୍ଚିମ ଟେକ୍ସାସରେ ଅଶୋଧିତ ତୈଳ ୧୧୬.୫୭ ଡଲାରରେ ରହିଛି। ଏହା ୨୦୦୮ ସେପ୍ଟେମ୍ବର ପରଠାରୁ ସର୍ବୋଚ୍ଚ ଅଟେ।

ପ୍ରଥମ ପୃଷ୍ଠାରୁ...

ଆଲୋଚନା ସାଙ୍ଗକୁ...

ଗୁରୁବାର ଦ୍ୱିତୀୟ ପର୍ଯ୍ୟାୟ ବୈଠକ ବସିଛି। ୟୁକ୍ରେନ୍ ଆକ୍ରମଣ ଗୁରୁବାର ଦ୍ୱିତୀୟ ସପ୍ତାହରେ ପହଞ୍ଚିଥିବାବେଳେ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କ ସରକାରର ପତନ ଘଟାଇବାରେ ମସ୍କୋର ରଣନୈତିକ ବିଫଳତା ସାମ୍ନାକୁ ଆସିଛି। ଏହାର ମୁଖ୍ୟ ଆସଲ୍ଟ ଫୋର୍ସ ସୈନ୍ୟମାନେ କିଛିଦିନ ହେଲା କ୍ୱିଭ୍ ଉତ୍ତର ପାର୍ଶ୍ୱରେ ଥିବା ରାଜପଥ ଉପରେ ଛିଡ଼ା ହୋଇଛନ୍ତି। ଅନ୍ୟ ସଶସ୍ତ୍ର ବଳ ସହରଗୁଡ଼ିକ ଉପରେ ବୋମା ବର୍ଷଣ କରି ସେଗୁଡ଼ିକୁ ଧ୍ୱଂସସ୍ତୂପରେ ପରିଣତ କରୁଛନ୍ତି। ଦକ୍ଷିଣରେ ଥିବା କୃଷ୍ଣସାଗର ବନ୍ଦର ସହର ଖେରସୋନ୍ ଏବଂ ଚେର୍ନିହିବ୍‌କୁ ରୁଷୀୟ ସୈନ୍ୟ ଦଖଲ କରିବା ପରେ ପ୍ରତିରକ୍ଷା ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ବିବେଚନା କରାଯାଉଥିବା ମରିଉପୋଲକୁ ଘେରିରହିଛନ୍ତି। କ୍ୱିଭ୍ ଅଭିମୁଖେ ଅଗ୍ରସର ହେଉଥିବା ରୁଷୀୟ ସୈନ୍ୟ ୩୦ କି.ମି. ବ୍ୟାପି ଲମ୍ବିଛନ୍ତି। ୟୁକ୍ରେନ୍‌ବାସୀଙ୍କ ପ୍ରତିରୋଧ, ଯାନ୍ତ୍ରିକ ତ୍ରୁଟି, ପ୍ରତିକୂଳ ପାଗ ଓ ଭିଡ଼ ଯୋଗୁ ସେମାନେ ଆଗକୁ ବଢ଼ିପାରୁ ନାହାନ୍ତି। କ୍ୱିଭ୍ ଅଭିମୁଖେ ଅଗ୍ରସର ହେବାରେ ରୁଷିଆକୁ ବିଶେଷ ସଫଳତା ମିଳି ନ ଥିବା ବ୍ରିଟେନ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଆକ୍ରମଣ ଅଷ୍ଟମ ଦିନରେ ପହଞ୍ଚିଥିବାବେଳେ ଅଦ୍ୟାବଧି ୨,୦୦୦ରୁ ଊର୍ଦ୍ଧ୍ୱ ୟୁକ୍ରେନୀୟ ନିହତ ହୋଇଥିବା କ୍ୱିଭ୍ ପକ୍ଷରୁ କୁହାଯାଇଛି। ତେବେ କେବଳ ୟୁକ୍ରେନ୍ ସୈନ୍ୟଙ୍କ ମୃତ୍ୟୁସଂଖ୍ୟା ୨,୮୭୦ ବୋଲି ରୁଷିଆ ଦାବି କରିଛି। ୟୁକ୍ରେନ୍ ଏମର୍ଜେନ୍ସି ସର୍ଭିସ୍ ମତରେ ଜବାବୀ କାର୍ଯ୍ୟାନୁଷ୍ଠାନରେ ୯,୦୦୦ ରୁଷୀୟ ସୈନ୍ୟଙ୍କ ଜୀବନ ଯାଇଛି। ସେହିପରି ବର୍ତ୍ତମାନ ସୁଦ୍ଧା ୟୁକ୍ରେନ୍‌ରୁ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଗଣପଳାୟନ କଲେଣି। ଆଗକୁ ଏହି ସଂଖ୍ୟା ଆହୁରି ବଢ଼ିପାରେ ବୋଲି ଜାତିସଂଘର ଶରଣାର୍ଥୀ ସଂସ୍ଥା ପକ୍ଷରୁ କୁହାଯାଇଛି। କ୍ୱିଭ୍ ସମେତ ଯୁଦ୍ଧ ପ୍ରଭାବିତ ଅଞ୍ଚଳରୁ ଲୋକଙ୍କୁ ସୁରକ୍ଷିତ ଭାବେ ପଳାୟନର ସୁଯୋଗ ଦେବା ପାଇଁ 'ହ୍ୟୁମାନିଟାରିଆନ୍ କରିଡର' କରିବା ନେଇ ରୁଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଘୋଷଣା କରାଯାଇଛି। ପାଶ୍ଚାତ୍ୟର କଟକଣାଗୁଡ଼ିକ ରୁଷିଆ ଅର୍ଥନୀତି ପାଇଁ ଅଭୂତପୂର୍ବ ସଙ୍କଟ ସୃଷ୍ଟି କରିଛି। ରୁଷିଆର ସାମରିକ ଅପରେଶନ ବିରୋଧରେ ପାଶ୍ଚାତ୍ୟର ପ୍ରତିକ୍ରିୟାକୁ ମସ୍କୋ ଏକ ଉନ୍ମାଦ ଭାବେ ଅଭିହିତ କରିଛି। ପୁଟିନ୍‌ଙ୍କ ସହଯୋଗୀ ଲାଭ୍ରୋଭ୍ ଆହୁରି କହିଛନ୍ତି, ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ଲଗାତର ୟୁକ୍ରେନ୍‌କୁ ରୁଷିଆ ବିରୋଧରେ ଢାଲ କରିବା ଲାଗି ଯୁଦ୍ଧାସ୍ତ୍ର ଓ ତାଲିମ ଦେଇ ପଡ଼ୋଶୀ ଦେଶରେ ନିଜ ସେନା ଶିବିର ପ୍ରତିଷ୍ଠା କରିବାରେ ଲାଗିଛନ୍ତି। ଏଭଳି ଉଦ୍ୟମ ଯୋଗୁ ରୁଷିଆ ପ୍ରତି ବିପଦ ସୃଷ୍ଟି ହୋଇଥିବାରୁ ମସ୍କୋ ବାଧ୍ୟହୋଇ ପଦକ୍ଷେପ ନେଉଥିବା ସେ ଦର୍ଶାଇଛନ୍ତି। ସେର୍ଗେଇଙ୍କ ମତରେ ରୁଷିଆ ନୁହେଁ, ବରଂ ପାଶ୍ଚାତ୍ୟର ରାଜନେତାମାନେ ଆଣବିକ ଯୁଦ୍ଧ ନେଇ ବିଚାର କରୁଛନ୍ତି। ଅନ୍ୟପକ୍ଷେ ଆମେରିକା ଓ ଏହାର ସହଯୋଗୀ ରାଷ୍ଟ୍ରଗୁଡ଼ିକ ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ୍ (ନାଟୋ)କୁ ଏକ ପ୍ରତିରକ୍ଷାତ୍ମକ ମେଣ୍ଟ ଭାବେ ଅଭିହିତ କରି ଏହି ସଙ୍ଗଠନରୁ ରୁଷିଆ ପ୍ରତି ବିପଦ ନ ଥିବା ଦର୍ଶାଇଛନ୍ତି।

ଓଡ଼ିଆ ଛାତ୍ରୀଛାତ୍ରଙ୍କୁ...

ଏଥିପାଇଁ ନୂଆଦିଲ୍ଲୀ ଆବାସିକ କମିଶନରଙ୍କ କାର୍ଯ୍ୟାଳୟ ନୋଡାଲ ଅଫିସ ଭାବେ କାର୍ଯ୍ୟ କରିବ। ଏ ବାବଦ ସମସ୍ତ ଖର୍ଚ୍ଚ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ବହନ କରାଯିବ ବୋଲି ଘୋଷଣା କରାଯାଇଛି। ପୋଲାଣ୍ଡ ପାଇଁ ସ୍ୱତନ୍ତ୍ର ପ୍ରତିନିଧି ଭାବେ କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟର ଉପସଭାପତି ବିକ୍ରମାଦିତ୍ୟଙ୍କୁ ଦାୟିତ୍ୱ ପ୍ରଦାନ ଦିଆଯାଇଛି। ହଙ୍ଗେରୀ ପାଇଁ ସ୍ୱତନ୍ତ୍ର ପ୍ରତିନିଧି ଭାବେ ୟୁଏନ୍‌ଏଚ୍‌ସିଆର୍‌ର ବରିଷ୍ଠ ଅଧିକାରୀ ଆରୁଷୀ ରାୟଙ୍କୁ ନିଯୁକ୍ତି ମିଳିଛି। ୟୁଏନ୍ ପଲିସି ଅଫିସର ବୈଶାଳୀ ମହାନ୍ତିଙ୍କୁ ରୋମାନିଆ ଦାୟିତ୍ୱ ଦିଆଯାଇଛି। ହଙ୍ଗେରୀ ପାଇଁ କନ୍‌ସଲଟାଣ୍ଟ ଭାବେ କାର୍ଯ୍ୟରତ ଅନୁରାଗ ପଟ୍ଟନାୟକଙ୍କୁ ସ୍ଲୋଭାକିଆ ଦାୟିତ୍ୱ ପ୍ରଦାନ କରାଯାଇଛି।

ରୁଷିଆର ପ୍ରଚଣ୍ଡ ଆକ୍ରମଣ ପରେ ବିଭିନ୍ନ ଦେଶର ଛାତ୍ରୀଛାତ୍ର ୟୁକ୍ରେନ୍‌ରେ ଫସି ରହିଛନ୍ତି। ଉଦ୍ଧାର ପାଇଁ ସେମାନେ ଆକୁଳ ନିବେଦନ କରୁଥିଲେ ମଧ୍ୟ ସେଠାକାର ସରକାର ସେମାନଙ୍କୁ ଫେରାଇ ଆଣିବାରେ ବିଫଳ ହେଉଛନ୍ତି। ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ଓଡ଼ିଶା ସରକାରଙ୍କ ଏଭଳି ପ୍ରୟାସ ୟୁକ୍ରେନ୍‌ରେ ଫସିଥିବା ଛାତ୍ରୀଛାତ୍ରଙ୍କ ପରିବାରକୁ ଆଶ୍ୱାସନା ଦେଇଛି। କେନ୍ଦ୍ର ସରକାରଙ୍କ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସ୍ୱତନ୍ତ୍ର ବିମାନ ଯୋଗେ ଛାତ୍ରୀଛାତ୍ରଙ୍କୁ ସ୍ୱଦେଶ ଅଣାଯାଉଛି। ସ୍ୱତନ୍ତ୍ର ପ୍ରତିନିଧିମାନେ ଦିଲ୍ଲୀସ୍ଥିତ ଆବାସିକ କମିଶନର ଓ ଛାତ୍ରୀଛାତ୍ରମାନେ ଥିବା ଦେଶ ସହିତ ଯୋଗାଯୋଗରେ ରହିବେ।

୨ ବର୍ଷ ହେଲା...

ଦୌଡି ପଳାଇ ଆସିଥିଲେ। ସେବେଠାରୁ ପରିବାର ଲୋକେ ବଦରୁଙ୍କୁ ନ୍ୟାୟ ଦାବି କରି ତାଙ୍କ ମୃତଦେହକୁ ବିଭିନ୍ନ ଜଡିବୁଟି, ତେଲ ଓ ଲୁଣର ପ୍ରଲେପ ଦେଇ ଏକ ଗାତ ଖୋଳି ସୁରକ୍ଷିତ ରଖିଛନ୍ତି। ଗ୍ରାମବାସୀ ଏଥିରେ ସହଯୋଗ କରି ଆସୁଛନ୍ତି। ସେମାନଙ୍କ କହିବା ଅନୁଯାୟୀ ବଦରୁ କେବେ ମାଓବାଦୀ ସଙ୍ଗଠନରେ କାର୍ଯ୍ୟ କରୁ ନ ଥିଲେ। ତାଙ୍କୁ ବିନା କାରଣରେ ପୋଲିସ ମାରିଦେଇଛି। ନ୍ୟାୟ ପାଇବା ଯାଏ ଆମେ ତାଙ୍କ ମରଶରୀରକୁ ଏଭଳି ସାଇତି ରଖିବୁ ବୋଲି ଗ୍ରାମବାସୀ କହିଛନ୍ତି। ସୂଚନାଯୋଗ୍ୟ, ସେ ସମୟରେ ପରିବାର ଲୋକେ ଦାନ୍ତେୱାଡା ପୋଲିସ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ କୌଣସି ପଦକ୍ଷେପ ନେଇ ନ ଥିଲା। ଏବେ ଏହି ଘଟଣା ଲୋକ ଲୋଚନକୁ ଆସିଲା।

ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

ମେଷ
କୌଣସି ବନ୍ଧୁ ଓ ସ୍ୱପରିଜନଙ୍କୁ ଦେଖିବା ପାଇଁ ବ୍ୟାକୁଳ ହୋଇପାରନ୍ତି। ପାଇବେ ଯେମିତି ଖର୍ଚ୍ଚ ମଧ୍ୟ କରିବେ ସେମିତି। ନିଜ କାମକୁ ଉତ୍ସାହର ସହ କରିବାରେ ସମର୍ଥ ହେବେ। ଛୋଟ କଥାକୁ କେନ୍ଦ୍ରକରି ପାରିବାରିକ ଶାନ୍ତି ବ୍ୟାହତ ଆଶଙ୍କା ରହିଛି। କର୍ମକ୍ଷେତ୍ରରେ ସତର୍କତାର ସହ ଚଳନ୍ତୁ, ଅନ୍ୟଥା ସାଧାରଣ ଘଟଣା ଭିନ୍ନରୂପ ନେଇପାରେ।

ବୃଷ
ଯେମିତି ବିଚାର କରିଛନ୍ତି ସେହିପରି କାମ କରିଚାଲନ୍ତୁ ଆଶା ନିଶ୍ଚିତ ପୂରଣ ହୋଇପାରିବ। କୃତିକା ନକ୍ଷତ୍ରର ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ ପାଇଁ ବିଳମ୍ବ ଘଟିପାରେ। ବିବାଦୀୟ ଘଟଣାଠାରୁ ଦୂରେଇ ନ ରହିଲେ ନିଜ ଉପରକୁ ଝମେଲା ଆସିପାରେ। କର୍ମକ୍ଷେତ୍ରରେ ଟେନସନ୍ କମିଯିବ ଏବଂ ସହଯୋଗ ଭିତ୍ତିରେ କାମ କଲେ ଉପକାର ପାଇବେ।

ମିଥୁନ
ଯେଉଁ କାମରେ ହାତ ଦେବେ ସଫଳତା ଅର୍ଜନ କରିବେ। ସଂଗଠନରେ କିମ୍ବା ରାଜନୀତିରେ ଦୃଢ଼ ପୃଷ୍ଠପୋଷକତା ଯୋଗୁ ଲକ୍ଷ୍ୟ ହାସଲରେ ଆଗେଇ ଯିବେ। ନିଜ ଲୋକମାନେ କହିବେ ଗୋଟିଏ କଥା ଏବଂ କାମ ବେଳକୁ ଠିକ୍ ତାହାର ଓଲଟା କରିପାରନ୍ତି। ସ୍ୱାସ୍ଥ୍ୟ ସମସ୍ୟା କେତେକାଂଶରେ ପ୍ରଗତିର ପଥରୋଧ କରିବ।

କର୍କଟ
ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ଏକ ଭିନ୍ନ ପରିସ୍ଥିତିରେ ସାଧାରଣ କଥାରେ ବନ୍ଧୁ ମୁହଁ ଫଣ ଫଣ କରିପାରନ୍ତି। ଆନୁଷ୍ଠାନିକ କାମ, ମନୋରଞ୍ଜନ, ଆଧ୍ୟାତ୍ମିକ ଆଲୋଚନା ତଥା ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ବ୍ୟବସାୟ ଓ ପରିବହନରେ ଲାଭବାନ୍ ହେବେ।

ସିଂହ
ଆଗାମୀ ସମୟର କେତେକ ଅଧୁରା କାମକୁ ସୁଧାରି ନେବାର ଚେଷ୍ଟା କରିବେ। ସାମାଜିକ ସ୍ତରରେ ଉଚ୍ଚବର୍ଗର ବ୍ୟକ୍ତିବିଶେଷଙ୍କ ସାନ୍ନିଧ୍ୟ ଲାଭ କର ଖୁସି ହେବେ। ତଥାପି ସାମୟିକ ଭାବରେ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବ। ଅପରାହ୍ନରେ ସାମାନ୍ୟ ଶାରୀରିକ ପୀଡ଼ା ଅନୁଭବ କରିବେ।

କନ୍ୟା
ସାହାଯ୍ୟ କରିବାକୁ କଥା ଦେଇଥିବା ଲୋକଟି ପରକ୍ଷଣରେ ନାସ୍ତିବାଣୀ ଶୁଣାଇପାରେ। ପାରିବାରିକ କ୍ଷେତ୍ର ଏବଂ ବ୍ୟବସାୟ, ବାଣିଜ୍ୟାଦିରେ ତର୍କବିତର୍କର ସମ୍ମୁଖୀନ ହୋଇପାରନ୍ତି। କର୍ମକ୍ଷେତ୍ରରେ ଉଚ୍ଚ ପଦାଧିକାରୀ ସହଯୋଗ କରିବାର ପ୍ରତିଶ୍ରୁତି ଦେବେ। ଆଇନ ଅଦାଲତରୁ ସୁଫଳ ପାଇବେ ଏବଂ ସମସ୍ୟା ସମାଧାନ ହୋଇଯିବ।

ତୁଳା
କର୍ମକ୍ଷେତ୍ରରେ ବିଭିନ୍ନ ଯୋଜନାର କାମ ହାତକୁ ନେଇ ବ୍ୟସ୍ତବିବ୍ରତ ହୋଇପାରନ୍ତି। ଆର୍ଥିକ ସ୍ଥିତି, ପାରିବାରିକ କ୍ଷେତ୍ର, ସ୍ୱାସ୍ଥ୍ୟ ସମସ୍ୟା, ସନ୍ତାନଙ୍କ ଶିକ୍ଷା, ପରୀକ୍ଷାଦି ବିଷୟରେ ଚିନ୍ତିତ ରହିପାରନ୍ତି। ଆନୁଷ୍ଠାନିକ କାମ, ବ୍ୟ

କରୋନା ସଂକ୍ରମଣ ସ୍ଥିତି

	ଆକ୍ରାନ୍ତ	ମୃତ୍ୟୁ	ଆରୋଗ୍ୟ
ବିଶ୍ୱ	୪୪,୧୧,୮୫,୮୬୬	୫୯,୯୬,୦୫୪	୩୭,୪୦,୬୨,୩୫୭
ଭାରତ	୪,୨୯,୪୫,୧୬୦	୫,୧୪,୪୧୯	୪,୨୩,୫୩,୬୨୦
ଓଡ଼ିଶା	୧୨,୮୫,୪୮୭	୯୦୮୫(+୫୩)	୧୨,୭୪,୭୫୬

ଗୁରୁବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

ସଚେତନତା ସତ୍ତ୍ୱେ ବଢୁଛି ସାଇବର ଅପରାଧ

ମାସକରେ ଲୁଟିଲେ ୧.୩୯ କୋଟି

■ ଫେରିଛି ମାତ୍ର ୧୦ ଲକ୍ଷ ୫୨ ହଜାର

ଭୁବନେଶ୍ୱର,୩।୩(ବ୍ୟୁରୋ)

ଦିନକୁ ଦିନ ସାଇବର ଠକଙ୍କ ଉତ୍ପାତ ବଢ଼ିବାରେ ଲାଗିଛି। ସରକାର ଏବଂ ପୋଲିସ ପକ୍ଷରୁ ଜନସାଧାରଣଙ୍କୁ ବାରମ୍ବାର ସଚେତନ କରାଯାଉଥିଲେ ମଧ୍ୟ ସାଇବର ଠକଙ୍କ ଜାଲରେ ପଡ଼ି ସେମାନେ ଲକ୍ଷ ଲକ୍ଷ ଟଙ୍କା ହରାଉଛନ୍ତି। ଗତ ଜାନୁୟାରୀ ମାସରେ ରାଜଧାନୀରୁ ୧ କୋଟି ୩୧ ଲକ୍ଷ ୨୫ ହଜାର ୩୦ ଟଙ୍କା ଠକେଇ ହୋଇଥିବାବେଳେ ଫେବୃୟାରୀରେ ଠକେଇର ପରିମାଣ ବଢ଼ିଛି ଥିବା ଜଣାପଡ଼ିଛି। ଭୁବନେଶ୍ୱର ସାଇବର୍ କ୍ରାଇମ ହେଲ୍ପ ଡେସ୍କ ପକ୍ଷରୁ ଗୁରୁବାର ମିଳିଥିବା ରିପୋର୍ଟ ଅନୁସାରେ ଫେବୃୟାରୀରେ ଭୁବନେଶ୍ୱରରୁ ସାଇବର ଠକମାନେ ୧ କୋଟି ୩୯ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଲୁଟି ନେଇଛନ୍ତି। ହେଲ୍ପ ଡେସ୍କ ଓ ଅର୍ଥନୈତିକ ଅପରାଧ ଥାନାର ମିଳିତ ଉଦ୍ୟମରେ ଜାନୁୟାରୀରେ ଠକେଇ ହୋଇଥିବା ଟଙ୍କାରୁ ମାତ୍ର ଅଳ୍ପ ଟଙ୍କା ଫେରାଇ ଅଣାଯାଇ ପାରିଛି।

ରିପୋର୍ଟ ଅନୁଯାୟୀ, ଫେବୃୟାରୀରେ ହେଲ୍ପ ଡେସ୍କକୁ ସାରା

ଓଡ଼ିଶାରୁ ୨୮୮ କଲ୍ ଆସିଛି। ସେଥିମଧ୍ୟରୁ ଭୁବନେଶ୍ୱରରୁ କେବଳ ୨୫୪ ହୋଇଥିବାବେଳେ ରାଜ୍ୟର ଅନ୍ୟାନ୍ୟ ଜିଲାରୁ ୩୪ ଅଭିଯୋଗ ଆସିଛି। କେବଳ ଭୁବନେଶ୍ୱରରୁ ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍ (ୟୁପିଆଇ) ଠକେଇ ସମ୍ପର୍କୀୟ ୯୪ ଅଭିଯୋଗ, କ୍ରେଡିଟ କାର୍ଡ/ ଡେବିଟ୍ କାର୍ଡ ଦ୍ୱାରା ୯୭ ଏବଂ ଅନ୍ୟାନ୍ୟ ଠକେଇ ସମ୍ବନ୍ଧୀୟ ୬୩ କଲ୍ ଆସିଛି। ଭୁବନେଶ୍ୱରରୁ ସାଇବର ଠକମାନେ ୧ କୋଟି ୩୯ ଲକ୍ଷ ୬୦ହଜାର ୪୭୯ ଟଙ୍କା ଲୁଟିଥିବାବେଳେ ହେଲ୍ପ ଡେସ୍କ ଓ ସାଇବର ଥାନା ପକ୍ଷରୁ ମାତ୍ର ୧୦ଲକ୍ଷ ୫୨ ହଜାର ୮୦୨ ଟଙ୍କା ଉଦ୍ଧାର କରାଯାଇଛି। ସେହିପରି ଠକେଇ ହୋଇଥିବା ୧୨ଲକ୍ଷ ୭୩ ହଜାର ୪୮୩ ଟଙ୍କା ବ୍ଲକ କରାଯାଇଥିବାବେଳେ ସାଇବର ସୁରକ୍ଷା ପୋର୍ଟାଲ ଦ୍ୱାରା ୬୪ଟି ନମ୍ବରକୁ ବ୍ଲକ କରାଯାଇଛି। ଏନେଇ ସାଇବର କ୍ରାଇମ୍ ଓ ଅର୍ଥନୈତିକ ଅପରାଧ ଥାନାରେ ୬ଟି ମାମଲା ରୁଜୁ କରାଯାଇଛି। ଏହିକ୍ରମରେ ୩ଜଣ ଅଭିଯୋଗକାରୀଙ୍କ ଠକେଇ ହୋଇଥିବା ୧ଲକ୍ଷ ୧୫ହଜାର ୨୬୫ ଟଙ୍କା, ୧ ଲକ୍ଷ ୧୫ହଜାର ୫୦୦ ଟଙ୍କା ଓ ୧ ଲକ୍ଷ ଟଙ୍କା ଲେଖାଏ ଫେରସ୍ତ କରାଯାଇଥିବା କମିଶନରେଟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

୭୫ ମିଟର ବାହାରେ ହେବ ଅଢ଼େଇ ମିଟର ରାସ୍ତା

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ

ପୁରୀ ଅଫିସ,୩।୩

ଶ୍ରୀକ୍ଷେତ୍ରରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଏବେ ଜୋରସୋରରେ ଆଗେଇ ଚାଲିଛି। ଅଧିକାଂଶ ସ୍ଥାନରୁ ଉଚ୍ଛେଦ କାର୍ଯ୍ୟ ପ୍ରାୟ ଶେଷ ହୋଇଯାଇଥିବା ବେଳେ ନୂଆ ରୂପ ଦେବା ପାଇଁ ନିର୍ମାଣ କାର୍ଯ୍ୟ ହେଉଛି। ଏହି ଅବସରରେ ଗୁରୁବାର ଓଡ଼ିଶା ସେତୁ ନିର୍ମାଣ ନିଗମ(ଓବିସିସି)ର ବରିଷ୍ଠ ଅଧିକାରୀ ଓ କର୍ତ୍ତୃପକ୍ଷମାନେ ପୁରୀ ଆସି ପରିକ୍ରମା ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଶ୍ରୀମନ୍ଦିର ଚାରିପାଖ ବୁଲି ଦେଖିବା ସହ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ବୁଝିଛନ୍ତି। ମେଘନାଦ ପ୍ରାଚୀରଠାରୁ ୭୫ ମିଟର ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ଚାଲୁଥିବା ବେଳେ ସାହି ଗଳିକୁ ଲାଗିଥିବା ରାସ୍ତା ସମ୍ପୂର୍ଣ୍ଣ ପ୍ରକଳ୍ପ ମଧ୍ୟରେ ଚାଲିଆସୁଛି। ଫଳରେ ବଡ଼ଦାଣ୍ଡକୁ ସାହିବାସିନ୍ଦାଙ୍କ ସିଧାସଳଖ ଯାତାୟାତ ବାଧାପ୍ରାପ୍ତ ହେବ। ଏହାକୁ ଦୃଷ୍ଟିରେ ରଖି ୭୫ ମିଟର ଶେଷ ହେଉଥିବା ସ୍ଥାନରୁ ଅଢେଇ ମିଟରର ଏକ ରାସ୍ତା ନିର୍ମାଣ କରାଯିବ। ଏହା ସାହି ଗଳିରୁ ବାହାରି ପ୍ରକଳ୍ପର ପାର୍ଶ୍ୱ ଦେଇ ବଡ଼ଦାଣ୍ଡଠାରେ ବାହାରିବ। ଫଳରେ ଶ୍ରୀମନ୍ଦିର ଚାରିପାଖରେ ଥିବା ବାସିନ୍ଦାମାନେ ବଡ଼ଦାଣ୍ଡକୁ ଯିବା ସହଜ ହେବ। ବିଶେଷ ଭାବେ ପଶ୍ଚିମପଟେ ଏଭଳି ରାସ୍ତା ପାଇଁ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ଓବିସିସି ପକ୍ଷରୁ ସୂଚନା ମିଳିଛି। ଅନ୍ୟପକ୍ଷେ ଶ୍ରୀମନ୍ଦିର ପ୍ରକଳ୍ପ କାର୍ଯ୍ୟକୁ ନେଇ ଏଏସ୍ଆଇ ଓ ଏନଏମ୍ଏର ଅନୁମୋଦନ ନ ଥିବା ନେଇ ଚର୍ଚ୍ଚା ଜୋର ଧରିଥିଲେ ମଧ୍ୟ ପ୍ରକଳ୍ପ କାର୍ଯ୍ୟ ପ୍ରଭାବିତ ହେବା ନେଇ କୌଣସି ଆଶଙ୍କା ଦେଖାଯାଉ ନାହିଁ।

ଅଟୋ ସେକ୍ଟରକୁ ଜିଏସ୍‌ଟି ରିହାତି ମିଳୁ

କୋଭିଡ୍ ମହାମାରୀ ଯୋଗୁ ପ୍ରଭାବିତ ହୋଇଥିବା ବ୍ୟବସାୟିକ କ୍ଷେତ୍ରଗୁଡ଼ିକ ମଧ୍ୟରୁ ଅଟୋ ଉଦ୍ୟୋଗ ପ୍ରମୁଖ। ସମ୍ପ୍ରତି ସ୍ଥିତି ସୁଧୁରିବାରେ ଲାଗିଥିବାବେଳେ ଗାଡ଼ିଗୁଡ଼ିକର ବଜାର ଦରରେ ୩୦% ବୃଦ୍ଧି ଯୋଗୁ ଲୋକଙ୍କ କିଣିବା ଆଗ୍ରହ କମିଯାଉଛି। ଏଭଳି ସ୍ଥିତିରେ ଅଟୋମୋବାଇଲ୍ କ୍ଷେତ୍ରକୁ ଜିଏସ୍‌ଟିରେ ରିହାତି ଦେବା ଆବଶ୍ୟକ ବୋଲି ଧରିତ୍ରୀକୁ ସାକ୍ଷାତ୍‌କାର ଦେବାବେଳେ ସମ୍ବଲପୁରସ୍ଥିତ ଉଜ୍ଜ୍ୱଳ ବଜାଜର ବ୍ୟବସାୟିକ ପାର୍ଟନର ଦୀପକ କୁମାର ଶର୍ମା କହିଛନ୍ତି।

ଦୀପକ କୁମାର ଶର୍ମା, ବ୍ୟବସାୟିକ ପାର୍ଟନର, ଉଜ୍ଜ୍ୱଳ ବଜାଜ, ସମ୍ବଲପୁର

❖ ବର୍ତ୍ତମାନ ପର୍ଯ୍ୟନ୍ତ ଉଜ୍ଜ୍ୱଳ ବଜାଜର ଯାତ୍ରା କିପରି ରହିଛି?

୨୦୦୫ରେ ଆମେ ଅଟୋମୋବାଇଲ୍ କ୍ଷେତ୍ରରେ ପାଦ ଦେଇଥିଲୁ। ସମ୍ବଲପୁର ସହରରେ ପ୍ରଥମେ ଉଜ୍ଜ୍ୱଳ ବଜାଜ ଶୋ'ରୁମ୍ ଆରମ୍ଭ କରିଥିଲୁ। ପରବର୍ତ୍ତୀ ସମୟରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାରେ ବ୍ୟବସାୟ ବଢ଼ାଇବା ଦିଗରେ କାର୍ଯ୍ୟ କରିଥିଲୁ। ବର୍ତ୍ତମାନ ସମ୍ବଲପୁର ସମେତ ପଶ୍ଚିମ ଓଡ଼ିଶାର ଝାରସୁଗୁଡା, ସୁବର୍ଣ୍ଣପୁର, ବୌଦ୍ଧ ଓ ଦେବଗଡ଼ ଜିଲାରେ ଆମର ବଜାଜ ଶୋ'ରୁମ୍ ରହିଛି।

❖ ଆପଣଙ୍କ କମ୍ପାନୀର ୟୁଏସ୍‌ପି କ'ଣ ରହିଛି ଏବଂ ଶୋ'ରୁମ୍‌ରେ ବର୍ତ୍ତମାନ କେଉଁ ସବୁ ମଡେଲ୍ ଉପଲବ୍ଧ?

ବଜାଜ ଏକ ସ୍ୱଦେଶୀ କମ୍ପାନୀ। ୧୯୪୫ରେ ଏହା ଆରମ୍ଭ ହୋଇଥିଲା। ପ୍ରଥମେ ବଜାଜ ସ୍କୁଟରର ବଜାର ପ୍ରବେଶ ହୋଇଥିଲା। ବଜାଜ କମ୍ପାନୀ ସର୍ବଦା ଲୋକଙ୍କ ଆବଶ୍ୟକତା ଏବଂ ଚାହିଦାକୁ ଆଖି ଆଗରେ ରଖି ବାଇକ୍ ନିର୍ମାଣ କରିଥାଏ। ସେଥିପାଇଁ ମୋଟରସାଇକେଲ୍ ନିର୍ମାଣରେ ବଜାଜ୍ ସାରା ବିଶ୍ୱରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। କମ୍ପାନୀର ପଲ୍‌ସର ବାଇକ୍ ସଫଳତାର ଶୀର୍ଷକୁ ଛୁଇଁଛି। ବର୍ତ୍ତମାନ ଏହି କମ୍ପାନୀର ଗାଡ଼ିଗୁଡ଼ିକ ୭୦ଟି ଦେଶରେ ବିକ୍ରି ହେଉଛି। ଆମ ଶୋ'ରୁମ୍‌ଗୁଡ଼ିକରେ ମଧ୍ୟ ସମସ୍ତ ମଡେଲ୍‌ର ଗାଡ଼ି ଉପଲବ୍ଧ ରହିଛି। ବିଶ୍ୱରେ ଜଳବାୟୁ ପରିବର୍ତ୍ତନ ଯୋଗୁ ପରିବେଶ ପ୍ରଦୂଷିତ ହେବାରେ ଲାଗିଥିବାରୁ ସରକାର ଇଲେକ୍‌ଟ୍ରିକ୍ ବାଇକ୍ ପ୍ରଚଳନ ଉପରେ ଗୁରୁତ୍ୱାରୋପ କରୁଛନ୍ତି। ଏ ଦିଗରେ ବଜାଜ୍ କମ୍ପାନୀ ସରକାରଙ୍କୁ ସମର୍ଥନ କରିବା ସହିତ ୨୦୨୩ ସୁଦ୍ଧା ଇଲେକ୍ଟ୍ରିକ୍ ଗାଡ଼ିର ବଜାର ପ୍ରବେଶ ପାଇଁ ଲକ୍ଷ୍ୟ ରଖିଛି।

❖ ସଫଳତାର ଶ୍ରେୟ ଆପଣ କାହାକୁ ଦେବେ?

ସଫଳତାର ଶ୍ରେୟ ସମସ୍ତ ଗ୍ରାହକଙ୍କୁ ଦେବି। ଗ୍ରାହକଙ୍କର ଆମ ଉପରେ ଥିବା ଦୃଢ଼ ବିଶ୍ୱାସ ଯୋଗୁ ଆମେ ଆଜି ଏହି ସ୍ତରରେ ପହଞ୍ଚିପାରିଛୁ। ଅନ୍ୟପଟେ ବଜାଜ କମ୍ପାନୀ ମଧ୍ୟ ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ବଜାରକୁ ନୂତନ ଜ୍ଞାନକୌଶଳରେ ନିର୍ମିତ ଗାଡ଼ି ଯୋଗାଇଦେଉଛି। ଫଳରେ ଉଜ୍ଜ୍ୱଳ ବଜାଜ ସଫଳ ହୋଇପାରିଛି।

❖ ବଜେଟ-୨୦୨୨ ଉପରେ ଆପଣଙ୍କର ମତ କ'ଣ?

କେନ୍ଦ୍ର ବଜେଟ ୨୦୨୨-୨୩ରେ ମଧ୍ୟବିତ୍ତଙ୍କ ପାଇଁ ବିଶେଷ କିଛି ସୁବିଧା ନାହିଁ। କୋଭିଡ୍ ଲକ୍‌ଡାଉନ୍ ଯୋଗୁ ଅନେକ ଜିନିଷର ବଜାର ଦର ବୃଦ୍ଧି ପାଇଛି। ପେଟ୍ରୋଲ ଦର ଆକାଶଛୁଆଁ ହୋଇଥିବାବେଳେ ଗାଡ଼ିଗୁଡ଼ିକର ମୂଲ୍ୟରେ ୩୦ ପ୍ରତିଶତ ବୃଦ୍ଧି ହୋଇଛି। ଫଳରେ ଜନସାଧାରଣ ନୂଆ ଗାଡ଼ି କିଣିବାକୁ ବିଶେଷ ଆଗ୍ରହ ପ୍ରକାଶ କରୁନାହାନ୍ତି। ତେଣୁ ବର୍ତ୍ତମାନ ସ୍ଥିତିରେ ସରକାର ଅଟୋମୋବାଇଲ୍ କ୍ଷେତ୍ରକୁ ଜିଏସ୍‌ଟିରେ ରିହାତି ଦେବା ଜରୁରୀ ହୋଇପଡ଼ିଛି। ଏହାଦ୍ୱାରା ଗ୍ରାହକମାନେ ନୂଆ ଗାଡ଼ି କିଣିବାକୁ ଆଗ୍ରହ ପ୍ରକାଶ କରିବେ।

❖ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ଆପଣଙ୍କ କି ଯୋଜନା ରହିଛି?

ବଜାଜ କମ୍ପାନୀ ଯାହା ଯୋଜନା କରିବ, ଆମେ ତାହା କରିବୁ। ମୁଖ୍ୟତଃ ଆଗାମୀ ଦିନ ପାଇଁ ଇଲେକ୍ଟ୍ରିକ୍ ବାଇକ୍ ଉପରେ ଫୋକସ୍ ରହିବ। ବର୍ତ୍ତମାନ ବଜାରରେ ବିଏସ୍-୬ ଚାଲୁଛି। କିନ୍ତୁ ଇଲେକ୍ଟ୍ରିକ୍ ଗାଡ଼ିର ମୂଲ୍ୟ ଅଧିକ ରହିଛି। ତେଣୁ ସରକାର ଗ୍ରାହକମାନଙ୍କୁ କିଛି ରିହାତି ଦେବା ସହିତ ସଚେତନ କରିବା ଆବଶ୍ୟକ। ଏଥିସହିତ ରାସ୍ତା ଏବଂ ପେଟ୍ରୋଲ୍ ପମ୍ପଗୁଡ଼ିକରେ ଚାର୍ଜିଂ ପଏଣ୍ଟ ସ୍ଥାପନ କଲେ ଇଲେକ୍ଟ୍ରିକ୍ ବାଇକ୍‌ର ବ୍ୟବହାର ସୁବିଧାଜନକ ହୋଇପାରିବ।

ଏମ୍ସରେ ବାର୍ଦ୍ଧକ୍ୟ ରୋଗ ଚିକିତ୍ସା ନିମନ୍ତେ କ୍ଲିନିକ୍

ଭୁବନେଶ୍ୱର, ୩।୩(ବ୍ୟୁରୋ)

ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟସେବା ଉପରେ ସ୍ୱତନ୍ତ୍ର ଧ୍ୟାନ ଦେଇଛି ଏମ୍ସ ଭୁବନେଶ୍ୱର। ବାର୍ଦ୍ଧକ୍ୟ ରୋଗଜନିତ ଚିକିତ୍ସା ନିମନ୍ତେ ଏମ୍ସର ମେଡିସିନ୍(ଭେଷଜ) ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର କ୍ଲିନିକ୍ ସେବା ଆରମ୍ଭ କରାଯାଇଛି। ଏହା ସପ୍ତାହର ପ୍ରତି ମଙ୍ଗଳବାର ଅପରାହ୍ନ ୨ ଟାରୁ ୫ ଟା ପର୍ଯ୍ୟନ୍ତ ସେବା ଯୋଗାଇବ। ବିଭାଗର ଅତିରିକ୍ତ ପ୍ରଫେସର ଡା. ରଶ୍ମି ରଞ୍ଜନ ମହାନ୍ତି ଏହି କ୍ଲିନିକର ମୁଖ୍ୟ ଭାବେ କାର୍ଯ୍ୟ ତୁଲାଇବେ। ଏ ସମ୍ପର୍କରେ ଡା. ମହାନ୍ତି କହିଛନ୍ତି, ଏହି କ୍ଲିନିକ ବାର୍ଦ୍ଧକ୍ୟଜନିତ ରୋଗର ସାମଗ୍ରିକ ଚିକିତ୍ସା କ୍ଷେତ୍ରରେ ବିଶେଷ ସହାୟକ ହେବ। ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟସେବାକୁ ଆଦୌ ଅଣଦେଖା କରିବା ଉଚିତ୍ ନୁହେଁ ବୋଲି କୋଭିଡ୍ ମହାମାରୀ ସମୟରେ ଏହା ସ୍ପଷ୍ଟ ହୋଇଛି। ୨୦୩୧ ସୁଦ୍ଧା ଭାରତର ମୋଟ ଜନସଂଖ୍ୟାର ପ୍ରାୟ ୧୩.୧ ପ୍ରତିଶତ ବରିଷ୍ଠ ନାଗରିକଙ୍କ ଦ୍ୱାରା ପୂର୍ଣ୍ଣ ହେବ। ତେଣୁ ସେମାନଙ୍କ ଚିକିତ୍ସା ତଥା ସ୍ୱାସ୍ଥ୍ୟସେବାକୁ ଏମ୍ସ ଭୁବନେଶ୍ୱର ଗୁରୁତ୍ୱର ସହିତ ନେଇ ଏପରି ସେବା ଆରମ୍ଭ କରିଛି। ଏହି କ୍ଲିନିକ୍ ମାଧ୍ୟମରେ ବରିଷ୍ଠ ନାଗରିକଙ୍କ ମଧୁମେହ, ଉଚ୍ଚ ରକ୍ତଚାପ, ମୋଟାପଣ,

■ **ପ୍ରତି ମଙ୍ଗଳବାର ଅପରାହ୍ନ ୨ ରୁ ୫ ପର୍ଯ୍ୟନ୍ତ ମିଳିବ ସେବା**

କୋଷ୍ଠକାଠିନ୍ୟ, ସିଓପିଡି, ହୃଦ୍‌ଜନିତ, ବୃକ୍କ ଏବଂ ମାନସିକ ରୋଗ ଭଳି ବିଭିନ୍ନ ସମସ୍ୟାର ସମାଧାନ କରାଯାଇ ପାରିବ ବୋଲି ଡା. ମହାନ୍ତି ସୂଚନା ଦେଇଛନ୍ତି।

ଏହି ଅବସରରେ ଜେରିଆଟ୍ରିକ୍ ଯତ୍ନର ବିଭିନ୍ନ ଦିଗ ଉପରେ ଆଲୋଚନା ପାଇଁ ଏକ ୱେବିନାର ଆୟୋଜନ କରାଯାଇଥିଲା। କ୍ରମବର୍ଦ୍ଧିଷ୍ଣୁ ସହରୀକରଣ ଓ ଜୀବନଶୈଳୀରେ ବ୍ୟାପକ ପରିବର୍ତ୍ତନ ବାର୍ଦ୍ଧକ୍ୟଜନିତ ରୋଗର ଚିକିତ୍ସା କ୍ଷେତ୍ରରେ ଏକ ପ୍ରମୁଖ ଆହ୍ୱାନ ପାଲଟିଛି। ଏମ୍ସ ଭୁବନେଶ୍ୱରରେ ଏକ ସ୍ୱତନ୍ତ୍ର ଜେରିଆଟ୍ରିକ୍ କେୟାର କ୍ଲିନିକ୍ ଆରମ୍ଭ ହେବା ଦ୍ୱାରା ରାଜ୍ୟବାସୀଙ୍କ ପାଇଁ ନିହାତି ଉତ୍ସାହଜନକ ବୋଲି ବିଶିଷ୍ଟ ଚିକିତ୍ସକ ତଥା ଏମ୍ସ ଦିଲ୍ଲୀ ଜେରିଆଟ୍ରିକ୍ ବିଭାଗର ପ୍ରତିଷ୍ଠାତା ପ୍ରଫେସର ଡା. ଏ.ବି. ଦେ କହିଛନ୍ତି। ଏମ୍ସ ଭୁବନେଶ୍ୱର ମେଡିସିନ ବିଭାଗର ଡା. ଅନୁପମା ବେହେରା ଓ ଡା. ଧୃତୀ ସୁନ୍ଦର ଦାଶ ମଧ୍ୟ ଏହି ସ୍ୱତନ୍ତ୍ର କ୍ଲିନିକରେ କାର୍ଯ୍ୟ କରିବେ ବୋଲି ସୂଚନା ଦିଆଯାଇଛି।

ମତାମତ ରଖିବାକୁ ମନ୍ତ୍ରୀଙ୍କୁ ନିର୍ଦ୍ଦେଶ

ଲୋକାୟୁକ୍ତରେ ଆରୁହା ପାହାଡ଼ କଳାପଥର ଲୁଟ୍ ମାମଲା

■ **ଏପ୍ରିଲ ୮ ସୁଦ୍ଧା ଜବାବ ଦାଖଲ ନିର୍ଦ୍ଦେଶ**

■ **ଭୁଲ ମାଇନିଂ ପ୍ଲାନ୍‌କୁ ମଞ୍ଜୁରୀ ଦେଇ ଅଡୁଆରେ ଭୂବିଜ୍ଞାନ ଯୁଗ୍ମ ନିର୍ଦ୍ଦେଶକ**

ଯାଜପୁର ଅଫିସ,୩।୩

ଯାଜପୁର ଜିଲା ଧର୍ମଶାଳା ତହସିଲ ଅଧୀନ ଆରୁହା ପାହାଡ଼ରୁ କଳାପଥର ଲୁଟ୍, ଜାଲିଆତି ଅଭିଯୋଗ ମାମଲାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀଙ୍କୁ ମତାମତ ରଖିବାକୁ ଲୋକାୟୁକ୍ତ ଅଧ୍ୟକ୍ଷ ନିର୍ଦ୍ଦେଶ ଦେଇଛନ୍ତି। ୮।୪।୨୦୨୨ରେ ମାମଲାର ପରବର୍ତ୍ତୀ ଶୁଣାଣି ସମୟରେ ମତାମତ ଦାଖଲ କରିବାକୁ ଲୋକାୟୁକ୍ତ ଗତ ୨୫ତାରିଖରେ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଏହି ମାମଲାରେ ନିଜର ମତାମତ ରଖିବାକୁ ପୂର୍ବରୁ ରାଜସ୍ୱ ମନ୍ତ୍ରୀ ବ୍ୟକ୍ତିଗତ ସଚିବଙ୍କ ଜରିଆରେ ପତ୍ର ସଂଖ୍ୟା. ୫୯/୧୪।୨।୨୦୨୨ରେ ଲୋକାୟୁକ୍ତଙ୍କୁ ଜଣାଇଥିଲେ। ଉକ୍ତ ପତ୍ରକୁ ଆଧାର କରି ମନ୍ତ୍ରୀଙ୍କୁ ଲୋକାୟୁକ୍ତ ନୋଟିସ୍ କରିଛନ୍ତି। ଏହାବାଦ୍ ପ୍ରାଥମିକ ତଦନ୍ତରେ ଢେଙ୍କାନାଳ ଭୂବିଜ୍ଞାନ, ଜୋନାଲ ସର୍ଭେ ଯୁଗ୍ମ ନିର୍ଦ୍ଦେଶକ ଅମୀୟ କୁମାର ରାଉତଙ୍କ ନାମ ଭୁଲ ଥିଲା । ତାଙ୍କ ପ୍ରକୃତ ନାମ ଅନୂପ କୁମାର ରାଉତ ବୋଲି ଶୁଣାଣି ରିପୋର୍ଟରେ ଦର୍ଶାଯାଇଛି। ଇତିମଧ୍ୟରେ ସେ ଅବସର ନେଇସାରିଛନ୍ତି। ତାଙ୍କ ପ୍ରକୃତ ଠିକଣା ଭୁବନେଶ୍ୱର ଦୁର୍ଗାମାଧମ ନଗର, ପ୍ଲଟ ନମ୍ବର ୨୦, ଲେନ୍ ନମ୍ବର ୫। ତେଣୁ ତାଙ୍କୁ ମଧ୍ୟ ପରବର୍ତ୍ତୀ ଶୁଣାଣିରେ ଉପସ୍ଥିତ ରହିବାକୁ ତାଙ୍କ ବର୍ତ୍ତମାନ ଠିକଣାରେ ନୋଟିସ କରିବାକୁ ଲୋକାୟୁକ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏହି ଶୁଣାଣିରେ ଆରୁହା ସର୍କଲର ପୂର୍ବତନ ଆର୍‌ଆଇ ବାସୁଦେବ ସାହୁ, ଲିଜ୍‌ଧାରୀ ତ୍ରିନାଥ ଜେନା, ପୂର୍ବତନ ଧର୍ମଶାଳା ତହସିଲଦାର ତଥା ବର୍ତ୍ତମାନର ଗଜପତି ଡେପୁଟି କଲେକ୍ଟର ପ୍ରଭାସ କୁମାର ବେହୁରା ପ୍ରମୁଖ ଉପସ୍ଥିତ ରହି ତାଙ୍କର ଜବାବ ରଖିଥିଲେ। ଲୋକାୟୁକ୍ତରେ ହୋଇଥିବା ଅଭିଯୋଗର ତଦନ୍ତ ରିପୋର୍ଟ ଅନୁସାରେ ଆରୁହା ପାହାଡ଼ରୁ ଲିଜ୍‌ଧାରୀ ଜେନାଙ୍କୁ ତହସିଲ ପ୍ରଶାସନ ପକ୍ଷରୁ ୩ଏକର ଅଞ୍ଚଳରୁ ପଥର ଉତ୍ତୋଳନ କରିବାକୁ ଅନୁମତି ଦିଆଯାଇଥିଲା। ହେଲେ ସେ ୬ ଏକର ୮୦ ଡିସିମାଲ ଅଞ୍ଚଳରୁ କଳାପଥର ଉତ୍ତୋଳନ କରି ଚାଲିଥିଲେ। ଏଭଳି ବେଆଇନ ଉତ୍ତୋଳନ ପାଇଁ ଲୋକାୟୁକ୍ତ ଗତ ନଭେମ୍ବର ୨୬ରେ ଯାଜପୁର ଜିଲାପାଳ, ଲିଜ୍‌ଧାରୀ ଜେନାଙ୍କ ସମେତ ଧର୍ମଶାଳାର ୪ ପୂର୍ବତନ ତହସିଲଦାର ଏବଂ ଆରୁହା ସର୍କଲ-୧ ର ପୂର୍ବତନ ୩ ଆର୍‌ଆଇଙ୍କୁ ୬ ସପ୍ତାହ ମଧ୍ୟରେ ଜବାବ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତ ରିପୋର୍ଟରେ ଆହୁରି ଦର୍ଶାଯାଇଥିଲା, ପୂର୍ବତନ ଆରୁହା ଆରଆଇ ବାସୁଦେବ ସାହୁ ଲିଜ୍ ଏରିଆ ୩ ଏକର ପରିବର୍ତ୍ତେ ୬ ଏକର ୮୦ ଡେସିମିଲ ସ୍କେଚ୍ ମ୍ୟାପ୍ ପ୍ରସ୍ତୁତ କରିଥିଲେ। ଏହାକୁ ଧର୍ମଶାଳାର ତତ୍‌କାଳୀନ ତହସିଲଦାର ପ୍ରଭାସ କୁମାର ବେହୁରା ସତ୍ୟ ପ୍ରମାଣିତ(ସାର୍ଟିଫାଏ) କରିବା ସହ ଭୂତତ୍ତ୍ୱବିତ୍ ଗୌତମ ସାହୁ ମାଇନିଂ ପ୍ଲାନ୍ ପ୍ରସ୍ତୁତ କରିବାକୁ ଅନୁରୋଧ କରିଥିଲେ। ଏହି ମାଇନିଂ ପ୍ଲାନ୍‌କୁ ଢେଙ୍କାନାଳସ୍ଥିତ ଜିଓଲୋଜି ଜୋନାଲ ଅଫିସର ତତ୍କାଳୀନ ଯୁଗ୍ମ ନିର୍ଦ୍ଦେଶକ ଅନୂପ କୁମାର ରାଉତ ଅନୁମୋଦନ କରିଥିଲେ। ଭୁଲ ମାଇନିଂ ପ୍ଲାନ୍ ମଞ୍ଜୁରୀ କରିଥିବା ସମ୍ପର୍କରେ ଲୋକାୟୁକ୍ତ ନିର୍ଦ୍ଦେଶକ ରାଉତଙ୍କୁ ଜବାବଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ସତର୍କ ରୁହନ୍ତୁ
ଅଂଶୁଘାତକୁ
ପ୍ରତିରୋଧ କରନ୍ତୁ
DSPL-317
କଣ କରିବେ
କଣ କରିବେ ନାହିଁ
ବାହାରକୁ ଯାଉଥିଲେ ମୁଣ୍ଡକୁ ଓଦା ଗାମୁଛାରେ ଘୋଡାନ୍ତୁ କିମ୍ବା ଛତା, ଚପଲ, କଳାଚଷମା ବ୍ୟବହାର କରନ୍ତୁ ।
ଦିନ ୧୧ ଟାରୁ ୩ଟା ମଧ୍ୟରେ ଟାଣ ଖରାକୁ

ବିଶେଷତଃ ଜଣେ ଯେତେବେଳେ ତା'ର କଥା କହିବା ବେଳେ ଅସଂଯତ ହୋଇ ଏଣୁ ତେଣୁ ଗପିଯାଏ– ଯାହା ନ କହିବା ଉଚିତ ସେସବୁ କହିପକାଏ– ସେତେବେଳେ ତାହା ଖୁବ୍ ଭୟଙ୍କର ମାନସିକ ଦୁର୍ବଳତାର ସୂଚକ ହୋଇଥାଏ । –ଶ୍ରୀମା

ମ୍ୟୁନିକ୍‌ରୁ ମସ୍କୋ

ପିଟର ସିଙ୍ଗର

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ୟୁକ୍ରେନ୍ ଆକ୍ରମଣ ପଛରେ କୌଣସି ବାସ୍ତବତା ନ ଥିଲା । ତେବେ ଡୋନବାସ୍ ଅଞ୍ଚଳରେ ରୁଷୀୟ ଭାଷାଭାଷୀ ଲୋକଙ୍କ ବିରୋଧରେ ସଂଗଠିତ ଗଣହତ୍ୟାକୁ ନେଇ ଏହି ଯୁଦ୍ଧର ଆବଶ୍ୟକତା ରହିଥିବା ପୁଟିନ୍ ଯୁକ୍ତି ବାଢ଼ନ୍ତି ବୋଲି ଅନେକ କହନ୍ତି । ତାଙ୍କର ଏହି ଯୁକ୍ତି ଦ୍ୱିତୀୟ ବିଶ୍ୱଯୁଦ୍ଧ ପୂର୍ବରୁ ହିଟ୍‌ଲର ଚେକୋସ୍ଲୋଭାକିଆକୁ ଧ୍ୱଂସ କରିବା ଲାଗି ଆପଣାଇଥିବା ରଣନୀତିକୁ ମନେପକେଇଦିଏ । ଜର୍ମାନୀ ସାମ୍ରାଜ୍ୟର ସୀମାନ୍ତବର୍ତ୍ତୀ ଜର୍ମାନ ଭାଷାଭାଷୀ ଜିଲାଗୁଡ଼ିକରେ ଚେକୋସ୍ଲୋଭାକିଆକୁ ମିଶାଇବା ପାଇଁ ହିଟଲର ତାକୁ ଆକ୍ରମଣ କରିବାର ଧମକ ଦେଇଥିଲେ । ଏଭଳି ଏକ ଭୟଙ୍କର ଯୁଦ୍ଧର ନରସଂହାରକୁ ଏଡ଼ାଇବା ଲାଗି ଇଂଲଣ୍ଡ, ଫ୍ରାନ୍ସ ଏବଂ ଇଟାଲୀ ହିଟଲରଙ୍କ ଦାବିକୁ ୧୯୩୮ ମ୍ୟୁନକ୍ ସମ୍ମିଳନୀରେ ସ୍ୱୀକାର କରିଥିଲେ । ସେହି କାରଣରୁ ହିଟଲର ଆକ୍ରମଣ କରିବାର କୌଣସି କାରଣ ନ ଥିଲା । କିନ୍ତୁ ୬ ମାସ ମଧ୍ୟରେ ନାଜିମାନେ ମ୍ୟୁନିକ୍ ଚୁକ୍ତି ଉଲ୍ଲଂଘନ କରି ଚେକୋସ୍ଲୋଭାକିଆରେ ବୋହେମିଆ ଏବଂ ମୋରାଭିଆ ଦୁଇଟି ସଂରକ୍ଷିତ ରାଜ୍ୟ ପ୍ରତିଷ୍ଠା କଲେ । ନିଜ ନିୟନ୍ତ୍ରଣାଧୀନ ତଥା ନାମକୁ ମାତ୍ର ରାଜ୍ୟ ରୂପେ ସ୍ଲୋଭାକ ସୃଷ୍ଟି କଲେ । ତା'ପରେ ହିଟ୍‌ଲର ପୋଲାଣ୍ଡର ଏକ ଭାଗ ନେବା ଲାଗି ଦାବି କଲେ । ଠିକ୍ ସମାନ ଢଙ୍ଗରେ ପୁଟିନ ୟୁକ୍ରେନ୍ ଆକ୍ରମଣ ଆରମ୍ଭ କଲେ । କ୍ରିମିଆ ଦଖଲ କରି ୨୦୧୪ରେ ରୁଷୀୟ ଭାଷାଭାଷୀ ପୂର୍ବ ଡୋନବାସ ଅଞ୍ଚଳରେ ରୁଷିଆ ଦୁଇଟି ଛୋଟ ରାଜ୍ୟ ଗଠନ କଲା । ଏହା ଥିଲା ବୁଦାପେଷ୍ଟ ମେମୋରାଣ୍ଡମ୍ ଅନ୍ ସିକ୍ୟୁରିଟି ଆସ୍ୟୁରାନ୍ସର ଖୋଲା ଉଲ୍ଲଂଘନ । ଏହି ଚୁକ୍ତି ମୁତାବକ ବେଲାରୁଷ, କାଜାକ୍‌ସ୍ତାନ ସମେତ ୟୁକ୍ରେନ୍ ସୋଭିଏଟ୍ ସଂଘଠୁ ପାଇଥିବା ଆଣବିକ ଅସ୍ତ୍ର ଓ କାର୍ଯ୍ୟକ୍ରମରୁ ଦୂରେଇ ରହିବେ । ଅନ୍ୟପକ୍ଷେ ଏହି ତିନି ଦେଶର ସାର୍ବଭୌମ ଓ ସ୍ୱାଧୀନତା ରକ୍ଷା କରିବା ଲାଗି ରୁଷିଆ, ଇଂଲଣ୍ଡ ଏବଂ ଆମେରିକା ଆଶ୍ୱାସନା ଦେଇଥିଲେ । ହିଟ୍‌ଲର ଭର୍ସାଇଲିଜ ଚୁକ୍ତି ଉଲ୍ଲଂଘନ କରିବାବେଳେ ଇଂଲଣ୍ଡ ଓ ଫ୍ରାନ୍ସ ଯେଭଳି ଦୃଢ଼ ପଦକ୍ଷେପ ଗ୍ରହଣ କରି ନ ଥିଲେ ଠିକ୍ ସେହିଭଳି ରୁଷିଆ କ୍ରିମିଆକୁ ଆକ୍ରମଣ କରି ନିଜ ଦେଶରେ ମିଶାଇବା ଏବଂ ଡୋନବାସ୍‌ରେ ବିଚ୍ଛିନ୍ନତାବାଦକୁ ପ୍ରୋତ୍ସାହିତ କରିବାବେଳେ କୌଣସି ଦେଶ ଗମ୍ଭୀର ପଦକ୍ଷେପ ନେଲେ ନାହିଁ ।

ଚେକୋସ୍ଲୋଭାକିଆର ସୁଡେଟନ୍‌ଲ୍ୟାଣ୍ଡ ପାଇଁ ହିଟ୍‌ଲର ଦାବି କରି କହିଥିଲେ ଯେ, ୟୁରୋପରେ ତାହା ତାଙ୍କର ଶେଷ ଦାବି । କିନ୍ତୁ ଯେଉଁମାନେ ତାଙ୍କ 'ମୈନ କ୍ୟାମ୍ଫ୍' ବା ମୋ ସଂଘର୍ଷ ବହି ପଢିଥିବେ, ସେମାନେ ପୂର୍ବ ୟୁରୋପରେ ଜର୍ମାନୀ ସାମ୍ରାଜ୍ୟବାଦ ପ୍ରତିଷ୍ଠା କରିବାରେ ତାଙ୍କ ଲାଳସାକୁ ଜାଣିପାରିଥିବେ । ସେହିଭଳି ସୋଭିଏଟ୍ ସଂଘ ପତନକୁ ଏକ ବିପର୍ଯ୍ୟୟ ରୂପେ ବର୍ଣ୍ଣନା କରିଥିବା ପୁଟିନଙ୍କୁ ଆମେ ସନ୍ଦେହ କରିବାର ଯଥାର୍ଥତା ରହିଛି । ସେ ମଧ୍ୟ ମୂଳ ସୋଭିଏଟ୍ ଅଞ୍ଚଳ ଉପରେ ରୁଷିଆର ପ୍ରଭାବ ରଖିବାକୁ ଚାହିଁଛନ୍ତି । ଯଦି ପୁଟିନ ୟୁକ୍ରେନ୍ ଦଖଲରୁ ବିରତ ରହି ତାହାକୁ ନିଜ ନିୟନ୍ତ୍ରଣାଧୀନ ଅଞ୍ଚଳ କରନ୍ତି, ତେବେ ପୂର୍ବରୁ ସୋଭିଏଟ୍ ସଂଘର ଅଂଶ ଥିବା ଏଷ୍ଟୋନିଆ ଏବଂ ଲାଟଭିଆର ପାଳି ଆଗକୁ ପଡ଼ିବନି ତ ?

ପୁଟିନଙ୍କ ପାଇଁ ଏବେ ଏକ ଅନୁକୂଳ ସ୍ଥିତି ରହିଛି ଯାହା ହିଟ୍‌ଲରଙ୍କ ଭାଗ୍ୟରେ ନ ଥିଲା । ତାହା ହେଉଛି ଆଣବିକ ଅସ୍ତ୍ର । ରୁଷିଆର ୟୁକ୍ରେନ୍ ଆକ୍ରମଣ ମଧ୍ୟରେ ଯେଉଁ ଦେଶଗୁଡ଼ିକ ହସ୍ତକ୍ଷେପ କରିବାକୁ ଚେଷ୍ଟା କରିବେ, ସେମାନେ ଏହାର ଗମ୍ଭୀର ପରିଣାମ ଭୋଗ କରିବେ ବୋଲି ପୁଟିନ ଚେତାବନୀ ଦେଇଛନ୍ତି । ନିକଟରେ ୟୁକ୍ରେନ୍ ଆକ୍ରମଣ କରିବା ପୂର୍ବରୁ ଆଣବିକ ଅସ୍ତ୍ର କ୍ଷମତାସମ୍ପନ୍ନ କ୍ଷେପଣାସ୍ତ୍ର ପରୀକ୍ଷା କରି ପରିଣାମ ଯେ କେତେ ଭୟଙ୍କର ହେବ, ତାହା ସେ ଚେତାଇ ଦେଇଛନ୍ତି । ଆକ୍ରମଣ ଆରମ୍ଭ କରିବାର ୪ ଦିନ ପରେ ସେ ଆଣବିକ ଫୋର୍ସକୁ ମଧ୍ୟ ସତର୍କ କରିଦେଇଛନ୍ତି । ଏସବୁ ପରେ କେମିତି ପୁଟିନ୍‌ଙ୍କୁ ରୋକିହେବ ? ଆର୍ଥିକ କଟକଣା ଜାରି ହୋଇଛି, ରୁଷିଆ ବିମାନ ପାଇଁ ବାୟୁ ସୀମା ବନ୍ଦ କରାଯାଇଛି । ରୁଷୀୟ ସାମଗ୍ରୀଗୁଡ଼ିକୁ ବର୍ଜନ କରିବା ଆରମ୍ଭ ହୋଇଛି । ଏହାବାଦ୍ ବିଶେଷକରି ପଡ଼ୋଶୀ ଦେଶ ପୋଲାଣ୍ଡ ମଧ୍ୟ ରୁଷିଆ ଟ୍ରକ୍‌ଗୁଡ଼ିକ ପାଇଁ ସଡ଼କପଥ ବନ୍ଦ କରିବା ଦରକାର । ଏହି ପଦକ୍ଷେପଗୁଡ଼ିକ ନିଶ୍ଚିତ ଭାବେ ରୁଷିଆ ନାଗରିକମାନଙ୍କର ବ୍ୟାପକ କ୍ଷତି କରିବ । ତେବେ ଏସବୁ ବ୍ୟତୀତ ପୁଟିନଙ୍କୁ ଯୁଦ୍ଧ ବନ୍ଦ କରିବାର ଆଉ କିଛି ବାଟ ରହିଛି କି ?

ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଯୁଦ୍ଧର ମୁକାବିଲା କରିବା ଲାଗି ଏବେ ସୁଦ୍ଧା କ୍ୱିଭରେ ରହି ରୁଷୀୟ ସେନାଙ୍କ ପ୍ରତିରୋଧ କରିବା ଲାଗି ଲୋକଙ୍କୁ ଏକାଠି ହେବାକୁ କହୁଛନ୍ତି । ଯଦି ସେମାନେ ରୁଷୀୟ ସେନାର ଅତ୍ୟଧିକ କ୍ଷତି କରିପାରିବେ, ତେବେ ତାହା ଯୁଦ୍ଧ ବନ୍ଦ କରିବା ଲାଗି ପୁଟିନଙ୍କୁ ବାଧ୍ୟ କରିବ । କିନ୍ତୁ ରୁଷିଆ ଏହି ଯୁଦ୍ଧ ଜିତିବା ନିଶ୍ଚିତ ବୋଲି ମିଲିଟାରି ବିଶେଷଜ୍ଞ ବିଶ୍ୱାସ କରୁଛନ୍ତି । ସମ୍ଭବତଃ ଏହାକୁ ବିଚାରକୁ ନେଇ ଜେଲେନ୍‌ସ୍କି ଯୁଦ୍ଧ ବନ୍ଦ କରିବାକୁ ରୁଷିଆ ଲୋକମାନଙ୍କୁ କହିଛନ୍ତି । ବହୁ ରୁଷୀୟ ନାଗରିକ ଏହା କରିବାକୁ ବି ଚେଷ୍ଟା କରୁଛନ୍ତି । ଯୁଦ୍ଧ ଘୋଷଣା ହେବା ପରଠାରୁ ମସ୍କୋ ସମେତ ରୁଷିଆରେ ପାଖାପାଖି ୫୫ଟି ସହରରେ ଯୁଦ୍ଧବିରୋଧୀ ପ୍ରତିବାଦ ଦେଖିବାକୁ ମିଳିଛି । ଏକ ସ୍ୱାଧୀନ ନିରୀକ୍ଷଣକାରୀ ସଂସ୍ଥା ଅନୁଯାୟୀ, ବିନା ଅନୁମତିରେ ଯୁଦ୍ଧ ବିରୋଧୀ ଆନ୍ଦୋଳନରେ ଭାଗ ନେଇଥିବା ୫,୦୦୦ ଲୋକଙ୍କୁ ଗିରଫ କରାଯାଇଛି । ହେଲେ ପ୍ରତିବାଦ ଜାରି ରଖିଛନ୍ତି । ଏହି ଲେଖା ପ୍ରସ୍ତୁତ ହେବା ସମୟରେ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ସାହସୀ ରୁଷୀୟ 'ଯୁଦ୍ଧ ବନ୍ଦ କର' ପିଟିଶନରେ ସ୍ୱାକ୍ଷର କରିଛନ୍ତି । ଏତିକିରେ ପ୍ରତିବାଦ ଅଟକି ଯାଇନାହିଁ । ୨୦୨୧ ନୋବେଲ ଶାନ୍ତି ପୁରସ୍କାର ବିଜେତା ତଥା ନୋଭୟା ଗେଜେଟର ସମ୍ପାଦକ ଡିମିଟ୍ରି ମୁରାଟୋଭ ଯୁଦ୍ଧ ବିରୋଧରେ ସ୍ୱର ଉଠାଇବା ଲାଗି ଆହ୍ୱାନ ଦେଇ ଏକ ଭିଡିଓ ପୋଷ୍ଟ କରିଛନ୍ତି । ସେଥିରେ ସେ କହିଛନ୍ତି ଯେ, ରୁଷିଆ ନାଗରିକମାନଙ୍କ ଯୁଦ୍ଧବିରୋଧୀ ଅଭିଯାନ ହିଁ କେବଳ ପୃଥିବୀରେ ଜୀବନ ବଞ୍ଚାଇପାରିବ । ରୁଷିଆ ସରକାରଙ୍କ ଦ୍ୱାରା ପରିଚାଳିତ ମେୟରହୋଲ୍ଡ ଥିଏଟର ସେଣ୍ଟରର ନିର୍ଦ୍ଦେଶିକା ମେୟେଲିନା କୋଭାଲ୍‌ସ୍କାୟା ୟୁକ୍ରେନ୍ ଆକ୍ରମଣକୁ ବିରୋଧ କରି ଇସ୍ତଫା ଦେଇଛନ୍ତି । ଜଣେ ହତ୍ୟାକାରୀଙ୍କ ପାଇଁ କାମ କରି ତାଙ୍କଠାରୁ ଦରମା ନେବା ଅସମ୍ଭବ ବୋଲି ସେ କହିଛନ୍ତି । ୧୫୦ରୁ ଊର୍ଦ୍ଧ୍ୱ ବୈଜ୍ଞାନିକ ଏବଂ ସାଇନ୍ସ ଜର୍ନାଲିଷ୍ଟଙ୍କ ସ୍ୱାକ୍ଷର ସମ୍ବଳିତ ଚିଠି ରୁଷିଆର ସାଇନ୍ସ ୱେବ୍‌ସାଇଟ୍‌ରେ ପ୍ରକାଶ ପାଇଛି । ରୁଷିଆ ନିଜକୁ ଅନ୍ୟଠାରୁ ଅଲଗା ହେବା ଏବଂ ଏକ ଖରାପ ଓ କ୍ଷତିକାରକ ଦେଶ ଭାବେ ପରଚୟ ଦେବାରେ ନିଜେ ଦାୟୀ ଓ ଏହା ନିନ୍ଦନୀୟ ବୋଲି ସେଥିରେ ଦର୍ଶାଯାଇଛି । ଅନେକ ସହରରେ ସମାନ ସଂଖ୍ୟକ ମ୍ୟୁନିସିପାଲ ଡେପୁଟିମାନେ ମଧ୍ୟ ଆକ୍ରମଣକୁ ନିନ୍ଦା କରି ତାହାକୁ ଏକ କ୍ରୂର ଅତ୍ୟାଚାର ଭାବେ ଚିଠିରେ ଦର୍ଶାଇଛନ୍ତି । ଏହା ସହ ସେମାନଙ୍କ ସାମ୍ନାରେ ରୁଷିଆରେ ଏକ ଉତ୍ତମ ଜୀବନର ଆଶା ଚୂର୍‌ମାର ହୋଇଯାଉଛି ବୋଲି କହିଛନ୍ତି ।

ଏଭଳି ଏକ ଅନ୍ୟାୟ ଯୁଦ୍ଧ ବନ୍ଦ କରିବା ଲାଗି ୟୁକ୍ରେନ୍‌ରେ ରୁଷିଆର ସୈନ୍ୟମାନଙ୍କ କିଛି କରିବା ଦରକାର । ତେବେ କେତେକ ସୈନ୍ୟ ୟୁକ୍ରେନ ଯିବାକୁ ମନା କରିଦେଇଥିବା ଏକ ଅସମର୍ଥିତ ରିପୋର୍ଟରୁ ଜଣାପଡିଛି । ଯଥେଷ୍ଟ କାରଣ ନ ଥାଇ ଲୋକମାନଙ୍କୁ ମାରିବା ହିଁ ଏକ ପ୍ରକାର ମର୍ଡର ବା ହତ୍ୟା । ଯଦି ରୁଷିଆ ସୈନ୍ୟମାନେ ନିର୍ଦ୍ଦେଶ ମାନି ୟୁକ୍ରେନ୍ ଆକ୍ରମଣରେ ଘାତକ ଅସ୍ତ୍ର ପ୍ରୟୋଗ କରନ୍ତ, ତେବେ ସେମାନେ ଲୋକଙ୍କୁ ହତ୍ୟା କରିବାକୁ ଯାଉଛନ୍ତି ବୋଲି ବୁଝିବାକୁ ପଡ଼ିବ । ହିଟ୍‌ଲରଙ୍କ ନିର୍ଦ୍ଦେଶ ମାନିଥିବା ସୈନ୍ୟମାନଙ୍କୁ ଯେମିତି କ୍ଷମା ନାହିଁ ସେମିତି ପୁଟିନ୍‌ଙ୍କ ନିର୍ଦ୍ଦେଶ ପାଳନ କଲେ ରୁଷୀୟ ସେନାଙ୍କୁ ବି କ୍ଷମା ନାହିଁ । ଏବେଠାରୁ ଆଗକୁ ଯେତେଦିନ ପୁଟିନ ରୁଷିଆର ରାଷ୍ଟ୍ରପତି ରହିବେ ବିଶ୍ୱ ରୁଷିଆକୁ ନ୍ୟୂନ ଦୃଷ୍ଟିରେ ଦେଖିବ ।

ଆହୁରି କଠୋର କଟକଣା ନିଶ୍ଚିତ କରି ଏକ ଉତ୍ତମ ଜୀବନର ଆଶା ଧୂଳିସାତ ହୋଇଯାଉଛି ବୋଲି ରୁଷୀୟମାନଙ୍କୁ ଦେଖାଇଦେବାକୁ ପଡ଼ିବ । ବିରୋଧକୁ ତୀବ୍ର କରିବାକୁ ପଡ଼ିବ । ହେଲେ ଯେଉଁମାନେ ଯୁଦ୍ଧକୁ ବିରୋଧ କରୁଛନ୍ତି , ସେମାନଙ୍କ ପ୍ରତି ଅନ୍ୟାୟ କରାଯାଉଛି । ତେବେ ପୁଟିନଙ୍କୁ ବଦଳାଇ ନୈତିକ ସିଦ୍ଧାନ୍ତ ଓ ଅନ୍ତର୍ଜାତୀୟ ନିୟମକୁ ମାନିବାକୁ ପ୍ରସ୍ତୁତ ଥିବା ଜଣେ ନେତାଙ୍କୁ ଆଣିବାକୁ ସେମାନେ କେମିତି ବା ଆଶା କରିବେ ।

ପ୍ରାଧ୍ୟାପକ, ବାୟୋଏଥିକ୍ସ, ପ୍ରିନ୍ସଟନ୍ ବିଶ୍ୱବିଦ୍ୟାଳୟ

କାର୍ଯ୍ୟସ୍ଥଳୀରେ ଶ୍ରମିକଙ୍କ ସୁରକ୍ଷା

ଅନିଲ କୁମାର ନନ୍ଦ

ଭାରତରେ ମାର୍ଚ୍ଚ ୪ ତାରିଖକୁ ୧୯୭୨ ମସିହାରୁ ଜାତୀୟ ସୁରକ୍ଷା ଦିବସ ରୂପେ ପାଳନ କରାଯାଇ ଆସୁଅଛି । ସୁରକ୍ଷିତ କାର୍ଯ୍ୟ ପ୍ରତି କର୍ମଚାରୀ, ଶ୍ରମିକ ତଥା ସାଧାରଣ ଜନତାଙ୍କ ପ୍ରତିବଦ୍ଧତା ଏବଂ ସୁରକ୍ଷିତ କାର୍ଯ୍ୟ ସଂସ୍କୃତି ସୃଷ୍ଟି କରିବା ଏହି ଦିବସର ମୂଳ ଲକ୍ଷ୍ୟ । ଏହି ବର୍ଷ ଆମେ ୫୧ତମ ସୁରକ୍ଷା ଦିବସ ପାଳନ କରୁଅଛୁ । ଏ ବର୍ଷର ବାର୍ତ୍ତା ହେଉଛି ସୁରକ୍ଷା ସଂସ୍କୃତିର ବିକାଶ ହେତୁ ଯୁବବର୍ଗଙ୍କୁ ପ୍ରୋତ୍ସାହିତ କରନ୍ତୁ ।

ଦ୍ରୁତ ଶିଳ୍ପାୟନ ଏବଂ ସୁଗମ ବ୍ୟବସାୟିକ ବାତାବରଣ ସଙ୍ଗେ ସଙ୍ଗେ କାର୍ଯ୍ୟସ୍ଥଳରେ ଶ୍ରମିକମାନଙ୍କ ସୁରକ୍ଷା ଏକ ପ୍ରମୁଖ ଆହ୍ୱାନ ରୂପେ ଉଭା ହୋଇଛି । ମାନବ ଜୀବନ ଅମୂଲ୍ୟ । ଦୁର୍ଘଟଣାରେ ପ୍ରାଣ ହରାଇଥିବା ପ୍ରତିଟି ଶ୍ରମିକଙ୍କର ପରିବାର ପାଇଁ ଏକ ଅପୂରଣୀୟ କ୍ଷତି । ଅସୁରକ୍ଷିତ କାର୍ଯ୍ୟସ୍ଥଳ ଓ ଅସାବଧାନ କାର୍ଯ୍ୟ ହିଁ ମୁଖ୍ୟତଃ କାରଖାନାରେ ଘଟୁଥିବା ଦୁର୍ଘଟଣାଗୁଡ଼ିକର କାରଣ । ଶ୍ରମିକମାନଙ୍କ ମଧ୍ୟରେ ସୁରକ୍ଷା ସଚେତନତା, ବୈଷୟିକ ଜ୍ଞାନକୌଶଳ ଏବଂ ପ୍ରଶାସନିକ ନିୟନ୍ତ୍ରଣ ଦ୍ୱାରା କାରଖାନାରେ ଘଟୁଥିବା ଦୁର୍ଘଟଣାଗୁଡ଼ିକୁ ରୋକାଯାଇପାରିବ ।

ଆମ ରାଜ୍ୟରେ ୪୮୦୦ଟି ପଞ୍ଜୀକୃତ କାରଖାନା ରହିଛି ; ଯେଉଁଥିରେ ପ୍ରାୟ ୫, ୭୫,୦୦୦ ଶ୍ରମିକ ଓ କର୍ମଚାରୀ କାର୍ଯ୍ୟରତ । କାରଖାନାଗୁଡ଼ିକରେ ଶ୍ରମିକମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବା ନିମନ୍ତେ କାରଖାନା ଅଧିନିୟମ ୧୯୪୮ ତଥା ଓଡ଼ିଶା କାରଖାନା ନିୟମାବଳୀ, ୧୯୫୦ରେ ବ୍ୟବସ୍ଥା କରାଯାଇଛି । ରାଜ୍ୟ କାରଖାନା ଓ ବାଷ୍ପିତ୍ର ନିର୍ଦ୍ଦେଶାଳୟ କାରଖାନାଗୁଡ଼ିକରେ ଉପରୋକ୍ତ ସୁରକ୍ଷା ନିୟମଗୁଡ଼ିକ ପାଳନର ତଦାରଖ କରିଥାନ୍ତି । କାରଖାନା ଅଧିନିୟମର ଧାରା ୭(କ)ଅନୁଯାୟୀ ପ୍ରତ୍ୟେକ ଶ୍ରମିକ ତଥା କର୍ମଚାରୀଙ୍କୁ ଏକ ସୁରକ୍ଷିତ ଏବଂ ସୁସ୍ଥ କାର୍ଯ୍ୟସ୍ଥଳ ଯୋଗାଇବା କାରଖାନା ମାଲିକମାନଙ୍କ ଦାୟିତ୍ୱ ଏବଂ ଧାରା ୪୧(ଜ) ପ୍ରତ୍ୟେକ ଶ୍ରମିକଙ୍କୁ ନିଜ ତଥା

ଜାତୀୟ ସୁରକ୍ଷା ଦିବସ ଉପଲକ୍ଷେ

କାରଖାନାରେ ଅନ୍ୟ ଶ୍ରମିକମାନଙ୍କ ସୁରକ୍ଷା ନିମନ୍ତେ ମାଲିକଙ୍କୁ ଅବଗତ କରାଇବା ଅଧିକାର ଦେଇଥାଏ ।

ଆମ ରାଜ୍ୟରେ ବିଗତ ବର୍ଷଗୁଡ଼ିକରେ କାରଖାନାରେ ଦୁର୍ଘଟଣାଜନିତ ମୃତ୍ୟୁ ହ୍ରାସ ନିମନ୍ତେ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପମାନ ନେଇଛନ୍ତି । ଫଳସ୍ୱରୂପ ୨୦୦୯ରେ ୧୨୨ଟି ଦୁର୍ଘଟଣାଜନିତ ମୃତ୍ୟୁ ଘଟିଥିବାବେଳେ ଏହା ହ୍ରାସ ପାଇଁ ୨୦୨୧ରେ ୩୭ରେ ପହଞ୍ଚିପାରିଛି । ଏହା ଏକ ସଫଳ ରୂପାୟନ । କାରଖାନା ଓ ବାଷ୍ପିତ୍ର ନିର୍ଦ୍ଦେଶାଳୟ ଏଥିରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି । ରାଜ୍ୟ ସରକାର ଦୁର୍ଘଟଣା ରୋକିବା ନିମନ୍ତେ ୧୦ସୂତ୍ରୀ କାର୍ଯ୍ୟକ୍ରମର ଘୋଷଣା କରିଛନ୍ତି ଏବଂ କାରଖାନାଗୁଡ଼ିକ ନିମନ୍ତେ ନିର୍ଦ୍ଦେଶନାମା ଜାରି କରିଛନ୍ତି । ତନ୍ମଧ୍ୟରେ ସୁରକ୍ଷା ମୋବାଇଲ ଆପ୍ ଅନ୍ୟତମ । ଏହା ମାଧ୍ୟମରେ କାରଖାନାରେ ଅସୁରକ୍ଷିତ କାର୍ଯ୍ୟଗୁଡ଼ିକ ବାବଦରେ ଶ୍ରମିକମାନେ ସହଜରେ ଉପରିସ୍ଥ କର୍ମଚାରୀ ଏବଂ ସୁରକ୍ଷାରେ ନିୟୋଜିତ ଅଧିକାରୀଙ୍କୁ ଅବଗତ କରିପାରୁଛନ୍ତି । ଏତଦ୍‌ବ୍ୟତୀତ ରାଜ୍ୟ ସରକାର ଦୁର୍ଘଟଣାଗୁଡ଼ିକର ଅନ୍‌ଲାଇନ୍ ରିପୋର୍ଟିଂ ଏବଂ ଏଗୁଡ଼ିକର କାରଣ ବିଶ୍ଳେଷଣ, ତ୍ୱରିତ୍ ପଦକ୍ଷେପ ପାଇଁ 'ଆକ୍ସିଡେଣ୍ଟ ମନିଟରିଂ ସିଷ୍ଟମ୍' ନାମକ ଏକ ଅନ୍‌ଲାଇନ୍ ପୋର୍ଟାଲ ମଧ୍ୟ କରିଛନ୍ତି । କାରଖାନା ଏବଂ ବାଷ୍ପିତ୍ର ନିର୍ଦ୍ଦେଶାଳୟର ବରିଷ୍ଠ ଅଧିକାରୀ ପ୍ରତ୍ୟେକ ମାସରେ ଘଟୁଥିବା ଦୁର୍ଘଟଣାଗୁଡ଼ିକର ସମୀକ୍ଷା କରୁଛନ୍ତି । ଏହା ଦୁର୍ଘଟଣା ହ୍ରାସ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଏତଦ୍‌ବ୍ୟତୀତ ନିର୍ଦ୍ଦେଶାଳୟ ୨୩ଟି ସେବାକୁ ସମ୍ପୂର୍ଣ୍ଣ ଅନ୍‌ଲାଇନ ପୋର୍ଟାଲ 'ରେଶ୍ରମ' ମାଧ୍ୟମରେ ଯୋଗାଉଛି । ଏହା ବ୍ୟବସ୍ଥାରେ ସ୍ୱଚ୍ଛତା, ପାରଦର୍ଶିତା ସଙ୍ଗେ ସଙ୍ଗେ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସେବା ଯୋଗାଇବାରେ ସହାୟକ ହୋଇଛି । କାରଖାନାଗୁଡ଼ିକରେ ସୁରକ୍ଷାକୁ ପ୍ରୋତ୍ସାହନ ନିମନ୍ତେ ରାଜ୍ୟ ସରକାର ବିଭିନ୍ନ କାଟାଗୋରୀ ଉତ୍କୃଷ୍ଟ ସୁରକ୍ଷା ପୁରସ୍କାରର ବ୍ୟବସ୍ଥା ମଧ୍ୟ କରିଛନ୍ତି ।

ସହ ନିର୍ଦ୍ଦେଶକ, କାରଖାନା ଓ ବାଷ୍ପିତ୍ର ନିର୍ଦ୍ଦେଶାଳୟ (ସୁରକ୍ଷା) ରାଜ୍ୟ ସରକାରଙ୍କ କାରଖାନା ଓ ବାଷ୍ପିତ୍ର ନିର୍ଦ୍ଦେଶାଳୟ

ଏଇ ଭାରତରେ

ନଦିମ୍ ଶେହେଜାଦ ଓ ମହମ୍ମଦ ସୌଦ ଦୀର୍ଘ ୨୦ ବର୍ଷ ମଧ୍ୟରେ ଦିଲ୍ଲୀର ବିଭିନ୍ନ ସ୍ଥାନରୁ ପାଖାପାଖି ୧୦୦ ପ୍ରଜାତିର ୨୩,୦୦୦ ପକ୍ଷୀଙ୍କୁ ଉଦ୍ଧାର କରିପାରିଛନ୍ତି । ସେମାନେ ତାଙ୍କ ଘରେ ଏକ ଅସ୍ଥାୟୀ କ୍ଲିନିକ ଖୋଲି ସେଠାରେ ପକ୍ଷୀଙ୍କୁ ଚିକିତ୍ସା କରୁଛନ୍ତି । ପକ୍ଷୀମାନେ ସୁସ୍ଥ ହେବା ପରେ ସେମାନଙ୍କୁ ଛାଡି ଦେଉଛନ୍ତି । କ୍ଲିନିକରେ ତାଙ୍କୁ ଜଣେ ପ୍ରାଣୀ ଚିକିତ୍ସକ ସହଯୋଗ କରୁଛନ୍ତି । ବିଶେଷ କରି ସେମାନେ ଗୁଡ଼ିଉଡା ସମୟରେ ବେଶି ପକ୍ଷୀ ଉଦ୍ଧାର କରିଥା'ନ୍ତି । କିନ୍ତୁ ୨୦୧୭ରେ ମାଞ୍ଜାସୂତା ଉପରେ କଟକଣା ଲାଗିବାପରେ ଅହତ ପକ୍ଷୀଙ୍କ ସଂଖ୍ୟା କମିଛି ବୋଲି କହନ୍ତି ସୌଦ । ଦୁଇ ଭାଇ ମାଟ୍ରିକ୍ ପାସ୍ ପରେ ଘରର ଆର୍ଥିକ ସ୍ଥିତି ଭଲ ନ ଥିବାରୁ ଆଉ ନ ପଢି ତାଙ୍କ ବାପାଙ୍କ ବାଥରୁମ୍ ଫିଟିଂ ଶପ୍‌ରେ କାମ କଲେ । ପରେ ପକ୍ଷୀ ଉଦ୍ଧାର କରିବା ସେମାନଙ୍କ ନିଶା ପାଲଟିଗଲା ଓ ଏଥିପାଇଁ ସେମାନେ 'ୱାଇଲ୍ଡ ଲାଇଫ ରେସ୍‌କ୍ୟୁ' ଏନ୍‌ଜିଓ ଖୋଲିଛନ୍ତି । ପକ୍ଷୀମାନଙ୍କ ଚିକିତ୍ସା ପାଇଁ ସେମାନଙ୍କ ଆୟରୁ ଖର୍ଚ୍ଚ କରୁଛନ୍ତି । ଏବେ ତାଙ୍କୁ ବିଭିନ୍ନ ଉତ୍ସରୁ ଆର୍ଥିକ ସାହାଯ୍ୟ ମିଳୁଛି । ଏପରିକ ସରକାରଙ୍କ ସହଯୋଗରେ ସେମାନେ ଆମେରିକାରୁ ପକ୍ଷୀ ଉଦ୍ଧାର ସମ୍ପର୍କିତ ପ୍ରଶିକ୍ଷଣ ନେଇଛନ୍ତି ।

୨୫ ବର୍ଷ ତଳର ଧରିତ୍ରୀ DHARITRI

୪ ମାର୍ଚ୍ଚ ୧୯୯୭

- ପୂର୍ବ ପାକିସ୍ତାନର ଖାନେୱାଲ ରେଲଷ୍ଟେଶନ ନିକଟରେ ଏକ ପାସେଞ୍ଜର ଟ୍ରେନ୍‌ର ବ୍ରେକ୍ ଫେଲ୍ ହେବା ଯୋଗୁ ଦୁର୍ଘଟଣା ଘଟି ୧୧୯ ମୃତ ।
- ଦକ୍ଷିଣ ଓ ମଧ୍ୟ ଆମେରିକାରେ ପ୍ରଳୟଙ୍କରୀ ଘୂର୍ଣ୍ଣବାତ୍ୟାରେ ୩୫ ଜଣ ଲୋକଙ୍କର ପ୍ରାଣହାନି ।
- ଉଚ୍ଚକୋଟୀର ବୈଜ୍ଞାନିକ ଗବେଷଣା ପାଇଁ ଆଲ୍ଲାହାବାଦସ୍ଥିତ ମେହେଟ୍ଟା ଗଣିତ ଗବେଷଣା ପ୍ରତିଷ୍ଠାନର ପ୍ରଫେସର ଅଶୋକ ସେନ୍‌ଙ୍କୁ ବିରଳା ସମ୍ମାନ ପ୍ର

ବାରାଣସୀରେ ମମତାଙ୍କୁ ଆକ୍ରମଣ ଅଭିଯୋଗ

'ଭାଜପାର ପରାଜୟ ନିଶ୍ଚିତ'

ବାରାଣସୀ,୩।୩

ଉତ୍ତରପ୍ରଦେଶର ବାରାଣସୀ ସହରକୁ ଗସ୍ତରେ ଯାଇଥିବା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ସେଠାରେ ଭାଜପା କର୍ମୀମାନେ ଆକ୍ରମଣ କରିଥିବା ସେ ଗୁରୁବାର ଅଭିଯୋଗ କରିଛନ୍ତି। ସେମାନଙ୍କର ଏଭଳି କାର୍ଯ୍ୟରୁ ଚଳିତ ନିର୍ବାଚନରେ ଭାଜପାର ପରାଜୟ ଅବଶ୍ୟମ୍ଭାବୀ ଏହାର ସ୍ପଷ୍ଟ ସୂଚନା ମିଳୁଛି ବୋଲି ତୃଣମୂଳ କଂଗ୍ରେସ ନେତ୍ରୀ କହିଛନ୍ତି। ସମାଜବାଦୀ ପାର୍ଟି ପାଇଁ ବୁଧବାର ମମତା ନିର୍ବାଚନ ପ୍ରଚାର କରିବାକୁ ଆସିଥିଲେ। ସେ ସନ୍ଧ୍ୟାରେ ଗଙ୍ଗା ଆରତିରେ ସାମିଲ ହେବା ଲାଗି ବିମାନ ବନ୍ଦରରୁ ଦଶାଶ୍ୱମେଧ ଘାଟ ଅଭିମୁଖେ ଯାଉଥିବାବେଳେ ଆକ୍ରମଣର ସମ୍ମୁଖୀନ ହୋଇଥିଲେ। କେତେଜଣ ଭାଜପା କର୍ମୀ ତାଙ୍କ ଗାଡ଼ିକୁ ଅଟକାଇବା ସହ ତାଙ୍କୁ ଠେଲାପେଲା କରିଥିଲେ ଏବଂ ଫେରିଯିବାକୁ କହିଥିଲେ ବୋଲି ମମତା ଅଭିଯୋଗ କରିଛନ୍ତି। ସେମାନେ କ୍ଷମତା ହରାଇବାକୁ ଯାଉଛନ୍ତି ଓ ପରାଜୟ ଅବଶ୍ୟମ୍ଭାବୀ ବୋଲି ମମତା ସେତେବେଳେ ଚିନ୍ତା କରିଥିବା କହିଛନ୍ତି। ଗୁରୁବାର ଏକ ନିର୍ବାଚନୀ ସଭାକୁ ଉଦ୍‌ବୋଧନ ଦେଇ ମମତା କହିଥିଲେ, ଯୁଦ୍ଧ ପ୍ରଭାବିତ ୟୁକ୍ରେନ୍‌ରେ ଭାରତୀୟମାନେ ଅଟକି ରହିଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉତ୍ତରପ୍ରଦେଶ ନିର୍ବାଚନ ସଭାରେ ବ୍ୟସ୍ତ ରହିଛନ୍ତି। କେନ୍ଦ୍ର ସରକାର ୟୁକ୍ରେନ୍‌ରେ ଭାରତୀୟମାନଙ୍କୁ ସେମାନଙ୍କ ଭାଗ୍ୟ ହାତରେ ଛାଡ଼ିଦେଇଥିବା ମମତା ଅଭିଯୋଗ କରିଛନ୍ତି। ମୋଦିଙ୍କର ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର୍ ପୁଟିନ୍‌ଙ୍କ ସହ ଉତ୍ତମ ସମ୍ପର୍କ ରହିଛି ଏବଂ ଯୁଦ୍ଧ ହେବା ନିଶ୍ଚିତ ବୋଲି ପ୍ରଧାନମନ୍ତ୍ରୀ ଯଦି ୩ ଦିନ ପୂର୍ବରୁ ଜାଣିଥିଲେ, ତେବେ ୟୁକ୍ରେନ୍‌ରୁ ଭାରତୀୟଙ୍କୁ ଫେରାଇ ଆଣିଲେନି କାହିଁକି ବୋଲି ଟିଏମ୍‌ସି ସୁପ୍ରିମୋ ପ୍ରଶ୍ନ କରିଛନ୍ତି। ସେହିପରି କୋଭିଡ୍ ପରିଚାଳନାରେ କେନ୍ଦ୍ରର ବିଫଳତାକୁ ନେଇ ମମତା ସମାଲୋଚନା କରିଥିଲେ।

ବାରାଣସୀରେ ମମତା ବାନାର୍ଜୀ ସମାଜବାଦୀ ପାର୍ଟି ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରୁଛନ୍ତି।

ନିର୍ବାଚିତ ସରପଞ୍ଚଙ୍କ ନାମରେ ଫେସ୍‌ବୁକ୍ ପୋଷ୍ଟକୁ ନେଇ ଚର୍ଚ୍ଚା

ରେଙ୍ଗାଲି,୩।୩(ଡି.ଏନ.ଏ.)- ସମ୍ବଲପୁର ଜିଲା ରେଙ୍ଗାଲି ଅଞ୍ଚଳର ଜଣେ ନିର୍ବାଚିତ ସରପଞ୍ଚଙ୍କ ନାମରେ ଖୋଲାଯାଇଥିବା ଫେସ୍‌ବୁକ ପୋଷ୍ଟକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। ସୂଚନା ଅନୁସାରେ ରେଙ୍ଗାଲି ବ୍ଲକ ନିଶାନଭଙ୍ଗା ପଞ୍ଚାୟତର ସରପଞ୍ଚ ଭାବେ ସରୋଜ ମେହେର ବିଜୟୀ ହୋଇଛନ୍ତି। ତାଙ୍କ ନାମରେ କେହି ଜଣେ ନକଲି ଫେସ୍‌ବୁକ ଆଇଡି ଖୋଲି ଏକ ପୋଷ୍ଟ ଭାଇରାଲ କରିଛି। ଭାଇରାଲ ପୋଷ୍ଟ ଆନୁଯାୟୀ ନିଶାନଭଙ୍ଗା ଗ୍ରାମ ପଞ୍ଚାୟତର ସର୍ବାଙ୍ଗୀନ ଉନ୍ନତି ପାଇଁ ସମସ୍ତ ଭୋଟର ଭାଇଭଉଣୀ ମୋଠାରୁ ଟଙ୍କା ନେଇ ସରପଞ୍ଚ ଭାବେ ନିର୍ବାଚିତ କରିଛନ୍ତି। ସେହିପରି ମୋ ସହାୟକ ଜିତେନ୍ଦ୍ର ପ୍ରସାଦ ପଣ୍ଡାଙ୍କୁ ସମିତି ସଭ୍ୟ ରୂପେ ନିର୍ବାଚିତ କରିଥିବାରୁ ସମସ୍ତଙ୍କୁ ଶୁଭକାମନା ଜ୍ଞାପନ କରୁଛି। ମୋ ବିରୋଧରେ ଭିଡିଓ ପ୍ରମାଣ ପାଇ ମଧ୍ୟ ରେଙ୍ଗାଲି ବିଡିଓ କିମ୍ବା ରେଙ୍ଗାଲି ଥାନା ଅଧିକାରୀ କୌଣସି ପଦକ୍ଷେପ ନେଇ ନାହାନ୍ତି। ଏପରି କି କୌଣସି ସାମାଜିକ ଗଣମାଧ୍ୟମ ମଧ୍ୟ ଏ ସମ୍ପର୍କରେ ପ୍ରକାଶ କରି ନ ଥିବାରୁ ବିଧାୟକଙ୍କୁ ଧନ୍ୟବାଦ ଜଣାଉଛି ବୋଲି ଉଲ୍ଲେଖ ଅଛି। ଏ ବିଷୟରେ ସରପଞ୍ଚ ସରୋଜ ମେହେରଙ୍କୁ ପଚାରିବାରୁ ସେ କହିଥିଲେ, ମୋତେ ବଦ୍‌ନାମ କରିବା ପାଇଁ ଏହା ଏକ ଷଡ଼ଯନ୍ତ୍ର। ମୋ ନାମରେ କେହି ଜଣେ ନକଲି ଫେସ୍‌ବୁକ ଆଇଡି ଖୋଲି ଏପରି କରିଛି। ଏ ନେଇ ମୁ ରେଙ୍ଗାଲି ଥାନାରେ ଅଭିଯୋଗ କରିବି ବୋଲି ସେ କହିଛନ୍ତି।

ଯୁପି ନିର୍ବାଚନ: ଷଷ୍ଠ ପର୍ଯ୍ୟାୟରେ ୫୩% ମତଦାନ

ଲକ୍ଷ୍ନୌ,୩।୩ (ପି.ଟି.)

ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନର ଷଷ୍ଠ ପର୍ଯ୍ୟାୟରେ ଗୁରୁବାର ୧୦ ଜିଲାର ୫୭ ଆସନ ଲାଗି ମତଦାନ ହୋଇଯାଇଛି। ଏଥିସହିତ ୬୭୬ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ୍ ହୋଇଛି। ମତଦାନ ଶାନ୍ତିପୂର୍ଣ୍ଣ ଥିବା ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ବିଡିଆର୍ ତିୱାରୀ କହିଛନ୍ତି। ଅପରାହ୍ନ ୫ଟା ସୁଦ୍ଧା ୫୩.୩୧ ପ୍ରତିଶତ ମତଦାନ ହୋଇଥିଲା। ଏହି ପର୍ଯ୍ୟାୟରେ ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ଥିଲେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏବଂ ରାଜ୍ୟ କଂଗ୍ରେସ ସଭାପତି ଅଜୟ କୁମାର ଲଲ୍ଲୁ। ଯୋଗୀ ଗୋରଖପୁର ଅର୍ବାନରୁ ପ୍ରଥମ ଥର ଲାଗି ବିଧାନସଭା ନିର୍ବାଚନ ଲଢୁଛନ୍ତି। ସେହିପରି ଲଲ୍ଲୁ ତମକୁହି ରାଜରୁ, ସମାଜବାଦୀ ପାର୍ଟିର ସ୍ୱାମୀ ପ୍ରସାଦ ମୌର୍ଯ୍ୟ ଫାଜିଲନଗରରୁ ଏବଂ ବିରୋଧୀ ଦଳ ନେତା ରାମଗୋବିନ୍ଦ ଚୌଧରୀ ବଂଶଡିହ ଆସନରୁ ପ୍ରାର୍ଥୀ ହୋଇଥିଲେ। ସକାଳେ ମୁଖ୍ୟମନ୍ତ୍ରୀ ଯୋଗୀ, ମୌଳିକ ଶିକ୍ଷାମନ୍ତ୍ରୀ ସତୀଶ ଦ୍ୱିବେଦୀ, ବିରୋଧୀ ଦଳ ନେତା ରାମଗୋବିନ୍ଦ ଚୌଧୁରୀ, ସୁହେଲଦେବ ଭାରତୀୟ ସମାଜ ପାର୍ଟି ମୁଖ୍ୟ ଓମ୍‌ପ୍ରକାଶ ରାଜଭର, ମନ୍ତ୍ରୀ ଉପେନ୍ଦ୍ର ତିୱାରୀ ପ୍ରମୁଖ ସେମାନଙ୍କ ବୁଥକୁ ଯାଇ ଭୋଟ ଦେଇଥିଲେ। ସୂଚନାଯୋଗ୍ୟ, ୨୦୧୭ରେ ଭାଜପା ଉକ୍ତ ୫୭ ଆସନରୁ ୪୬ଟିରେ ବିଜୟୀ ହୋଇଥିଲା।

କ୍ଷୀରରେ ଗାଧୋଇଲେ ବିଜୟୀ ସମିତିସଭ୍ୟ

ଭଦ୍ରକ ଅଫିସ, ୩।୩: ନିର୍ବାଚନରେ ବିଜୟୀ ହେବା ପରେ ଜଣେ ସମିତିସଭ୍ୟ ପ୍ରାର୍ଥୀଙ୍କୁ ସମର୍ଥକମାନେ କ୍ଷୀରରେ ଗାଧୋଇଦେଇ ଖୁସି ମନାଇଛନ୍ତି। ଏଭଳି ଉପାୟରେ ବିଜୟ ଉତ୍ସବ ପାଳିବା ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥିଲେ ବି ଘଟଣା ଘଟିଛି ଭଦ୍ରକ ଜିଲା ତିହିଡ଼ି ବ୍ଲକର ପାଳିଆବିନ୍ଧା ପଞ୍ଚାୟତରେ। ଘଟଣା ଦୁଇ ଦିନ ତଳର। ଏହାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ସମସ୍ତ କଥା ପଦାକୁ ଆସିଛି। ପାଳିଆବିନ୍ଧା ପଞ୍ଚାୟତରେ ବିଜେଡି ସମର୍ଥିତ ସରପଞ୍ଚ ଓ ସମିତିସଭ୍ୟ ପ୍ରାର୍ଥୀ ବିଜୟ ହାସଲ କରିଛନ୍ତି। ସମିତିସଭ୍ୟ ଭାବେ ଜିତିବା ପରେ ଜୀବନଜ୍ୟୋତି ପଲେଇଙ୍କୁ ତାଙ୍କ ସମର୍ଥକମାନେ କଞ୍ଚା କ୍ଷୀର ଢାଳି ଗାଧୋଇ ଦେଇ ଖୁସି ମନାଇଥିଲେ। ଏହା ଭାଇରାଲ ହୋଇଥିବା ଭିଡିଓରେ ଦେଖିବାକୁ ମିଳିଛି। ଉଲ୍ଲେଯୋଗ୍ୟ, ଜୀବନଜ୍ୟୋତି ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପା ସମର୍ଥିତ ପ୍ରାର୍ଥୀଙ୍କଠାରୁ ୩୯୬ ଭୋଟ୍ ବ୍ୟବଧାନରେ ବିଜୟୀ ହୋଇଛନ୍ତି।

ସ୍ୱାମୀ ସମିତି ସଭ୍ୟ, ସ୍ତ୍ରୀ ସରପଞ୍ଚ

ତିର୍ତ୍ତୋଲ,୩।୩(ଡି.ଏନ.ଏ.)

ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ବ୍ଲକ ୨ ନଂ. ଜୋନ ଅଧୀନ କନିମୂଳ ଓ ବିଷନପୁର ପଞ୍ଚାୟତରେ ସ୍ୱାମୀ ସମିତି ସଭ୍ୟ ଓ ସ୍ତ୍ରୀ ସରପଞ୍ଚ ଭାବେ ବିଜୟୀ ହୋଇଛନ୍ତି। ଏହି ଦମ୍ପତି ହେଲେ ପୂର୍ବତନ ବିଜେଡି ସଭାପତି ତଥା ବ୍ଲକ ଆତ୍ମା କମିଟି ଅଧ୍ୟକ୍ଷ ବସନ୍ତ ମହାପାତ୍ର ଓ ତାଙ୍କ ସ୍ତ୍ରୀ ରାଜଶ୍ରୀ ମହାପାତ୍ର। ବସନ୍ତ ଏକାଧିକ ଥର ବିଷନପୁର ପଞ୍ଚାୟତରୁ ସରପଞ୍ଚ ଭାବେ ନିର୍ବାଚିତ ହୋଇଛନ୍ତି। ଚଳିତ ନିର୍ବାଚନରେ ଏହି ପଞ୍ଚାୟତର ସରପଞ୍ଚ ପଦ ମହିଳାଙ୍କ ନିମନ୍ତେ ସଂରକ୍ଷିତ ଥିବାରୁ ସ୍ତ୍ରୀ ରାଜଶ୍ରୀ ଏଠାରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ଅପରପକ୍ଷେ ବସନ୍ତ ପଡୋଶୀ ପଞ୍ଚାୟତ କନିମୂଳରୁ ସମିତି ସଭ୍ୟ ପ୍ରାର୍ଥୀ ହୋଇଥିଲେ। ନିର୍ବାଚନରେ ରାଜଶ୍ରୀ ୮୭ ଭୋଟ୍ ଏବଂ ବସନ୍ତ ୮୦୬ ଭୋଟ ବ୍ୟବଧାନରେ ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ବିଜୟୀ ହୋଇଛନ୍ତି।

ସମିତି ସଭ୍ୟ ଭାବେ ଜିତିଲେ ମା, ପୁଅ

ସଇଁତଳା, ୩।୩(ଡି.ଏନ.ଏ.)

ବଲାଙ୍ଗୀର ଜିଲା ସଇଁତଳା ବ୍ଲକରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଫଳ ପ୍ରକାଶ ପାଇଛି। ଘୋଷିତ ତାଲିକାରେ ସମିତି ସଭ୍ୟ ଭାବେ ମା ଓ ପୁଅ ନିର୍ବାଚିତ ହୋଇଥିବା ରୋଚକ ଖବର ମିଳିଛି। ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇଙ୍କ ପତ୍ନୀ ତଥା ପ୍ରାକ୍ତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ମୋନିକା ସିଂ ଭୋଇ ସଇଁତଳା ଗ୍ରାମ ପଞ୍ଚାୟତରୁ ସମିତି ସଭ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ତାଙ୍କୁ ୨୩୩୮ ଖଣ୍ଡ ଭୋଟ ମିଳିଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତପସ୍ୱିନୀ ପଧାନଙ୍କୁ ମିଳିଛି ମାତ୍ର ୩୬୫ ଖଣ୍ଡ ଭୋଟ। ଅନୁରୂପ ଭାବେ ମୋନିକାଙ୍କ ପୁଅ ସିମ୍ରନ ସିଂ ଭୋଇ ଡେଙ୍ଗ ଗ୍ରାମ ପଞ୍ଚାୟତରୁ ସମିତି ସଭ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ସିମ୍ରନଙ୍କୁ ୧୩୭୨ ଖଣ୍ଡ ଭୋଟ ମିଳିଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଜେମାମଣି ମଲ୍ଲିକଙ୍କୁ ମିଳିଛି ୪୭୧ ଭୋଟ। ଏବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପଦ ପାଇଁ ଛକାପଞ୍ଜା ଆରମ୍ଭ ହୋଇଥିବା ବେଳେ ମୋନିକାଙ୍କୁ ପଞ୍ଚାୟତ ସମିତି ଅଧ୍ୟକ୍ଷ ପଦ ପାଇଁ ପ୍ରମୁଖ ଦାବିଦାର ବୋଲି କୁହାଯାଉଛି।

ମୋନିକା ସିଂ ଭୋଇ

ସିମ୍ରନ ସିଂ ଭୋଇ

ସର୍ବକନିଷ୍ଠା ସରପଞ୍ଚ ଲିପିକା, ରଞ୍ଜିତା

ଝୁମ୍ପୁରା,୩।୩(ଡି.ଏନ.ଏ.): ଯାଜପୁର ଜିଲା ଦଶରଥପୁର ବ୍ଲକ୍‌ରେ ପଞ୍ଚାୟତ ନିର୍ବାଚନ ଫଳାଫଳ ଘୋଷଣା ପରେ ୩୫ ପଞ୍ଚାୟତରେ ଜିତିଥିବା ସରପଞ୍ଚଙ୍କ ମଧ୍ୟରେ ଦୁଇ ସର୍ବକନିଷ୍ଠା ସରପଞ୍ଚ ରହିଛନ୍ତି। ସେମାନେ ହେଲେ ପାଲଟପୁର ସରପଞ୍ଚ ଲିପିକା ମଲ୍ଲିକ ଓ ତଳିହା ସରପଞ୍ଚ ରଞ୍ଜିତା ଜେନା। ଲିପିକା ମିଳିତ ବିରୋଧୀ ମଞ୍ଚ ସମର୍ଥନରେ ଲଢ଼ି ୨୩୨୪ ଖଣ୍ଡ ଭୋଟ୍ ପାଇଥିବାବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଅବିନାଶ ମଲ୍ଲିକଙ୍କୁ ୬୯୯ ଖଣ୍ଡ ଭୋଟ୍ ବ୍ୟବଧାନରେ ହରାଇଛନ୍ତି। ୨୩ ବର୍ଷୀୟା ଲିପିକା ତାଙ୍କ ବିଜୟର ଶ୍ରେୟ ପଞ୍ଚାୟତବାସୀଙ୍କୁ ଦେଇଛନ୍ତି। ସେ କହିଛନ୍ତି, ପଞ୍ଚାୟତବାସୀଙ୍କ ଅକୁଣ୍ଠ ଭଲପାଇବା ତାଙ୍କୁ ବିଜୟ ଦ୍ୱାର ଦେଶ୍‌ରେ ପହଞ୍ଚାଇଛି।

ସେହିପରି ତଳିହା ସରପଞ୍ଚଭାବେ ଶାସକ ଦଳ ସମର୍ଥନରେ ଲଢୁଥିବା ୨୪ ବର୍ଷୀୟା ରଞ୍ଜିତା ଜେନା ୨୪୩୯ ଖଣ୍ଡ ଭୋଟ୍ ପାଇ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଗୌରୀ ଜେନାଙ୍କୁ ୧୫୮୯ ଖଣ୍ଡ ଭୋଟ୍‌ରେ ପରାଜିତ କରିଛନ୍ତି। ରଞ୍ଜିତା ତାଙ୍କ ବିଜୟର ଶ୍ରେୟ ପଞ୍ଚାୟତବାସୀଙ୍କୁ ଦେଇଛନ୍ତି।

ଭୁବନେଶ୍ୱର ମେୟର ପଦବୀ

■୨୯ ବର୍ଷ ପରେ ମହିଳାଙ୍କ ହାତକୁ ମିଳିବ କ୍ଷମତା

■ଆଜି କଂଗ୍ରେସ, ବିଜେଡି ଘୋଷଣା କରିପାରନ୍ତି ମେୟର ପ୍ରାର୍ଥୀ

ଭୁବନେଶ୍ୱର,୩।୩(ବ୍ୟୁରୋ)

ଆସନ୍ତା ୨୪ ତାରିଖରେ ରାଜ୍ୟରେ ପୌର ନିର୍ବାଚନ ଅନୁଷ୍ଠିତ ହେବ। ଏ ନେଇ ସହର ରାଜନୀତି ସରଗରମ ହେଲାଣି। ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଥିବାରୁ ଭୁବନେଶ୍ୱର ୩ ବିଧାୟକଙ୍କ ବାସଭବନରେ ପ୍ରବଳ ଗହଳି ଦେଖିବାକୁ ମିଳୁଛି। ଅନେକ ଆଶାୟୀ ବିଜେଡିରେ ମଧ୍ୟ ଯୋଗ ଦେଉଛନ୍ତି। ତେବେ କେଉଁମାନଙ୍କୁ ବିଜେଡି କର୍ପୋରେଟର ପ୍ରାର୍ଥୀ କରିବ ସେ ନେଇ ବିଧାୟକମାନଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ବିଜୟ ସମ୍ଭାବନା ଥିବା ଆଶାୟୀଙ୍କୁ ପ୍ରାର୍ଥୀ କରିବା ଏକପ୍ରକାର ନିଶ୍ଚିତ ହୋଇଛି। ପଞ୍ଚାୟତ ନିର୍ବାଚନ ପ୍ରଭାବ ପୌର ନିର୍ବାଚନରେ ପଡ଼ିବା ଆଶାରେ ବିଜେଡି ପ୍ରାର୍ଥୀ ହେବାକୁ ଆଶାୟୀଙ୍କ ଲମ୍ଭାଡ଼ି ଲାଗିଛି। ଅନ୍ୟପକ୍ଷରେ ଭୁବନେଶ୍ୱର ମେୟର ପ୍ରାର୍ଥୀ ଚୟନ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ମେୟର ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବ। ଚଳିତ ନିର୍ବାଚନରେ ପ୍ରଥମ ଥର ଲାଗି ମେୟର ମତଦାତାଙ୍କ ଦ୍ୱାରା ସିଧାସଳଖ ନିର୍ବାଚିତ ହେବେ। ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ୩ ଜଣ ବିଜେଡି ବିଧାୟକ ଥିବା ବେଳେ ସଂସଦୀୟ କ୍ଷେତ୍ରରେ ଭାଜପାର ଏକମାତ୍ର ଏମ୍‌ପି ରହିଛନ୍ତି। ତେବେ ଉଭୟ ଦଳ ପାଇଁ ମେୟର ଏକ ସମ୍ମାନର ପଦବୀ ହୋଇଥିବାରୁ ପ୍ରତିଦ୍ୱନ୍ଦ୍ୱିତା ଜୋରଦାର ହେବ ବୋଲି ଅନୁମାନ କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ବିଜେଡି ପ୍ରାର୍ଥୀ ଘୋଷଣା କରିବ। ଶୁକ୍ରବାର ବିଜେଡି ମେୟର ପାଇଁ ନାମ ଘୋଷଣା କରିବା ସମ୍ଭାବନା ରହିଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ସମୟରେ ୧୯୯୩ ମସିହାରେ କିରଣବାଳା ମଙ୍ଗରାଜ ଭୁବନେଶ୍ୱର ମ୍ୟୁନିସିପାଲିଟିର ଅଧ୍ୟକ୍ଷା ଭାବେ ନିର୍ବାଚିତ ହୋଇଥିଲେ। ଦୀର୍ଘ ୨୯ ବର୍ଷ ପରେ ଭୁବନେଶ୍ୱର ମହାନଗର ନିଗମ ମେୟର ଭାବେ ଜଣେ ମହିଳାଙ୍କୁ ଦାୟିତ୍ୱ ମିଳିବ। ଏହି ପଦବୀକୁ ହାତେଇବା ଲାଗି ବିଜେଡି ଓ ଭାଜପା ମଧ୍ୟରେ କଡ଼ା ଟକ୍କର ହେବାର ସମ୍ଭାବନା ରହିଛି। ୨୦୧୯ ନିର୍ବାଚନରେ ଭୁବନେଶ୍ୱର ସଂସଦୀୟ କ୍ଷେତ୍ରର ସମସ୍ତ ବିଧାୟକ ପ୍ରାର୍ଥୀ ବିଜେଡି ହାତେଇଥିବା ବେଳେ ପୂର୍ବତନ ବିଏମ୍‌ସି କମିଶନର ତଥା ଭାଜପା ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ ଏମ୍‌ପି ଭାବେ ବିଜୟୀ ହୋଇଥିଲେ। ଅପରାଜିତାଙ୍କ ବଳରେ ଭାଜପା ଭୁବନେଶ୍ୱର ମେୟର ପଦବୀ ହାସଲ କରିବା ଲକ୍ଷ୍ୟରେ ରହିଛି। ଯଦି ବିଜେଡି କର୍ପୋରେଟରଙ୍କୁ ବିଜୟୀ କରିବାରେ ସକ୍ଷମ ହେବ ଏବଂ ମେୟର ପଦବୀ ଭାଜପା ହାତେଇବ ତେବେ ପରିସ୍ଥିତି ଭିନ୍ନ ମୋଡ଼ ନେବ। ଏଭଳି ପରିସ୍ଥିତିରେ ବିଜେଡି ମଧ୍ୟ ମେୟର ପଦବୀକୁ ହାତେଇବାକୁ ସମସ୍ତ କଳବଳ କୌଶଳ ଖଟାଇବ। ଚଳିତ ନିର୍ବାଚନରେ ଭୁବନେଶ୍ୱର ମେୟର ପଦବୀକୁ ନେଇ ରୋମାଞ୍ଚକ ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ରହିଛି। ତେବେ ପ୍ରାର୍ଥୀ ଚୟନ ମଧ୍ୟ ଉଭୟ ଦଳ ପାଇଁ ବଡ଼ ସମସ୍ୟା ଦେଖାଦେଇଛି। ନିର୍ବାଚନରେ ବିଜୟୀ ହେବାକୁ ହେଲେ ପ୍ରାର୍ଥୀଙ୍କ ଭାବମୂର୍ତ୍ତି ସାଙ୍ଗକୁ ଦଳୀୟ ସମର୍ଥନ ଏକ ବଡ଼ ମାପଦଣ୍ଡ ହେବ। ବିଜେଡିର ମେୟର ପ୍ରାର୍ଥୀ ଭାବେ ମୋ ସ୍କୁଲ ଅଭିଯାନର ଅଧ୍ୟକ୍ଷା ସୁସ୍ମିତା ବାଗ୍‌ଚୀ, କନ୍ଧମାଳ ଏମ୍‌ପି ଅଚ୍ୟୁତ ସାମନ୍ତଙ୍କ ଭଉଣୀ ଇତି ସାମନ୍ତ, ଓଡ଼ିଶା ପର୍ଯ୍ୟଟନ ନିଗମ ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର, ବିଜେଡି ମୁଖପାତ୍ର ସୁଲତା ଦେଓ, ପୂର୍ବତନ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଲୋପାମୁଦ୍ରା ବକ୍ସିପାତ୍ରଙ୍କ ନାମ ଚର୍ଚ୍ଚା ହେଉଛି। ତେବେ କିଏ ମେୟର ପ୍ରାର୍ଥୀ ହେବେ ତାହା କେବଳ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହିଁ ନିଷ୍ପତ୍ତି ନେବେ। ସେହିପରି ଭାଜପାର ମେୟର ପ୍ରାର୍ଥୀ ଭାବେ ଭାଜପା ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର, ଅଭିନେତ୍ରୀ ଅନୁ ଚୌଧୁରୀ, ପୂର୍ବତନ କର୍ପୋରେଟର ଉର୍ମିଳା ମହାପାତ୍ରଙ୍କ ନାମ ଚର୍ଚ୍ଚାକୁ ଆସିଛି। ମେୟର ପ୍ରାର୍ଥୀ ଚୟନ ଦାୟିତ୍ୱ ଅପରାଜିତାଙ୍କ ଉପରେ ନ୍ୟସ୍ତ କରାଯାଇଥିବା ଶୁଣାଯାଉଛି। ସେହିପରି କଂଗ୍ରେସ ମଧ୍ୟ ମେୟର ଦୌଡ଼ରେ ପଛରେ ନାହିଁ। ଏହି ପଦବୀରେ ଜଣେ ପ୍ରତିଭାଶାଳୀ ମହିଳାଙ୍କୁ ଦଳ ପ୍ରାର୍ଥୀ କରିବାକୁ ଯୋଜନା କରିଛି। ତେବେ ମିଳିଥିବା ସୂଚନା ଅନୁଯାୟୀ କଂଗ୍ରେସ ମଧୁସ୍ମିତା ଆଚାର୍ଯ୍ୟଙ୍କୁ ମେୟର ପ୍ରାର୍ଥୀ କରିବା ନେଇ ବୃତ୍ତାନ୍ତ କରିଥିବା ଜଣାପଡ଼ିଛି।

ବିକାଶ ପାଇଁ ମଝିଘରିଆଣୀଙ୍କ ନାଁରେ ଶପଥ

ପୌରାଧ୍ୟକ୍ଷ ପଦ ଲାଗି ସ୍ୱାଧୀନରେ ଲଢ଼ିବେ ଇଞ୍ଜିନିୟର

ରାୟଗଡ଼ା ଅଫିସ,୩।୩

ରାୟଗଡ଼ା ମୋର ମାତୃଭୂମି। ନିଜ ମାଟି ପାଇଁ କାମ କରିପାରିଲେ ନିଜକୁ ଧନ୍ୟ ମନେ କରିବି। ମାଁ ମଝିଘରିଆଣୀଙ୍କ ନାଁରେ ଶପଥ କରି କହୁଛି, ଜିତିଲେ ସହରର ସର୍ବାଙ୍ଗୀନ ବିକାଶ କରିବି। ରାୟଗଡ଼ା ପୌରାଧ୍ୟକ୍ଷ ପଦ ପାଇଁ ଗୁରୁବାର ନାମାଙ୍କନପତ୍ର ଦାଖଲ କରିଥିବା ସଦାଶିବ ତ୍ରିପାଠୀ(୨୬) ଦୃଢ଼ତାର ସହ ଏଭଳି କହିଛନ୍ତି।

ସଦାଶିବ ରାୟଗଡ଼ା ଏକ୍ସ ବୋର୍ଡ ୟୁ.ପି. ସ୍କୁଲରେ ପ୍ରାଥମିକ ଶିକ୍ଷା, ଗୋପବନ୍ଧୁ ପୌର ଉଚ୍ଚ ବିଦ୍ୟାଳୟରୁ ମାଟ୍ରିକ୍ ଏବଂ ରାୟଗଡ଼ା କଲେଜରୁ ଯୁକ୍ତ୨ ବିଜ୍ଞାନରେ ଉତ୍ତୀର୍ଣ୍ଣ ହେବାପରେ ସରକାରୀ ଉତ୍କଳ ଗୌରବ ମ

ଓଡ଼ିଶା ସରକାର
ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

ଘୋଷଣା

RDM-LAC-BOL-0034-2018-39725 **Dated: 30 DEC 2021**

No. VIII-09: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳ, ବଲାଙ୍ଗିରଙ୍କ ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ମୌଜା: ବିଜାପାଟି, ଥାନା: ବଲାଙ୍ଗିର, ନଂ. ୮୧, ତହସିଲ: ଲୋଇସିଂହା, ଜିଲ୍ଲା: ବଲାଙ୍ଗିରରେ ନିମ୍ନ ସୂଚୀତ 'କ' ତପସିଲ ଜମି ଏହି ଆଇନର ଧାରା ୨(୧) ପ୍ରକାରେ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ବଲାଙ୍ଗିର ଜିଲ୍ଲାରେ ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପର ଜଳ ଭଣ୍ଡାର ନିର୍ମାଣ ନିମନ୍ତେ ନିର୍ବାହୀ ଯନ୍ତ୍ରୀ, ଲୋୟର ସୁକତେଲ ଜଳସେଚନ ଯୋଜନାର ଥଇଥାନ ଓ ପୁନର୍ବସତି ଶିବିର ଏବଂ ନିର୍ମାଣ ଖଣ୍ଡ, ବଲାଙ୍ଗିରଙ୍କ ଦ୍ୱାରା ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୪୮୩, ତା୧୧।୧୧।୨୦୧୯ରିଖରେ ପ୍ରକାଶିତ ହୋଇଅଛି ଏବଂ ପ୍ରଚଳିତ ପରିସ୍ଥିତିକୁ ବିଚାରକୁ ନେଇ ରାଜ୍ୟ ସରକାର ଧାରା ୧୯ର ଉପଧାରା ୭ ଅଧୀନରେ ପ୍ରକାଶିତ ବିଜ୍ଞପ୍ତି ନମ୍ବର ୨୨୬୯୩ ତା୦୩।୦୮।୨୦୨୧ ବୈଧତା ୩୧।୧୨।୨୦୨୧ରିଖ ପର୍ଯ୍ୟନ୍ତ ପରିବର୍ଦ୍ଧିତ କରିଅଛନ୍ତି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା: ବିଜାପାଟି, ଥାନା: ବଲାଙ୍ଗିର ନଂ. ୮୧, ତହସିଲ: ଲୋଇସିଂହା, ଜିଲ୍ଲା: ବଲାଙ୍ଗିରରେ ବିସ୍ଥାପିତ ପରିବାର ଥିବାରୁ କମିଶନର, ପୁନର୍ବାସ ଓ ଥଇଥାନଙ୍କ ଦ୍ୱାରା ଧାରା ୧୭(୨) ଅନୁସାରେ ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ଏଥି ସହିତ ସଂଲଗ୍ନ କରାଗଲା ।

ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ଏହା ମଧ୍ୟ ଜିଲ୍ଲା ୱେବସାଇଟ୍ **www.balangir.nic.in**ରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ୍ **www.odisha.gov.in/revenue**ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ କରାଗଲା । ପୁନର୍ବାସ ଓ ଥଇଥାନ ଯୋଜନା ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ ଅଧିକାରୀ, ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ ବଲାଙ୍ଗିରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ତପସିଲ – କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)
ଜିଲ୍ଲା: ବଲାଙ୍ଗିର, ତହସିଲ: ଲୋଇସିଂହା

ଗ୍ରାମର ନାମ	ଗ୍ରାମାଞ୍ଚଳ/ ସହରାଞ୍ଚଳ	ଖାତା ନଂ.	ପ୍ଲଟ ନଂ.	କିସମ	ପ୍ଲଟର ମୋଟ ରକବା	ଅଧିଗ୍ରହଣ ହେବାକୁଥିବା ଜମିର ରକବା	ରୟତଙ୍କ ନାମ
୧	୨	୩	୪	୫	୬	୭	୮
ବିଜାପାଟି	ଗ୍ରାମାଞ୍ଚଳ	ଏଥିସହିତ ସଂଲଗ୍ନ କରାଗଲା	ଏଥିସହିତ ସଂଲଗ୍ନ କରାଗଲା	ଏଥିସହିତ ସଂଲଗ୍ନ କରାଗଲା	ଏଥିସହିତ ସଂଲଗ୍ନ କରାଗଲା	ଏ.୨୭୭.୩୯	ଏଥିସହିତ ସଂଲଗ୍ନ କରାଗଲା

ତପସିଲ – ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)
ଜିଲ୍ଲା: ବଲାଙ୍ଗିର, ତହସିଲ: ଲୋଇସିଂହା

ଗ୍ରାମର ନାମ	ଗ୍ରାମାଞ୍ଚଳ/ ସହରାଞ୍ଚଳ	ଖାତା ନଂ.	ପ୍ଲଟ ନଂ.	କିସମ	ପ୍ଲଟର ମୋଟ ରକବା	ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା	ରୟତଙ୍କ ନାମ
୧	୨	୩	୪	୫	୬	୭	୮
ପ୍ରଯୁଜ୍ୟ ଅଟେ, ଅନୁମୋଦିତ ପୁନଃର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ଏଥି ସହିତ ସଂଲଗ୍ନ କରାଗଲା ।							

- ଅଧିସୂଚନାର ବୈଧ ତାରିଖ: ୦୮।୦୮।୨୦୨୦

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– ଅତିରିକ୍ତ ଶାସନ ସଚିବ

ଭୂମି ଅଧିଗ୍ରହଣ ଅନୁସୂଚୀ
ବ୍ୟକ୍ତିଗତ ଜମିର ବିଶଦ ବିବରଣୀ

ଜିଲ୍ଲାର ନାମ	ତହସିଲ	ଗ୍ରାମ	ଗ୍ରାମାଞ୍ଚଳ/ ସହରାଞ୍ଚଳ	ଖାତା ନଂ.	ପ୍ଲଟ ନଂ.	ପ୍ଲଟର ମୋଟ ରକବା	ଅଧି ସୂଚୀତ ହେବାକୁ ଥିବା ଜମିର ପରିମାଣ	ରୟତଙ୍କ ନାମ ଏବଂ ପିତାଙ୍କ ନାମ
୧	୨	୩	୪	୫	୬	୭	୮	୯
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୧	୬	୦.୫୦	୦.୫୦	ଅରକ୍ଷିତ ଧରୁଆ, ପରକ୍ଷିତ ଧରୁଆ, ବାଜି ଧରୁଆ, ସେବ ଧରୁଆ, ସତେ ଧରୁଆ, ପି-ବଳନାଥ ଧରୁଆ, ବିମଳ ଧରୁଆ, ସ୍ୱା-ଦେବ ଧରୁଆ
					୧୦	୦.୭୪	୦.୭୪	
					୧୨	୦.୫୧	୦.୫୧	
					୧୬	୦.୪୭	୦.୪୭	
					୧୭	୧.୬୦	୧.୬୦	
					୧୮	୦.୨୭	୦.୨୭	
					୧୯	୨.୫୮	୨.୫୮	
					୨୦	୧.୦୬	୧.୦୬	
					୨୧	୨.୫୨	୨.୫୨	
					୨୩	୦.୮୪	୦.୮୪	
					୨୫	୦.୧୯	୦.୧୯	
					୨୬	୦.୨୬	୦.୨୬	
					୨୭	୦.୯୧	୦.୯୧	
					୨୮	୦.୧୫	୦.୧୫	
					୨୯	୦.୭୫	୦.୭୫	
					୫୭	୦.୩୪	୦.୩୪	
					୬୨	୩.୪୯	୩.୪୯	
					୬୩	୦.୧୯	୦.୧୯	
					୬୪	୦.୫୨	୦.୫୨	
					୨୦୪	୦.୦୧	୦.୦୧	
					୨୦୫	୦.୦୩	୦.୦୩	
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୨	୮୬	୧.୬୮	୧.୬୮	ଇନ୍ଦ୍ରଜିତ ମାଝୀ, ଉଚ୍ଛବ ମାଝୀ, ପି-ଲବ ମାଝୀ
					୨୦୧	୦.୧୦	୦.୧୦	
					୨୦୨	୦.୦୫	୦.୦୫	
					୨୦୩	୦.୦୪	୦.୦୪	
					୨୧୫	୩.୬୦	୩.୬୦	
					୨୧୮	୩.୫୬	୩.୫୬	
					୨୧୯	୧.୭୬	୧.୭୬	
					୨୩୭	୦.୯୫	୦.୯୫	
					୨୪୦	୦.୮୪	୦.୮୪	
					୨୪୧	୦.୩୩	୦.୩୩	
					୨୪୨	୨.୦୧	୨.୦୧	
					୨୪୩	୦.୧୭	୦.୧୭	
					୨୪୪	୦.୪୦	୦.୪୦	
					୨୪୫	୩.୪୮	୩.୪୮	
					୨୪୬	୦.୫୫	୦.୫୫	
					୨୪୭	୪.୦୫	୪.୦୫	
					୨୫୦	୦.୪୭	୦.୪୭	
					୨୫୧	୦.୨୨	୦.୨୨	
					୨୫୨	୦.୧୩	୦.୧୩	
					୨୫୩	୦.୧୧	୦.୧୧	
					୨୫୪	୦.୧୪	୦.୧୪	
					୨୫୫	୦.୨୯	୦.୨୯	
					୨୫୮	୦.୪୭	୦.୪୭	
					୨୬୦	୦.୪୫	୦.୪୫	
					୨୬୧	୦.୦୮	୦.୦୮	
					୨୬୨	୦.୪୪	୦.୪୪	
					୨୬୩	୦.୮୭	୦.୮୭	
					୨୬୪	୦.୭୯	୦.୭୯	
					୨୮୧	୦.୩୨	୦.୩୨	
					୨୮୨	୦.୪୫	୦.୪୫	
					୨୮୩	୦.୭୦	୦.୭୦	
					୨୮୪	୦.୨୯	୦.୨୯	
					୨୮୫	୦.୩୪	୦.୩୪	
					୨୮୬	୦.୭୮	୦.୭୮	
					୨୮୭	୦.୩୭	୦.୩୭	
					୨୯୦	୦.୪୫	୦.୪୫	
					୨୯୧	୩.୪୯	୩.୪୯	
					୨୯୨	୦.୧୯	୦.୧୯	
					୨୯୩	୦.୮୪	୦.୮୪	
					୨୯୪	୦.୭୫	୦.୭୫	
					୨୯୫	୦.୩୪	୦.୩୪	
					୩୦୦	୦.୬୮	୦.୬୮	
					୩୦୧	୦.୨୨	୦.୨୨	
					୩୦୨	୮.୫୨	୮.୫୨	
					୨୬୧/ ୩୩୭	୦.୦୬	୦.୦୬	
					୨୯୭/ ୩୩୭	୦.୩୭	୦.୩୭	
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୩	୩୦୧	୩.୨୭	୩.୨୭	ଗୋବିନ୍ଦ ଗଡତିଆ, ଇନ୍ଦ୍ର ଗଡତିଆ, ପାଏନବୁଡୁ ଗଡତିଆ, ପି-ଉତ୍କଳ ଗଡତିଆ, ବା-ଡୁଙ୍ଗୁରୀପାଲି, ଦେ ବକା ପାତ୍ର, ପି-ଟିକୁନୁ ଗଡତିଆ, ଗୁଲ୍ଲୁଣୀ ଗଡତିଆ, ଗୁରୁବାରୀ ଗଡତିଆ, ସ୍ୱା-ଟିକୁନୁ ଗଡତିଆ
					୩୦୧/ ୩୪୦	୦.୯୪	୦.୯୪	
					୩୦୧/ ୩୪୧	୦.୬୯	୦.୬୯	
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୪	୧୬୪	୦.୧୦	୦.୧୦	ଦଶ ଭୋଇ, ପି-ଭୁଦନ ଭୋଇ
					୧୬୫	୦.୦୮	୦.୦୮	
					୧୬୬	୦.୦୮	୦.୦୮	
					୧୬୮	୦.୫୬	୦.୫୬	
					୧୬୯	୦.୨୧	୦.୨୧	
					୧୭୦	୦.୯୦	୦.୯୦	
					୧୭୧	୦.୫୨	୦.୫୨	
					୧୭୨	୧.୮୦	୧.୮୦	
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୫	୧୫୯	୭.୯୮	୭.୯୮	ଧରମ ସିଂହ ଭୋଇ, ସୁଭା ସିଂହ ଭୋଇ, ପି-ମହିମା ଭୋଇ
					୧୬୦	୦.୩୧	୦.୩୧	
					୧୬୧	୦.୩୨	୦.୩୨	
					୧୬୨	୧.୭୧	୧.୭୧	
					୧୬୩	୨.୬୧	୨.୬୧	
					୧୭୩	୧.୩୨	୧.୩୨	
					୧୭୪	୦.୯୫	୦.୯୫	
					୧୭୫	୦.୩୩	୦.୩୩	
					୧୭୬	୧.୭୮	୧.୭୮	
					୧୭୭	୧.୫୦	୧.୫୦	
					୧୭୮	୦.୪୮	୦.୪୮	
					୧୮୦	୦.୦୮	୦.୦୮	
					୧୮୧	୦.୨୯	୦.୨୯	
					୧୮୪	୦.୪୩	୦.୪୩	
					୧୮୫	୦.୦୨	୦.୦୨	
					୧୮୬	୦.୦୩	୦.୦୩	
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୬	୨୦୬	୦.୦୨	୦.୦୨	ପରଖିତ ଧରୁଆ, ପି-ବଳନାଥ ଧରୁଆ
					୨୦୭	୦.୦୮	୦.୦୮	
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୭	୩୦୨	୫.୫୨	୫.୫୨	ପିତବାସ ପଧାନ, ଯଦୁ ପଧାନ, ପି-ଚକ୍ର ପଧାନ, ଉପାସୀ ଗଡତିଆ, ସୁଭା ଗଡତିଆ, ବେଟିଖାଇ ପଧାନ, ଚେରୁ ସାହୁ, ପି-ବିମଧର ପଧାନ, ଅନିରୁଦ୍ଧ ପଧାନ, ଲୁଆନ ପଧାନ, ଗଙ୍ଗାଧର ପଧାନ, ପି-ବାଳା-ମଣୀ ପଧାନ
					୩୦୩	୦.୫୨	୦.୫୨	
					୩୦୪	୧.୯୮	୧.୯୮	
					୩୦୫	୦.୪୨	୦.୪୨	
					୩୧୧	୩.୨୨	୩.୨୨	
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୮	୧୧୧	୦.୦୨	୦.୦୨	ବନମାଳୀ ବଗର୍ତ୍ତୀ, ପି- ମଧୁ ବଗର୍ତ୍ତୀ
					୨୧୩	୦.୦୬	୦.୦୬	
					୨୧୪	୦.୦୩	୦.୦୩	
					୨୬୪	୦.୦୬	୦.୦୬	
					୨୬୫	୦.୫୮	୦.୫୮	
					୨୬୬	୦.୩୧	୦.୩୧	
					୨୬୭	୦.୩୫	୦.୩୫	

ଜିଲ୍ଲାର ନାମ	ତହସିଲ	ଗ୍ରାମ	ଗ୍ରାମାଞ୍ଚଳ/ ସହରାଞ୍ଚଳ	ଖାତା ନଂ.	ପ୍ଲଟ ନଂ.	ପ୍ଲଟର ମୋଟ ରକବା	ଅଧି ସୂଚୀତ ହେବାକୁ ଥିବା ଜମିର ପରିମାଣ	ରୟତଙ୍କ ନାମ ଏବଂ ପିତାଙ୍କ ନାମ
୧	୨	୩	୪	୫	୬	୭	୮	୯
					୨୬୮	୦.୭୫	୦.୭୫	
					୨୬୯	୦.୦୪	୦.୦୪	
					୨୭୧	୦.୬୨	୦.୬୨	
					୨୭୨	୦.୫୫	୦.୫୫	
					୨୭୮	୦.୭୮	୦.୭୮	
					୨୭୯	୧.୫୬	୧.୫୬	
					୨୮୦	୦.୨୨	୦.୨୨	
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୯	୮	୧.୩୧	୧.୩୧	ବିକ୍ରମ ଭୋଏ, ପି-ବଳିୟାର ଭୋଏ
					୯	୪.୬୬	୪.୬୬	
					୧୧	୦.୯୭	୦.୯୭	
					୧୪	୦.୧୦	୦.୧୦	
					୧୫	୦.୪୭	୦.୪୭	
					୩୦	୦.୯୧	୦.୯୧	
					୩୧	୧.୯୪	୧.୯୪	
					୩୩	୦.୧୦	୦.୧୦	
					୩୪	୦.୫୨	୦.୫୨	
					୩୫	୧.୦୦	୧.୦୦	
					୫୧	୦.୫୬	୦.୫୬	
					୫୪	୧.୦୦	୧.୦୦	
					୫୬	୦.୩୦	୦.୩୦	
					୫୮	୦.୨୩	୦.୨୩	
					୫୯	୦.୪୦	୦.୪୦	
					୬୧	୨.୦୮	୨.୦୮	
					୨୧୦	୦.୦୭	୦.୦୭	
					୨୧୧	୦.୨୪	୦.୨୪	
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୧୦	୩	୧.୫୨	୧.୫୨	ବିଲମ ଭୋଏ, ପି-ଉତ୍କଳ ଭୋଏ
					୩୭	୦.୫୧	୦.୫୧	
					୩୮	୦.୩୧	୦.୩୧	
					୪୦	୦.୧୦	୦.୧୦	
					୪୨	୧.୪୬	୧.୪୬	
					୪୪	୦.୧୧	୦.୧୧	
					୪୭	୨.୮୬	୨.୮୬	
					୪୮	୦.୩୧	୦.୩୧	
					୧୯୧	୦.୧୦	୦.୧୦	
					୧୯୨	୦.୨୮	୦.୨୮	
					୧୯୩	୦.୦୩	୦.୦୩	
					୨୨୦	୧.୬୧	୧.୬୧	
					୨୨୧	୦.୩୯	୦.୩୯	
					୨୨୨	୦.୪୩	୦.୪୩	
					୨୨୩	୦.୦୭	୦.୦୭	
					୨୨୪	୦.୧୪	୦.୧୪	
					୨୨୫	୦.୭୦	୦.୭୦	
					୨୨୬	୦.୫୧	୦.୫୧	
					୨୨୭	୦.୪୫	୦.୪୫	
					୨୨୮	୦.୯୦	୦.୯୦	
					୨୨୯	୩.୭୩	୩.୭୩	
					୨୩୦	୦.୧୩	୦.୧୩	
					୨୩୧	୦.୩୫	୦.୩୫	
					୨୩୨	୦.୧୦	୦.୧୦	
					୨୩୩	୪.୨୨	୪.୨୨	
					୨୩୪	୧.୨୮	୧.୨୮	
					୨୩୬	୫.୯୨	୫.୯୨	
					୨୩୮	୦.୩୬	୦.୩୬	
					୨୩୯	୧.୨୭	୧.୨୭	
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୧୧	ଛୁଟ	୦.୦୦	୦.୦୦	
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୧୨	ଛୁଟ	୦.୦୦	୦.୦୦	
					୬୯	୦.୪୪	୦.୪୪	
					୮୮	୫.୨୦	୫.୨୦	
					୯୧	୦.୧୦	୦.୧୦	
					୯୨	୦.୧୪	୦.୧୪	
					୯୩	୦.୬୮	୦.୬୮	
					୯୮	୦.୧୪	୦.୧୪	
					୧୦୫	୦.୫୫	୦.୫୫	
					୧୦୬	୦.୦୦	୦.୦୦	
					୧୦୭	୦.୦୬	୦.୦୬	
					୧୦୯	୦.୬୦	୦.୬୦	
					୧୧୦	୦.୩୨	୦.୩୨	
					୧୧୧	୦.୫୬	୦.୫୬	
					୧୧୨	୧.୧୫	୧.୧୫	
					୧୧୩	୦.୫୯	୦.୫୯	
					୧୧୪	୦.୧୫	୦.୧୫	
					୧୧୫	୦.୩୭	୦.୩୭	
					୧୧୬	୦.୧୩	୦.୧୩	
					୧୧୮	୦.୧୮	୦.୧୮	
					୧୧୯	୦.୪୪	୦.୪୪	
					୧୨୦	୧.୨୫	୧.୨୫	
					୧୨୧	୨.୬୬	୨.୬୬	
					୧୨୩	୦.୩୧	୦.୩୧	
					୧୪୪	୧.୦୯	୧.୦୯	
					୧୪୬	୧.୦୨	୧.୦୨	
					୧୪୭	୦.୧୪	୦.୧୪	
					୧୪୮	୧.୧୯	୧.୧୯	
					୧୫୦	୦.୩୦	୦.୩୦	
					୧୫୧	୩.୪୨	୩.୪୨	
					୨୦୦	୦.୨୩	୦.୨୩	
					୧୦୪/ ୩୩୧	୦.୦୩	୦.୦୩	
					୧୧୪/ ୩୩୩	୦.୭୦	୦.୭୦	
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୧୪	ଛୁଟ	୦.୦୦	୦.୦୦	
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୧୫	ଛୁଟ	୦.୦୦	୦.୦୦	
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୨୦	ଉପଲବ୍ଧ ନୁହେଁ	୦.୦୦	୦.୦୦	ତହସିଲଦାର, ଲୋଇସିଂହାଙ୍କ ଚିଠି ସଂଖ୍ୟା. ୨୦୯୯, ତାରିଖ ୨୨।୦୬।୨୦୧୭ର ରିପୋର୍ଟ ଅନୁସାରେ
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୨୦/୧	୨୭୪/ ୩୪୩	୧.୬୧	୧.୬୧	ଲକ୍ଷପତି ବିଶ୍ୱାଳ ପଧାନ, ପି-ଧୋବା ପଧାନ
					୩୦୬	୦.୧୬	୦.୧୬	
					୩୦୭	୦.୧୪	୦.୧୪	
					୩୦୯/ ୩୪୪	୧.୬୦	୧.୬୦	
					୩୧୦	୧.୩୮	୧.୩୮	
					୩୧୫/ ୩୪୫	୨.୦୫	୨.୦୫	
					୩୧୬/ ୩୪୬	୦.୧୪	୦.୧୪	
					୩୧୭/ ୩୪୭	୦.୫୫	୦.୫୫	
					୩୨୧/ ୩୪୮	୩.୧୦	୩.୧୦	
					୩୨୩	୦.୨୨	୦.୨୨	
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୨୦/୨	୨୪୯/ ୩୩୩	୦.୨୧	୦.୨୧	ଗୌତମ ପାଲେ, ପି-ଉପାସି ପାଲେ
					୨୫୭/ ୩୪୯	୦.୩୦	୦.୩୦	
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୨୦/୩	୨୪୯/ ୩୫୯	୦.୧୨	୦.୧୨	କଳାକାନ୍ଥୁ ପୁଟେଲ, ପି-ଗଣେଶ ପୁଟେଲ
					୨୫୭/ ୩୫୦	୦.୩୦	୦.୩୦	
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୨୦/୪	୨୪୯/ ୩୬୦	୦.୨୧	୦.୨୧	ଚତୁର୍ଭୁଜ ପୁଟେଲ, ପି-ଗଣେଶ ପୁଟେଲ
					୨୫୭/ ୩୫୧	୦.୩୦	୦.୩୦	
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୨୦/୫	୨୪୯/ ୩୬୧	୦.୨୧	୦.୨୧	ପ୍ରେମ କୁମାର, ସ୍ୱା-କଲଦାର କୁମାର
					୨୫୭/ ୩୫୨	୦.୩୦	୦.୩୦	
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୨୦/୬	୨୪୯/ ୩୬୨	୦.୨୧	୦.୨୧	ହରିଶଙ୍କର ବଗର୍ତ୍ତୀ, ପି- ଗଣ୍ଡା ବଗର୍ତ୍ତୀ
					୨୫୭/ ୩୫୩	୦.୩୦	୦.୩୦	
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୨୦/୭	୨୪୯/ ୩୬୩	୦.୨୧	୦.୨୧	ଭିକାରୀ ବରିହା, ପି-ଦିର୍ଘୁ ବରିହା
					୨୫୭/ ୩୫

ଜିଲ୍ଲାର ନାମ	ତହସିଲ	ଗ୍ରାମ	ଗ୍ରାମାଞ୍ଚଳ/ ସହରାଞ୍ଚଳ	ଖାତା ନଂ.	ପ୍ଲଟ ନଂ.	ପ୍ଲଟର ମୋଟ ରକବା	ଅଧି ସୂଚୀତ ହେବାକୁ ଥିବା ଜମିର ପରିମାଣ	ରୟତଙ୍କ ନାମ ଏବଂ ପିତାଙ୍କ ନାମ
୧	୨	୩	୪	୫	୬	୭	୮	୯
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୨୦/ ୩୮	୧୩୨/ ୩୩୯	୦.୧୩	୦.୧୩	ଦଶରଥ ସାହୁ, ପି-ଭଗବାନ ସାହୁ, କର୍ପୁର ସାହୁ, ସ୍ୱା-ଜଳଧର ସାହୁ, ବିଜୟ ସାହୁ, ଜୟ ସାହୁ, ପି-ଜଳଧର ସାହୁ, ହିମାଦ୍ରି ସାହୁ, ପି-ଜଳଧର ସାହୁ
					୧୨୬/ ୩୨୮	୦.୦୨	୦.୦୨	
					୧୨୬/ ୩୨୭	୦.୨୬	୦.୨୬	
					୧୩୩	୦.୦୪	୦.୦୪	
					୧୯୦	୦.୦୨	୦.୦୨	
					୧୮୯	୦.୦୨	୦.୦୨	
					୧୮୮	୦.୦୧	୦.୦୧	
					୧୪୩	୦.୪୧	୦.୪୧	
					୧୨୬	୦.୯୭	୦.୯୭	
					୧୫୭	୦.୨୬	୦.୨୬	
					୧୫୩/ ୪୨୫	୦.୧୨	୦.୧୨	
					୧୩୯	୦.୪୯	୦.୪୯	
					୧୩୭/ ୪୨୪	୦.୦୬	୦.୦୬	
					୧୩୨/ ୪୨୩	୧.୧୮	୧.୧୮	
					୧/ ୪୨୨	୧.୩୬	୧.୩୬	
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୨୦/ ୩୯	୨୦୯	୦.୦୩	୦.୦୩	କୁଡୁ ସାହୁ, ଦଳ ସାହୁ, ଧିବର ସାହୁ, ଶବର ସାହୁ, ପି-ପଦମନ ସାହୁ
					୨୦୮	୦.୧୪	୦.୧୪	
					୧୫୫	୦.୧୮	୦.୧୮	
					୧୩୦	୦.୨୨	୦.୨୨	
					୧୨୩	୧.୩୬	୧.୩୬	
					୧୫୪	୦.୦୨	୦.୦୨	
					୧୫୩	୦.୨୦	୦.୨୦	
					୧୩୯/ ୪୫୦	୦.୫୪	୦.୫୪	
					୧୩୭	୦.୦୮	୦.୦୮	
					୧୩୬	୦.୭୧	୦.୭୧	
					୧୩୪	୦.୬୬	୦.୬୬	
					୧୩୨	୧.୬୦	୧.୬୦	
					୬୬	୦.୫୦	୦.୫୦	
					୫୨/ ୩୨୬	୦.୫୬	୦.୫୬	
					୧	୦.୬୫	୦.୬୫	
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୨୦/ ୪୦	୧୫୧/ ୪୨୬	୦.୧୦	୦.୧୦	ସମ୍ପି ସେଠ୍, ନନ୍ଦି ସେଠ୍, ପି-ଭିଜ ସେଠ୍
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୨୦/ ୪୧	୧୮୮/ ୩୮୬/ ୪୨୭	୦.୦୨	୦.୦୨	ବିରେନ୍ଦ୍ର କୁମାର ଭଷାଣି, ପି-ବନମାଳି ଭଷାଣି
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୨୦/ ୪୨	୨୩୩/ ୪୩୨	୦.୫୮	୦.୫୮	ବିଜୟ କୁମୁରା, ପି-ଲୋକନାଥ କୁମୁରା
					୨୨୦/ ୪୩୧	୦.୪୨	୦.୪୨	
					୩/ ୪୩୦	୧.୦୨	୧.୦୨	
					୩/ ୪୨୯	୦.୯୮	୦.୯୮	
					୪୨/ ୪୨୮	୧.୫୦	୧.୫୦	
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୨୦/ ୪୩	୧୫୫/ ୪୩୩	୦.୧୧	୦.୧୧	ନିଳାଦ୍ରୀ ବିହାରି ଯୋଷି, ପି-ସତ୍ୟ ନାରାୟଣ ଯୋଷି
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୨୦/ ୪୪	୧୯/ ୪୩୪	୧.୦୦	୧.୦୦	ଘନଶ୍ୟାମ ଭୁଏ, ପି-ମିନକେତନ ଭୁଏ
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୨୦/ ୪୫	୨୩/ ୪୩୬	୧.୪୦	୧.୪୦	ମଥାମଣି ବାଗ, ପି-ଧୁବା ବାଗ
					୧୭/ ୪୩୫	୧.୦୪	୧.୦୪	
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୨୦/ ୪୬	୧/୪୩୭	୦.୦୪	୦.୦୪	ସବିତା ନନ୍ଦ, ସ୍ୱା- ବାଲଗୋବିନ୍ଦ ନନ୍ଦ
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୨୦/ ୪୭	୧/ ୪୩୮	୦.୦୪	୦.୦୪	ସନ୍ଧ୍ୟାରାଣୀ ସତଙ୍ଗୀ, ସ୍ୱା- ନିରଞ୍ଜନ ପ୍ରସାଦ ତ୍ରିପାଠୀ
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୨୦/ ୪୮	୧/ ୪୩୯	୦.୦୪	୦.୦୪	ସର୍ବେଶ୍ୱରୀ ସତଙ୍ଗୀ, ସ୍ୱା- ଆର୍ତ୍ତାଣ ସତଙ୍ଗୀ
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୨୦/ ୪୯	୧/ ୪୪୦	୦.୦୪	୦.୦୪	ସରସ୍ୱତୀ ସତଙ୍ଗୀ, ସ୍ୱା- ଗୋବିନ୍ଦ ବଲ୍ଲଭ ସତଙ୍ଗୀ
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୨୦/ ୫୦	୧/ ୪୪୧	୦.୦୪	୦.୦୪	ଗୋପାଳ ଚନ୍ଦ୍ର ଦାସ, ପି- ଶ୍ୟାମସୁନ୍ଦର ଦାସ
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୨୦/ ୫୧	୧/ ୪୪୨	୦.୦୪	୦.୦୪	ସଞ୍ଜିବ କୁମାର ବାବୁ, ପି- ଗୌର ଚରଣ ବାବୁ
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୨୦/ ୫୨	୧/ ୪୪୩	୦.୦୪	୦.୦୪	ପୁଷ୍ପାଞ୍ଜଳି ମିଶ୍ର, ସ୍ୱା- ବାଳକୃଷ୍ଣ ଷଡଙ୍ଗୀ
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୨୦/ ୫୩	୧/ ୪୪୪	୦.୦୪	୦.୦୪	ସୁରେଶ୍ୱରୀ ବାବୁ, ସ୍ୱା- ଗୌର ଚରଣ ବାବୁ

ଜିଲ୍ଲାର ନାମ	ତହସିଲ	ଗ୍ରାମ	ଗ୍ରାମାଞ୍ଚଳ/ ସହରାଞ୍ଚଳ	ଖାତା ନଂ.	ପ୍ଲଟ ନଂ.	ପ୍ଲଟର ମୋଟ ରକବା	ଅଧି ସୂଚୀତ ହେବାକୁ ଥିବା ଜମିର ପରିମାଣ	ରୟତଙ୍କ ନାମ ଏବଂ ପିତାଙ୍କ ନାମ
୧	୨	୩	୪	୫	୬	୭	୮	୯
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୨୦/ ୫୪	୧/୪୪୫	୦.୦୪	୦.୦୪	ରବିଚନ୍ଦ୍ର ଦର୍ଜି, ପି- ଗୌରାଙ୍ଗ ଦର୍ଜି
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୨୦/ ୫୫	୧୯୨/ ୪୪୬	୦.୦୧	୦.୦୧	ମହଲୁ ବରିହା, ପି-ରାମକୃଷ୍ଣ ବରିହା
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୨୦/ ୫୬	୧/ ୪୪୭	୦.୦୪	୦.୦୪	ପ୍ରତିଭାରାଣୀ ପାଣିଗ୍ରାହୀ, ସ୍ୱା- ଶ୍ରୀକାନ୍ତ ପାଣିଗ୍ରାହୀ
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୨୦/ ୫୭	୧୫୭/ ୩୯୮/ ୪୪୮	୦.୧୨	୦.୧୨	ଉଶ୍ରୀ ଦାସ, ସ୍ୱା-ଅଜୟ କୁମାର ଦାସ
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୨୦/ ୫୮	୧୩୨/ ୪୨୩/ ୪୫୦	୦.୦୨	୦.୦୨	ଦେବରାଜ ରଣା, ପି-ମନଜିତ ରଣା
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୨୦/ ୫୯	୧୮୪/ ୧୫୧	୦.୦୨	୦.୦୨	ସତ୍ୟଭାମା କାଲସାଏ, ସ୍ୱା-ରାତୁ କାଲସାଏ
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୨୦/ ୬୦	୧୩୨/ ୪୨୩/ ୪୫୨	୦.୦୩	୦.୦୩	ଶିବରାମ ଗୌଡ଼, ପି- ବାଞ୍ଛାନିଧି ଗୌଡ଼
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୨୦/ ୬୧	୧୩୯/ ୪୫୩	୦.୦୩	୦.୦୩	ସୁନୀତା ନାଗ, ସ୍ୱା- ସରୋଜ କାନ୍ତ ନାଗ
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୨୦/ ୬୨	୧୩୨/ ୩୮୧/ ୪୫୪	୦.୦୨	୦.୦୨	ମନାଳିସା ପଟ୍ଟନାୟକ, ସ୍ୱା- ମନୋଜକାନ୍ତ ପଟ୍ଟନାୟକ
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୨୦/ ୬୩	୧୩୯/ ୪୫୫	୦.୦୫	୦.୦୫	ଇନ୍ଦିରା ମହାପାତ୍ର, ସ୍ୱା-ରବି ଶଙ୍କର ମହାପାତ୍ର
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୨୦/ ୬୪	୨୪୯/ ୩୫୯/ ୪୫୬	୦.୦୩	୦.୦୩	ଭୁଜରାଜ ମହାକୁର, ପି- ହଜାରୁ ମହାକୁର
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୨୦/ ୬୫	୧୩୯/ ୪୫୭	୦.୦୩	୦.୦୩	ପବିତ୍ର ଚରଣ ମିଶ୍ର, ପି-ଶଶି ଭୂଷଣ ମିଶ୍ର
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୨୦/ ୬୬	୧୫୧/ ୪୫୮	୦.୦୨	୦.୦୨	ଭାଗିରଥି ମଲ୍ଲିକ, ପି-ଗଙ୍ଗାଧର ମଲ୍ଲିକ
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୨୦/ ୬୭	୧୩୩/ ୪୮୭	୦.୦୪	୦.୦୪	ବିଶେଶ୍ୱର ଦାନୀ, ପି-ଯଜ୍ଞକର ଦାନୀ
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୨୦/ ୬୮	୧୩୬/ ୩୮୪/ ୪୬୦	୦.୦୪	୦.୦୪	ସୁଧୀର କୁମାର ଦାସ, ପି-ଜୟ ବିହାରୀ ଦାସ
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୨୦/ ୬୯	୩୮୪/ ୪୬୧	୦.୦୪	୦.୦୪	ସରୋଜ କୁମାର ଦାସ, ପି-ବାଣୀଭୂଷଣ ଦାସ
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୨୦/ ୭୦	୧୩୬/ ୩୮୪/ ୪୬୨	୦.୦୪	୦.୦୪	ଶିବରାମ ପଣ୍ଡା, ପି-ଦନାର୍ଦ୍ଦନ ପଣ୍ଡା
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୨୦/ ୭୧	୧୩୬/ ୩୮୪/ ୪୫୯	୦.୦୪	୦.୦୪	ଅର୍ଜୁନ ପାଣିଗ୍ରାହୀ, ପି-ରାଧାମୋହନ ପାଣିଗ୍ରାହୀ
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୨୦/ ୭୨	୧୫୯/ ୪୮୬	୦.୦୨	୦.୦୨	କଜୟା ଭୁଏ, ସ୍ୱା- ଦିନ ଭୁଏ
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୨୦/ ୭୩	୨୩୩/ ୪୬୩	୧.୦୦	୧.୦୦	ସଂଯୋଗ ବାଗ, ପି- କଞ୍ଚପ ବାଗ
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୨୦/ ୭୪	୧୪୩/ ୪୬୪	୦.୦୩	୦.୦୩	ମହିମା ପ୍ରସାଦ ରଣା, କ୍ଷିରଧର ରଣା, ଅନୁପାନନ୍ଦ ରଣା, ପି-ନାରାୟଣ ରଣା
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୨୦/ ୭୫	୧୭/ ୪୬୫	୦.୨୦	୦.୨୦	ବିପିନ ଭୋଇ, ପି-ସମାଲୁ ଭୋଇ
					୧୭/ ୪୬୬	୦.୨୦	୦.୨୦	
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୨୦/ ୭୬	୧୮୮/ ୭୭୨	୦.୦୧	୦.୦୧	କେ.କଲ୍ୟାଣୀ ପଟ୍ଟନାୟକ, ସ୍ୱା-କେ.ଭୀମାରାଓ ପଟ୍ଟନାୟକ
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୨୦/ ୭୭	୧୪୩/ ୭୭୩	୦.୦୩	୦.୦୩	ପଦ୍ମାବତୀମୋହନ ଦାସ, ପି-ଲିଙ୍ଗରାଜ ଦାସ
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୨୦/ ୭୮	୨୪୯/ ୩୫୯/ ୭୭୪	୦.୦୩	୦.୦୩	ନରେନ୍ଦ୍ର ବେହେରା, ପି-ଦାମୋଦର ବେହେରା
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୨୦/ ୭୯	୧୪୩/ ୭୭୫	୦.୦୩	୦.୦୩	ଅଗ୍ନି କୁମାର ଦାସ, ପି-ବେଣୁଧର ଦାସ
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୨୦/ ୮୦	୧୩୨/ ୪୨୩/ ୭୭୬	୦.୦୩	୦.୦୩	ରାମ ଚନ୍ଦ୍ର ପାଣି, ପି-ଗଜେନ୍ଦ୍ର ପାଣି
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୨୦/ ୮୧	୧୪୩/ ୭୭୭	୦.୦୩	୦.୦୩	ରମେଶ ଚନ୍ଦ୍ର ଦାସ, ପି-ଲିଙ୍ଗରାଜ ଦାସ
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୨୦/ ୮୨	୧୮୮/ ୭୭୮	୦.୦୧	୦.୦୧	ପଞ୍ଚାନନ ଦଳବେହେରା, ପି-ପରକ୍ଷିତ ଦଳବେହେରା
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୨୦/ ୮୩	୧/ ୪୭୪	୦.୦୪	୦.୦୪	ଆଦିତ୍ୟ କେଜରିୱାଲ, ପି- ବିଜୟ କୁମାର କେଜରିୱାଲ
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୨୦/ ୮୪	୧/ ୪୭୫	୦.୦୪	୦.୦୪	ମସା ସାହୁ, ପି- ବୃଷଭ ସାହୁ
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୨୦/ ୮୫	୧/ ୪୭୬	୦.୦୪	୦.୦୪	ତନୟା ଓଡା, ସ୍ୱା- ଦାମୋଦର ଓଡା
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୨୦/ ୮୬	୧/ ୪୭୭	୦.୦୪	୦.୦୪	ସନନ୍ଦା ଷଡଙ୍ଗୀ, ସ୍ୱା- ରାଧାଗୋବିନ୍ଦ ଷଡଙ୍ଗୀ
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୨୦/ ୮୭	୧/୪୭୮	୦.୦୪	୦.୦୪	ଦାମୋଦର ଓଡା, ପି- ହରିବଂଶ ଓଡା

ଜିଲ୍ଲାର ନାମ	ତହସିଲ	ଗ୍ରାମ	ଗ୍ରାମାଞ୍ଚଳ/ ସହରାଞ୍ଚଳ	ଖାତା ନଂ.	ପ୍ଲଟ ନଂ.	ପ୍ଲଟର ମୋଟ ରକବା	ଅଧି ସୂଚୀତ ହେବାକୁ ଥିବା ଜମିର ପରିମାଣ	ରୟତଙ୍କ ନାମ ଏବଂ ପିତାଙ୍କ ନାମ
୧	୨	୩	୪	୫	୬	୭	୮	୯
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୨୦/ ୮୮	୧/୪୧୨ /୪୭୯	୦.୦୪	୦.୦୪	ସୂର୍ଯ୍ୟନାରାୟଣ ମହାପାତ୍ର, ପି- ଅମ୍ବରିଶ ମହାପାତ୍ର
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୨୦/ ୮୯	୧/ ୪୮୦	୦.୦୪	୦.୦୪	ଅଚ୍ୟୁତାନନ୍ଦ ମିଶ୍ର, ପି- ଗୋକୁଳ ମୋହନ ମିଶ୍ର
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୨୦/ ୯୦	୧/ ୪୮୧	୦.୦୪	୦.୦୪	ନାରାୟଣ ପୁଷ୍ଟେଠ, ପି- ଭବାନୀ ଶଙ୍କର ପୁଷ୍ଟେଠ
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୨୦/ ୯୧	୧/ ୪୮୨	୦.୦୪	୦.୦୪	ପିତବାସ ମିଶ୍ର, ପି- ଗୋକୁଳ ମୋହନ ମିଶ୍ର
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୨୦/ ୯୨	୧/ ୪୮୩	୦.୦୪	୦.୦୪	ଗିରିଧାରୀ ମିଶ୍ର, ପି- ଗୋକୁଳ ମୋହନ ମିଶ୍ର
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୨୦/ ୯୩	୧/ ୪୮୪	୦.୦୪	୦.୦୪	ଜଗନ୍ନାଥ ପୁଷ୍ଟେଠ, ପି- ଭବାନୀ ଶଙ୍କର ପୁଷ୍ଟେଠ
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୨୦/ ୯୪	୨୪୯/ ୩୫୯/ ୪୮୫	୦.୦୩	୦.୦୩	ସୁବୋଧ କୁମାର ବେହେରା, ପି-ରୋହିତ କୁମାର ବେହେରା
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୨୦/ ୯୫	୧/୪୧୨ /୪୮୭	୦.୦୪	୦.୦୪	ଗୋପାଳଜୀ ଚୌଧୁରୀ, ପି- ବିମଳକାନ୍ତ ଚୌଧୁରୀ
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୨୦/ ୯୬	୧୪୩/ ୪୮୮	୦.୦୩	୦.୦୩	ଶୋଭାଗିନୀ ସାମନ୍ତରାୟ, ସ୍ୱା-ରଘୁନାଥ ସାମନ୍ତରାୟ
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୨୦/ ୯୭	୨୪୨/ ୪୮୮	୦.୩୫	୦.୩୫	ହରିବନ୍ଧୁ ଧଗୁଆ, ପି-ରଶଳିତ ଧଗୁଆ
					୩୦୦/ ୪୮୯	୦.୪୨	୦.୪୨	
					୩୧୨/ ୪୯୦	୧.୦୦	୧.୦୦	
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୨୦/ ୯୮	୧୩୨/ ୪୨୩/ ୪୯୧	୦.୦୪	୦.୦୪	କିଶୋରୀଲାଲ ଅଗ୍ରୱାଲ, ପି-ସୁରଜଭାନ ଅଗ୍ରୱାଲ
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୨୦/ ୯୯	୧୩୨/ ୩୮୧/ ୪୯୨	୦.୦୨	୦.୦୨	ଛତ୍ରପାଲ ଆଚାର୍ଯ୍ୟ, ପି-ପବିତ୍ର ଆଚାର୍ଯ୍ୟ
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୨୦/ ୧୦୦	୧୩୭/ ୩୯୫/ ୪୯୩	୦.୦୩	୦.୦୩	ପଦ୍ମନାଭ ସାହୁ, ପି-ଈଶ୍ୱର ଚନ୍ଦ୍ର ସାହୁ
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୨୦/ ୧୦୧	୧୩୭/ ୩୯୫/ ୪୯୪	୦.୦୩	୦.୦୩	ମଦନ ମୋହନ ସାହୁ, ପି-ଈଶ୍ୱର ଚନ୍ଦ୍ର ସାହୁ
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୨୦/ ୧୦୨	୧୩୭/ ୩୯୫/ ୪୯୫	୦.୦୩	୦.୦୩	ରାଧାକାନ୍ତ ସାହୁ, ପି-ବ୍ରଜ ସାହୁ
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୨୦/ ୧୦୩	୧୩୭/ ୩୯୫/ ୪୯୬	୦.୦୩	୦.୦୩	ଫଟୁରାମ ସାହୁ, ପି-ନିଳାମ୍ବର ସାହୁ
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୨୦/ ୧୦୪	୧୫୩/ ୪୨୫/ ୪୯୭	୦.୦୮	୦.୦୮	ଗ୍ଲେଟ ଷ୍ଟୋନ ତାଣ୍ଡି, ପି-ଶିଶୁ ଚନ୍ଦ୍ର ତାଣ୍ଡି
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୨୦/ ୧୦୫	୧୩୬/ ୩୯୪/ ୪୯୮	୦.୧୭	୦.୧୭	ଅମରଜିତ କୌର, ପି-ହିରାସିଂ ହଂସପାଲ
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୨୦/ ୧୦୬	୧୩୬/ ୩୮୪/ ୪୯୯	୦.୦୩	୦.୦୩	ମନୋଜ କୁମାର ଦାସ, ପି- ବାଣୀ ଭୂଷଣ ଦାସ
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୨୦/ ୧୦୭	୧୩୬/ ୩୮୪/ ୫୦୦	୦.୦୩	୦.୦୩	ଗୁରୁପ୍ରସାଦ ସାମନ୍ତରା, ପି-ରତ୍ନାକର ସାମନ୍ତରା
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୨୦/ ୧୦୮	୧୩୬/ ୩୮୪	୦.୦୪	୦.୦୪	ରଞ୍ଜିତା ମିଶ୍ର, ସ୍ୱା- ହିମାଂଶୁ ଶେଖର ପଣ୍ଡା
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୨୦/ ୧୦୯	୬୬/ ୩୯୦/ ୫୦୧	୦.୧୦	୦.୧୦	ସୀତାରାମ ଅଗ୍ରୱାଲ, ପି-ନନ୍ଦଲାଲ ଅଗ୍ରୱାଲ
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୨୦/ ୧୧୦	୧୩୨/ ୩୮୧/ ୫୦୨	୦.୦୩	୦.୦୩	କୁମୁଦିନୀ ମାଝୀ, ସ୍ୱା-ଭାଗିରଥି ମାଝୀ
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୨୦/ ୧୧୧	୧୨୬/ ୩୨୭/ ୫୦୩	୦.୦୫	୦.୦୫	ପ୍ରମୋଦ କୁମାର ସାହୁ, ପି- ସୁବଳ ସାହୁ
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୨୦/ ୧୧୨	୬୬/ ୪୧୩/ ୫୦୪	୦.୦୪	୦.୦୪	ସତ୍ୟନାରାୟଣ ନାଏକ, ପି- କୈବଲ୍ୟ ନାଏକ
ବଲାଙ୍ଗିର	ଲୋଇସିଂହା	ବିଜାପାଟି	ଗ୍ରାମାଞ୍ଚଳ	୨୦/ ୧୧୩	୧/ ୪

ବିଜେଡିରୁ ୨ ନିଲମ୍ବିତ

ଭୁବନେଶ୍ୱର, ୩।୩(ବ୍ୟୁରୋ): ଦଳ ବିରୋଧୀ କାର୍ଯ୍ୟ ପାଇଁ ସୁନ୍ଦରଗଡ଼ ଜିଲା ବିଜେଡି ସାଧାରଣ ସମ୍ପାଦକ ଅଶୋକ ସାଏ ଏବଂ ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଅଏଡ଼ା ଗ୍ରାମର ବରିଷ୍ଠ ନେତା କ୍ଷୀରୋଦ ବାଘରଙ୍କୁ ଦଳରୁ ନିଲମ୍ବିତ କରାଯାଇଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଉଭୟଙ୍କ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଦଳୀୟ ସାଧାରଣ ସମ୍ପାଦକ (ଗଣମାଧ୍ୟମ ବ୍ୟାପାର) ମାନସ ମଙ୍ଗରାଜ ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି।

୧୫ଶହ ସ୍କୁଲ ପିଲାଙ୍କୁ ଦେଲେ ପାଠ୍ୟ ଉପକରଣ ବିବାହ ବାର୍ଷିକୀରେ ନିଆରା ପ୍ରୟାସ

ପଦ୍ମପୁର,୩।୩(ଡି.ଏନ୍.ଏ.)-

ବିବାହର ୩୧ ବର୍ଷ ପୂର୍ତ୍ତି ଅବସରରେ ଶିକ୍ଷକ ଦମ୍ପତି ନିଆରା ଢଙ୍ଗରେ ବିବାହ ବାର୍ଷିକୀ ପାଳନ କରିଛନ୍ତି। ରାୟଗଡ଼ା ଜିଲା ପଦ୍ମପୁର ଅଞ୍ଚଳର ଅବସରପ୍ରାପ୍ତ ଶିକ୍ଷକ ରାଧାରମଣ ପାଢ଼ୀ ଏବଂ ତାଙ୍କ ଶିକ୍ଷୟିତ୍ରୀ ତଥା କଳାକାର ସ୍ତ୍ରୀ ସୁନିତା ପଣ୍ଡା ଅଞ୍ଚଳ ଏବଂ ରାଜ୍ୟରେ ପରିଚିତ। ନିଜର କଳା ସହ ସମାଜସେବା ପାଇଁ ସୁନିତା ବିବାହ ବାର୍ଷିକୀ ଉପଲକ୍ଷେ ପଦ୍ମପୁର ବ୍ଲକର ୧୧ଟି ସ୍କୁଲ, ବିଜୟାନନ୍ଦ ହାଇସ୍କୁଲ ଏବଂ ପଦ୍ମପୁର ବାଳିକା ବିଦ୍ୟାଳୟର ୧୫ଶହ ଛାତ୍ରୀଛାତ୍ରଙ୍କୁ ବହି, ଖାତା, ପେନ୍

ଓ ମିଠା ପ୍ରଦାନ କରି ପଢ଼ା ପ୍ରତି ଉତ୍ସାହିତ କରିଛନ୍ତି। ଶିକ୍ଷକ ଦମ୍ପତିଙ୍କ ଉଦ୍ୟମକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି। ଏଥିସହ ଦୀର୍ଘ ୩୧ ବର୍ଷ ପରେ ମଧ୍ୟ ଦମ୍ପତିଙ୍କ ମଧୁର ସମ୍ପର୍କ ଅନ୍ୟମାନଙ୍କ ପାଇଁ ଉଦାହରଣ ବୋଲି ମତପ୍ରକାଶ ପାଇଛି।

ଅନୁବାଦ କଷ୍ଟକର: ଦେବଦତ୍ତ

ପୁସ୍ତକ ଉନ୍ମୋଚନ ଅବସରରେ (ବାମରୁ) ପେନ୍ ଇନ୍ ବୁକ୍ସର ନିର୍ଦ୍ଦେଶକ ଶୁଭ୍ରାଂଶୁ ପଣ୍ଡା, ଲେଖକ ଦେବଦତ୍ତ ପଟ୍ଟନାୟକ, ଶିଶୁ ସାହିତ୍ୟିକ ଦାଶ ବେନହୁର ଓ ଅନୁବାଦକ ବିକାଶ ରଞ୍ଜନ ଓଝା।

'ସୀତାଙ୍କ ୫ ଇଚ୍ଛା' ଓ 'ପାଣ୍ଡବଙ୍କ ୬ ଯୁଦ୍ଧ' ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର, ୩।୩(ବ୍ୟୁରୋ)

ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଲେଖକ, ପୁରାଣବିତ୍, ଚିତ୍ରଶିଳ୍ପୀ ତଥା ବକ୍ତା ଦେବଦତ୍ତ ପଟ୍ଟନାୟକଙ୍କ ଲିଖିତ ଦୁଇଟି ପୁସ୍ତକ 'ସୀତାଙ୍କ ୫ ଇଚ୍ଛା' ଓ 'ପାଣ୍ଡବଙ୍କ ୬ ଯୁଦ୍ଧ' ଗୁରୁବାର ଉନ୍ମୋଚିତ ହୋଇଯାଇଛି। ଶିଶୁ କିଶୋରଙ୍କ ଉଦ୍ଦେଶ୍ୟରେ ଲିଖିତ ଏହି ପୁସ୍ତକ ଦ୍ୱୟକୁ ଯୁବ ଅନୁବାଦକ ବିକାଶ ରଞ୍ଜନ ଓଝା ଓଡ଼ିଆରେ ଅନୁବାଦ କରିଥିବାବେଳେ ପେନ୍ ଇନ୍ ବୁକ୍ସ ପକ୍ଷରୁ ପ୍ରକାଶନ କରାଯାଇଛି। ସୂଚନା ଭବନଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି ଦୁଇଟି ପୁସ୍ତକକୁ କଥାଶିଳ୍ପୀ ତଥା ଶିଶୁ ସାହିତ୍ୟିକ ଦାଶ ବେନହୁର ଉନ୍ମୋଚନ କରିଥିଲେ। ଏଥିରେ ପେନ୍ ଇନ୍ ବୁକ୍ସର ନିର୍ଦ୍ଦେଶକ ଶୁଭ୍ରାଂଶୁ ପଣ୍ଡା ଓ ବିକାଶ ରଞ୍ଜନ ଓଝା ମଧ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ଦେବଦତ୍ତ କହିଲେ, ଯେ କୌଣସି ଭାଷାକୁ ଅନୁବାଦ କରିବା କଷ୍ଟକର। ଓଡ଼ିଆ, ଇଂଲିଶ ଆଦି ଭାଷାର କୋତୋଟି ଶବ୍ଦର ଉଦାହରଣ ଦେଇ ସେ ତାହାକୁ ବୁଝାଇଥିଲେ। ଦାସ ବେନହୁର କହିଥିଲେ, ପୁରାଣକୁ ଦେବଦତ୍ତ ନୂଆ ଢଙ୍ଗରେ ବର୍ଣ୍ଣନା କରିବା ସହିତ ସମସ୍ତଙ୍କୁ ତାଙ୍କ ଲେଖା ପ୍ରତି ଆକୃଷ୍ଟ କରିଛନ୍ତି। ଏହା ତାଙ୍କର ପ୍ରଥମ ଓଡ଼ିଆ ପୁସ୍ତକ। କାର୍ଯ୍ୟକ୍ରମକୁ ତିନୋଟି ଅଧିବେଶନରେ ବିଭକ୍ତ କରାଯାଇଥିଲା। ପ୍ରଥମ ଅଧିବେଶନରେ ଦେବଦତ୍ତ ପଟ୍ଟନାୟକଙ୍କ ପ୍ରିୟ ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରାଯାଇଥିଲା। କଣ୍ଠରେ ପ୍ରତୀକ ପଟ୍ଟନାୟକ ଓ ମର୍ଦ୍ଦଳରେ ସୌମ୍ୟରଞ୍ଜନ ନାୟକ ଥିଲେ। ଦ୍ୱିତୀୟ ଅଧିବେଶନରେ ପୁସ୍ତକ ଉନ୍ମୋଚନ କରାଯାଇଥିଲା। ତୃତୀୟ ଅଧିବେଶରେ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଦେବଦତ୍ତଙ୍କୁ କବି ତଥା ପ୍ରଶାନ୍ତ ହୋତା ଓ ଲେଖିକା ପଞ୍ଚମୀ ମାନୁ ଉକିଲ ପ୍ରଶ୍ନ ପଚାରିଥିଲେ। ତାଙ୍କ ଲେଖା, ଓଡ଼ିଶା ସମ୍ପର୍କ, ଭବିଷ୍ୟତ ଯୋଜନା ସମେତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା।

ଡୋଲୋମାଇଟ୍ ପ୍ଲାଣ୍ଟରେ ଅଗ୍ନିକାଣ୍ଡ

ଝାରସୁଗୁଡ଼ା ଅଫିସ,୩।୩

ଝାରସୁଗୁଡ଼ା ଜିଲା ବେଲପାହାଡସ୍ଥିତ ଟିଆର୍‌ଏଲ୍ କ୍ରୋସାକୀ ଡୋଲୋମାଇଟ୍ ପ୍ଲାଣ୍ଟରେ ଗୁରୁବାର ଅଗ୍ନିକାଣ୍ଡ ଘଟିଛି। ଖବରପାଇ ଟିଆର୍‌ଏଲ୍ କ୍ରୋସାକୀ, ବେଦାନ୍ତ, ଓପିଜିସି, ଲଖନପୁର ଓ ଝାରସୁଗୁଡା ଅଗ୍ନିଶମ ବିଭାଗର କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସକାଳେ ପ୍ରାୟ ୭ଟାରେ ପ୍ଲାଣ୍ଟରେ ନିଆଁ ଲାଗିବା ପରେ ସମଗ୍ର ଅଞ୍ଚଳ କଳାଧୂଆଁରେ ଅଚ୍ଛାଦିତ ହୋଇଯାଇଥିଲା। ସେଠାରେ କାର୍ଯ୍ୟରତ କର୍ମଚାରୀ ଓ ଶ୍ରମିକ ଦୁର୍ଘଟଣାରୁ ବର୍ତ୍ତିଯାଇଛନ୍ତି। କମ୍ପାନୀର ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ ମିଶ୍ର କହିଛନ୍ତି, ଡୋଲୋମାଇଟ୍ ପ୍ଲାଣ୍ଟର ୱାକ୍ସ ମେଲ୍ଟିଂ ୟୁନିଟ୍‌ରେ ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡର କାରଣ ଓ କ୍ଷୟକ୍ଷତି ସମ୍ପର୍କରେ ଜଣାପଡିନାହିଁ। ଅଗ୍ନିକାଣ୍ଡରେ ପ୍ଲାଣ୍ଟ କ୍ଷତିଗ୍ରସ୍ତ ହୋଇଥିବାରୁ ଉତ୍ପାଦନ ବାଧାପ୍ରାପ୍ତ ହୋଇଛି।

ଡ. ଅରବିନ୍ଦ ପଟ୍ଟନାୟକ ପାଇବେ ସାହିତ୍ୟ ଭାରତୀ ସମ୍ମାନ

■ ଗଙ୍ଗାଧର ରଥ ଫାଉଣ୍ଡେଶନ ପକ୍ଷରୁ ବିଭିନ୍ନ ସମ୍ମାନ ଘୋଷଣା

କଟକ ଅଫିସ, ୩।୩

ଗଙ୍ଗାଧର ରଥ ଫାଉଣ୍ଡେଶନର ମର୍ଯ୍ୟାଦାଜନକ 'ସାହିତ୍ୟ ଭାରତୀ ସମ୍ମାନ-୨୦୨୨' ବିଶିଷ୍ଟ ସାହିତ୍ୟିକ ଡ. ଅରବିନ୍ଦ ପଟ୍ଟନାୟକଙ୍କୁ ପ୍ରଦାନ ପାଇଁ ସ୍ଥିର କରାଯାଇଛି। ଡ. ପଟ୍ଟନାୟକ ଲୋକକଥା ଓ ଲୋକ ପରମ୍ପରା ଉପରେ ଅନେକ ପ୍ରବନ୍ଧ, ଗଳ୍ପ, ଉପନ୍ୟାସ, କବିତା, ଆତ୍ମଜୀବନୀ ଆଦି ରଚନା କରି ଓଡ଼ିଆ ସାହିତ୍ୟକୁ ବୃଦ୍ଧିମନ୍ତ କରିଛନ୍ତି। ସାହିତ୍ୟ ଭାରତୀ ପୁରସ୍କାର ସ୍ୱରୂପ ଡ. ପଟ୍ଟନାୟକଙ୍କୁ ୧ ଲକ୍ଷ ଟଙ୍କା ଓ କୋଣାର୍କ ମନ୍ଦିରର ପ୍ରତିରୂପ ପ୍ରଦାନ କରାଯିବ। ଫାଉଣ୍ଡେଶନ ପକ୍ଷରୁ କଟକ ଦରଘାବଜାର ଜେଲ୍‌ରୋଡସ୍ଥିତ ଗଙ୍ଗାଧର ରଥଙ୍କ ବାସଭବନରେ ଗୁରୁବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଉପରୋକ୍ତ ବିଷୟରେ ଘୋଷଣା କରାଯାଇଛି। ଏଥିସହ ଉକ୍ତ ସମ୍ମିଳନୀରେ ଅନ୍ୟାନ୍ୟ ସମ୍ମାନ ଓ

ଡ. ଅରବିନ୍ଦ ପଟ୍ଟନାୟକ

ପୁରସ୍କାର ସମ୍ପର୍କରେ ମଧ୍ୟ ଘୋଷଣା ହୋଇଛି। ସେଥିମଧ୍ୟରେ ବିଶିଷ୍ଟ ଆଇନଜ୍ଞ ଜଗନ୍ନାଥ ପଟ୍ଟନାୟକଙ୍କୁ ଗଙ୍ଗାଧର ରଥ ସ୍ମାରକୀ ସମ୍ମାନ ପ୍ରଦାନ କରାଯିବ। ସେହିପରି କାବ୍ୟ ସାହିତ୍ୟରେ ପରାକାଷ୍ଠା ପାଇଁ କବି ଅମରେନ୍ଦ୍ର ଖଟୁଆ 'ଭାନୁଜୀ ରାଓ ସ୍ମାରକୀ ପୁରସ୍କାର' ଓ କଥା ସାହିତ୍ୟରେ କୃତିତ୍ୱ ଲାଗି କଥାକାର ସୁରେଶ ଛୋଟରାୟ 'ବୀଣାପାଣି ମହାନ୍ତି କଥା ସାହିତ୍ୟ ପୁରସ୍କାର' ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏଥିସହ ସାହିତ୍ୟ କ୍ଷେତ୍ରରେ ଅବଦାନ ପାଇଁ ଡ. ସଂଘମିତ୍ରା ଭଞ୍ଜ ଓ କ୍ଷେତ୍ରବାସୀ ନାଏକଙ୍କୁ ସୁବ୍ରତ ରଥ ସ୍ମାରକୀ ପୁରସ୍କାର ପ୍ରଦାନ କରାଯିବ ବୋଲି ଘୋଷଣା ହୋଇଛି। ଆସନ୍ତା ଏପ୍ରିଲ ୩ରେ କଟକ କଳା ବିକାଶ କେନ୍ଦ୍ରଠାରେ ଅନୁଷ୍ଠିତ ହେବାକୁ ଥିବା ସାରସ୍ୱତ ସମାରୋହରେ ଉକ୍ତ ପୁରସ୍କାର ପ୍ରଦାନ କରାଯିବ। ଏହି ସମାରୋହରେ ମୁଖ୍ୟଅତିଥି ଭାବେ ସୌମ୍ୟରଞ୍ଜନ ପଟ୍ଟନାୟକ ଓ ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଦେବେନ୍ଦ୍ର କୁମାର ଦାଶ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ସମ୍ମିଳନୀରେ ଫାଉଣ୍ଡେଶନର ଟ୍ରଷ୍ଟି ଡା. ଜୟନ୍ତ ରଥ, ସମ୍ପାଦିକା ସୁସ୍ମିତା ରଥ, ଡ. ବିଜୟାନନ୍ଦ ସିଂ ଓ ଆଇନଜୀବୀ ସଞ୍ଜୟ ରଥ ପ୍ରମୁଖ ଉପସ୍ଥିତ ଥିଲେ।

ବାଣିଜ୍ୟକର, ଜିଏସ୍‌ଟି ପକ୍ଷରୁ ୩୦ସ୍ଥାନରେ ଚଢ଼ାଉ

କଟକ ଅଫିସ,୩।୩

ରାଜ୍ୟ ବାଣିଜ୍ୟକର ଏବଂ ଜିଏସ୍‌ଟିର ଏନ୍‌ଫୋର୍ସମେଣ୍ଟ ୱିଙ୍ଗ ଗୁରୁବାର ରାଜ୍ୟର ୩୦ଟି ସ୍ଥାନରେ ୨୦ଟି ତମାଖୁ ପ୍ରସ୍ତୁତକାରୀ କମ୍ପାନୀ ଉପରେ ଏକକାଳୀନ ଚଢ଼ାଉ କରିଛି। ଗୋଇନ୍ଦା ତଥ୍ୟ ଆଧାରରେ ଭୁବନେଶ୍ୱର, କଟକ, ପୁରୀ, କେନ୍ଦ୍ରାପଡ଼ା, ଭଦ୍ରକ, କେନ୍ଦୁଝର, ରାଇରଙ୍ଗପୁର, ବାଲେଶ୍ୱର, ସମ୍ବଲପୁର, ବରଗଡ, ବଲାଙ୍ଗୀର, ରାଉରକେଲା, ଭବାନୀପାଟଣା, କେସିଙ୍ଗା ଓ ବ୍ରହ୍ମପୁରର ୩୦ଟି ସ୍ଥାନରେ ଚଢ଼ାଉ କରାଯାଇଥିଲା। ୧୨୧ଜଣ ଅଧିକାରୀ ଚଢ଼ାଉରେ ସାମିଲ ହୋଇ ବିଭିନ୍ନ କମ୍ପାନୀର ଗୋଦାମରେ ଗଚ୍ଛିତ ସାମଗ୍ରୀ, ଲାପ୍‌ଟପ, ଆକାଉଣ୍ଟ, ବହୁ ଖାତାପତ୍ର ଯାଞ୍ଚ କରିଥିଲେ। ତମାଖୁ ପ୍ରସ୍ତୁତକାରୀ କମ୍ପାନୀ ସେମାନଙ୍କ ଉତ୍ପାଦନ ଏବଂ ବ୍ୟବସାୟ ଅନୁସାରେ ବହୁ ଟ୍ୟାକ୍ସ ଫାଙ୍କିଥିବା ଯାଞ୍ଚ ବେଳେ ଜଣାପଡ଼ିଛି। ଅଳ୍ପ କିଛି ଟିକସ ଦେଇ ସେମାନଙ୍କ ବ୍ୟବସାୟ ଚଳାଉଥିଲେ। ତେଣୁ ଏନଫୋର୍ସମେଣ୍ଟ ୱିଙ୍ଗ ଉକ୍ତ କମ୍ପାନୀଗୁଡ଼ିକର ଲାପ୍‌ଟପ୍ ସମେତ ସମସ୍ତ କାଗଜପତ୍ର ଜବତ କରିଛି। ଏହାର ତଦନ୍ତ ରିପୋର୍ଟ ଯଥାଶୀଘ୍ର ପ୍ରଦାନ କରିବାକୁ ତଦନ୍ତକାରୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ପୂର୍ବରୁ ଗହଣା ଓ ଆସବାବପତ୍ର ସେଲ୍ଫରରେ କରାଯାଇଥିବା ଚଢ଼ାଉରେ ଟିକସ ଜରିମାନା ଆକାରରେ ଯଥାକ୍ରମେ ୯.୮୨ କୋଟି ଓ ୨.୫୧ କୋଟି ଟଙ୍କା ଆଦାୟ କରାଯାଇ ସରକାରୀ ତହବିଲ୍‌ରେ ଜମା କରାଯାଇଥିବା ସୂଚନା ଦିଆଯାଇଛି।

ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ...

କ୍ରମିକ ସଂଖ୍ୟା	ଖାତା ସଂଖ୍ୟା	ଖାତାଭୁକ୍ତ ବ୍ୟକ୍ତିଙ୍କ ନାମ	ପିତା/ସ୍ୱାମୀ ଓ ଅଭିଭାବକଙ୍କ ନାମ	ଗାଁ	ଜିଲ୍ଲା	ଜାତି	ଜାତି ଅନୁଯାୟୀ ବ୍ୟବସାୟ	ଜମିର ପରିମାଣ	ଅନୁବାଦ ପରିମାଣ	ଜମିର ଶ୍ରେଣୀ	ଅନୁବାଦ ପରିମାଣ	ଜମିର ପ୍ରକୃତି	ଅନୁବାଦ ପରିମାଣ	ଜମିର ଅବସ୍ଥାନ	ଅନୁବାଦ ପରିମାଣ	ଜମିର ଚାଷ ବିଧିବଦ୍ଧ ନୁହେଁ	ଅନୁବାଦ ପରିମାଣ	ଜମିର ଅଧିକାରୀ ଭାବେ ଚିହ୍ନଟ ହେବା ତାରିଖ	ଅନୁବାଦ ପରିମାଣ	ଜମିର ଅଧିକାରୀ ଭାବେ ଚିହ୍ନଟ ହେବା ତାରିଖ (ଆଲାଟ ନମ୍ବର)	ଅନୁବାଦ ପରିମାଣ	ମନ୍ତବ୍ୟ
୧	୨	୩	୪	୫	୬	୭	୮	୯	୧୦	୧୧	୧୨	୧୩	୧୪	୧୫	୧୬	୧୭	୧୮	୧୯	୨୦	୨୧	୨୨	୨୩	୨୪
୧୦୭	୨୦।୩।୧	ଲକ୍ଷ୍ମୀଶ ମହାନନ୍ଦ	କିଶୋରି ମହାନନ୍ଦ	ଏସ.ସି.	ମ	୧୮	ଅବିବାହିତ	କୃଷି					୫୮୮୦୨୦୬୫୩୪୨	୦.୦୫	୪୫୫୦୦	୨୭୩୦୦୦	୧୮୨୦୦	୩୬୪୦୦୦	୩୬୪୦	୪୩୬୮୦	୭୪୮୦୨୦		
୧୦୮	୨୦।୩।୧	ଶ୍ରୀକାନ୍ତ ମହାନନ୍ଦ	ଏଶୁଙ୍କୁ ମହାନନ୍ଦ	ଏସ.ସି.	ମ	୪୨	ବିବାହିତ	କୃଷି	୦.୭୯୯	୦.୦୭୩	୦.୭୩୭	୦.୭୯୯	୮୧୨୫୦୨୨୭୭୩୮	୦.୦୫	୪୫୫୦୦	୨୭୩୦୦୦	୧୮୨୦୦	୩୬୪୦୦	୩୬୪	୪୩୬୮୦	୭୪୮୦୨୦		
୧୦୯	୨୦।୩।୧	ହାଡ ମହାନନ୍ଦ	ସ୍ୱା-ଏଶୁଙ୍କୁ ମହାନନ୍ଦ	ଏସ.ସି.	ମ	୭୦	ବିଭିନ୍ନ	କୃଷିଶ୍ରମିକ					୮୫୫୬୪୦୧୩୬୩୧	୦.୦୫	୪୫୫୦୦	୨୭୩୦୦୦	୧୮୨୦୦	୩୬୪୦୦୦	୩୬୪	୪୩୬୮୦	୭୪୮୦୨୦		
୧୧୦	୨୦।୩।୧	ରୁଦ୍ର ସାହୁ	ଏଗୋବିନ୍ଦ ସାହୁ	ଓଡିସି	ପୁ	୮୫	ବିବାହିତ	କଳାକାର	୦.୩୧୮	୦.୦୦୭	୦.୩୧୧	୦.୨୬୧	୩୩୬୬୯୯୨୯୮୮୮୩୫	୦.୦୫	୪୫୫୦୦	୨୭୩୦୦୦	୧୮୨୦୦	୩୬୪୦୦୦	୩୬୪୦	୪୩୬୮୦	୭୪୮୦୨୦		
୧୧୧	୨୦।୩।୧	ରାଜେଶ ସାହୁ	ଶ୍ରୀମନ୍ତ ସାହୁ	ଓଡିସି	ପୁ	୩୪	ବିବାହିତ	ବ୍ୟବସାୟ					୫୮୨୫୫୦୩୦୬୭୭୦୯	୦.୦୫	୪୫୫୦୦	୨୭୩୦୦୦	୧୮୨୦୦	୩୬୪୦୦	୩୬୪	୪୩୬୮୦	୭୪୮୦୨୦		
୧୧୨	୨୦।୩।୧	ଅଭୟମାନା ସାହୁ	ଶ୍ରୀମନ୍ତ ସାହୁ	ଓଡିସି	ପୁ	୩୧	ବିବାହିତ	କୃଷି					୫୫୧୪୮୪୫୬୬୦୧୧	୦.୦୫	୪୫୫୦୦	୨୭୩୦୦୦	୧୮୨୦୦	୩୬୪୦୦	୩୬୪	୪୩୬୮୦	୭୪୮୦୨୦		
୧୧୩	୨୦।୩।୧	ଶ୍ରୀଜଟି ସାହୁ	ରୁଦ୍ର ସାହୁ	ଓଡିସି	ପୁ	୪୮	ବିବାହିତ	କୃଷି					୬୬୯୮୫୩୯୯୫୯୮	୦.୦୫	୪୫୫୦୦	୨୭୩୦୦୦	୧୮୨୦୦	୩୬୪୦୦	୩୬୪	୪୩୬୮୦	୭୪୮୦୨୦		
୧୧୪	୨୦।୩।୧	ରୁଦ୍ର ସାହୁ	ରୁଦ୍ର ସାହୁ	ଓଡିସି	ପୁ	୪୩	ବିବାହିତ	କୃଷି					୩୩୫୧୮୩୭୧୩୧୫୮୩	୦.୦୫	୪୫୫୦୦	୨୭୩୦୦୦	୧୮୨୦୦	୩୬୪୦୦	୩୬୪	୪୩୬୮୦	୭୪୮୦୨୦		
୧୧୫	୨୦।୩।୧	କୈଳାଶ ସାହୁ	ରୁଦ୍ର ସାହୁ	ଓଡିସି	ପୁ	୩୨	ବିବାହିତ	କୃଷି					୨୦୬୩୩୫୪୪୧୧୯୯	୦.୦୫	୪୫୫୦୦	୨୭୩୦୦୦	୧୮୨୦୦	୩୬୪୦୦	୩୬୪	୪୩୬୮୦	୭୪୮୦୨୦		
୧୧୬	୨୦।୩।୧	ନିରଞ୍ଜନ ସାହୁ	ଏଗୋବିନ୍ଦ ସାହୁ	ଓଡିସି	ପୁ	୬୫	ବିବାହିତ	କୃଷି					୨୪୮୮୯୮୮୨୬୭୧୧	୦.୦୫	୪୫୫୦୦	୨୭୩୦୦୦	୧୮୨୦୦	୩୬୪୦୦	୩୬୪	୪୩୬୮୦	୭୪୮୦୨୦		
୧୧୭	୨୦।୩।୧	ଶ୍ରୀକାନ୍ତ ସାହୁ	ନିରଞ୍ଜନ ସାହୁ	ଓଡିସି	ପୁ	୪୭	ବିବାହିତ	କୃଷି					୫୧୧୦୯୮୦୯୪୪୨୭	୦.୦୫	୪୫୫୦୦	୨୭୩୦୦୦	୧୮୨୦୦	୩୬୪୦୦	୩୬୪	୪୩୬୮୦	୭୪୮୦୨୦		
୧୧୮	୨୦।୩।୧	ନିଳକଣ୍ଠ ସାହୁ	ଶ୍ରୀଜଟି ସାହୁ	ଓଡିସି	ପୁ	୨୨	ବିବାହିତ	କୃଷି					୪୫୪୦୩୦୧୧୫୬୭୬	୦.୦୫	୪୫୫୦୦	୨୭୩୦୦୦	୧୮୨୦୦	୩୬୪୦୦	୩୬୪	୪୩୬୮୦	୭୪୮୦୨୦		
୧୧୯	୨୦।୩।୧	ତେଜରାଜି ସାହୁ	ଶ୍ରୀକାନ୍ତ ସାହୁ	ଓଡିସି	ମ	୨୦	ଅବିବାହିତ						୫୧୪୬୧୯୮୫୪୬୮୮	୦.୦୫	୪୫୫୦୦	୨୭୩୦୦୦	୧୮୨୦୦	୩୬୪୦୦	୩୬୪	୪୩୬୮୦	୭୪୮୦୨୦		
୧୨୦	୨୦।୩।୧	କଳନ୍ଦୁଲ ସାହୁ	ଶ୍ରୀକାନ୍ତ ସାହୁ	ଓଡିସି	ପୁ	୧୮	ଅବିବାହିତ	କୃଷି					୮୭୬୮୦୬୮୦୦୩୭୭	୦.୦୫	୪୫୫୦୦	୨୭୩୦୦୦	୧୮୨୦୦	୩୬୪୦୦	୩୬୪	୪୩୬୮୦	୭୪୮୦୨୦		
୧୨୧	୨୦।୩।୬	କାନମୁଲ୍ଲା ସାହୁ	ଏକାଶ୍ରୁଣ ସାହୁ	ଓଡିସି	ପୁ	୭୦	ବିବାହିତ	କୃଷି	୧.୩୨୮	୦.୦୨୮	୧.୩	୧.୩୨୮	୫୧୧୮୨୧୮୫୮୫୪୯	୦.୦୫	୪୫୫୦୦	୨୭୩୦୦୦	୧୮୨୦୦	୩୬୪୦୦	୩୬୪	୪୩୬୮୦	୭୪୮୦୨୦		
୧୨୨	୨୦।୩।୬	ଦିଲ୍ଲୁସୁଡା ସାହୁ	ଏକାଁଶ୍ରୁଣ ସାହୁ	ଓଡିସି	ମ	୫୫	ବିବାହିତ	କୃଷି					୭୮୮୧୧୫୪୮୮୫୬	୦.୦୫	୪୫୫୦୦	୨୭୩୦୦୦	୧୮୨୦୦	୩୬୪୦୦	୩୬୪	୪୩୬୮୦	୭୪୮୦୨୦		
୧୨୩	୨୦।୩।୬	ବଲିରା ସାହୁ	ଦିଲ୍ଲୁସୁଡା ସାହୁ	ଓଡିସି	ମ	୨୪	ଅବିବାହିତ	କୃଷି					୪୦୦୦୦୭୪୭୧୩୮୦	୦.୦୫	୪୫୫୦୦	୨୭୩୦୦୦	୧୮୨୦୦	୩୬୪୦୦	୩୬୪	୪୩୬୮୦	୭୪୮୦୨୦		
୧୨୪	୨୦।୩।୬	କମଳାଳାନ୍ତ ସାହୁ	ଏକାଶ୍ରୁଣ ସାହୁ	ଓଡିସି	ପୁ	୫୧	ବିବାହିତ	କୃଷି					୪୧୧୧୮୨୭୩୭୭୦୫	୦.୦୫	୪୫୫୦୦	୨୭୩୦୦୦	୧୮୨୦୦	୩୬୪୦୦	୩୬୪	୪୩୬୮୦	୭୪୮୦୨୦		
୧୨୫	୨୦।୩।୬	ରାଜାବଲୋଚନ ସାହୁ	କମଳଲୋଚନ ସାହୁ	ଓଡିସି	ପୁ	୩୦	ବିବାହିତ	କୃଷି					୭୫୩୭୮୮୩୮୫୩୫	୦.୦୫	୪୫୫୦୦	୨୭୩୦୦୦	୧୮୨୦୦	୩୬୪୦୦	୩୬୪	୪୩୬୮୦	୭୪୮୦୨୦		
୧୨୬	୨୦।୩।୬	ଦଂଗୁଲ୍ଲା ସାହୁ	ସ୍ୱା-ଏରାଧା ଲାଭ ସାହୁ	ଓଡିସି	ମ	୩୮	ବିଭିନ୍ନ	କୃଷି					୫୪୬୫୮୬୯୨୪୭୬୮	୦.୦୫	୪୫୫୦୦	୨୭୩୦୦୦	୧୮୨୦୦	୩୬୪୦୦	୩୬୪	୪୩୬୮୦	୭୪୮୦୨୦		
୧୨୭	୨୦।୩।୬	ହେମନ୍ତ କୁମାର ସାହୁ	ଏକାଶ୍ରୁଣ ସାହୁ	ଓଡିସି	ପୁ	୪୮	ବିବାହିତ	ଉଦ୍ଦିଗ୍ନ					୫୧୭୧୮୩୨୯୩୮୫୮	୦.୦୫	୪୫୫୦୦	୨୭୩୦୦୦	୧୮୨

ଦୁଇ ବାଇକ୍ ମୁହାଁମୁହିଁ, ଜଣେ ମୃତ

ମୁନିଗୁଡ଼ା,(ଡି.ଏନ୍.ଏ.)- ରାୟଗଡ଼ା ଜିଲା ମୁନିଗୁଡ଼ା ଥାନା ଅଧୀନ ବୋଡିଖୋଲ ଛକ ନିକଟରେ ଗୁରୁବାର ଦୁଇ ବାଇକ୍ ମଧ୍ୟରେ ଦୁର୍ଘଟଣା ଘଟି ଜଣଙ୍କ ମୃତ୍ୟୁ ଘଟିଛି। ଏଥିରେ ଅନ୍ୟ ୩ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ କନ୍ଧମାଳ ଜିଲା ବେଲଘର ଥାନା ଅଧୀନ ଗୁମା ଗ୍ରାମର ଉମେଶ ବିଷମାଝି(୨୨)। ଦୁର୍ଗାପଙ୍ଗା ଗ୍ରାମରେ ସମ୍ପର୍କୀୟଙ୍କ ଭୋଜି ପାଇଁ ମାଛ କିଣି ଉମେଶ ଏବଂ ଲାଲୁ ଗାଉଁଆ ଫେରୁଥିଲେ। ବୋଡିଖୋଲ ଛକ ନିକଟରେ ବିପରିତ ଦିଗରୁ ଅନ୍ୟ ଏକ ଆସୁଥିବା କାଣାବାଣି ଗ୍ରାମରେ କେଶବ ସିକକା ଓ ଉପବାସ ଦିବାକାଙ୍କ ବାଇକ୍ ସହ ଧକ୍କା ହୋଇଥିଲା। ଏଥିରେ ଉମେଶଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ଲାଲୁ ଗୁରୁତର ହୋଇଛନ୍ତି। ଅନ୍ୟ ବାଇକ୍‌ରେ ଥିବା କେଶବ ଓ ଉପବାସ ମଧ୍ୟ ଗୁରୁତର ହୋଇଛନ୍ତି। ପୋଲିସ ପହଞ୍ଚି ମୃତଦେହ ଓ ବାଇକ୍ ଜବତ କରି ତଦନ୍ତ ଚଳାଇଛି।

ବାରମ୍ବାର ଦାବି ପରେ ବି ଗୁଡ଼ାରିରୁ ରାଜଧାନୀକୁ ଗଡ଼ୁନି ବସ୍

ଗୁଡାରି,୩ାୀ(ଡି.ଏନ୍.ଏ.)

ରାୟଗଡ଼ା ଜିଲାର ଗୁଡାରି ସହର ୧୯୭୨ରେ ଏନ୍‌ଏସି ମାନ୍ୟତା ପାଇଛି। ଆଦିବାସୀ ଅଧ୍ୟୁଷିତ ଏହି ଅଞ୍ଚଳରେ ଅନେକ ଶିକ୍ଷିତ ଯୁବତୀଯୁବକ ଅଛନ୍ତି। ଗୁଡ଼ାରି ଏନ୍‌ଏସି ଏବଂ ବ୍ଲକର ୯ ପଞ୍ଚାୟତକୁ ନେଇ ଏହି ଅଞ୍ଚଳ। ଉଚ୍ଚଶିକ୍ଷା, ନିଯୁକ୍ତି କିମ୍ବା ସାକ୍ଷାତ୍‌କାର ପରୀକ୍ଷା ପାଇଁ ବିଭିନ୍ନ ସମୟରେ ଭୁବନେଶ୍ୱର ଯାଇଥାନ୍ତି। ପରିତାପର ବିଷୟ ଗୁଡାରିରୁ ଭୁବନେଶ୍ୱର ଯିବା ପାଇଁ ବସ୍‌ର ସୁବିଧା ନାହିଁ। ଅଞ୍ଚଳବାସୀ ୨୦ କି.ମି. ଦୂର ପଦ୍ମପୁର କିମ୍ବା ଗୁମୁଡ଼ା ଯାଇ ଭୁବନେଶ୍ୱର ବସ୍ ଧରିବାକୁ ପଡୁଛି। ତେଣୁ ଗୁଡାରି ସହରରୁ ଭୁବନେଶ୍ୱର, ବିଶାଖାପାଟଣା ଓ ଜୟପୁରକୁ ବସ୍ ଚଳାଚଳ ଏବଂ ଗୁଣପୁର-ଥେରୁବାଲି ରେଳପଥ ସମ୍ପ୍ରସାରଣ ନିମନ୍ତେ ସହରର ଯୁବଗୋଷ୍ଠୀ

ଦସ୍ତଖତ ଅଭିଯାନ ଚଳାଇଥିବା 'ୟୁଥ୍ ଫର୍ ଚେଞ୍ଜ୍' ର ଯୁବକମାନେ ।

'ୟୁଥ୍ ଫର୍ ଚେଞ୍ଜ୍' ପକ୍ଷରୁ ଦାବି ହୋଇଛି। ଏ ନେଇ ଏକ ଦସ୍ତଖତ ଅଭିଯାନ ଚାଲିଛି।

ପ୍ରକାଶଯୋଗ୍ୟ, ଗୁଡାରିରୁ ପଦ୍ମପୁର ଯିବା ପାଇଁ ଶେଷ ବସ୍ ସମୟ ହେଉଛି ସନ୍ଧ୍ୟା ୫ଟା। ଏହାପରେ ଗୁଡାରିରୁ ବାହାରକୁ ଯିବା ପାଇଁ ବସ୍ ସୁବିଧା ନାହିଁ। ସେହିପରି ଭୁବନେଶ୍ୱରରୁ ଆସୁଥିବା ବସ୍ ଭୋର ୪ଟାରୁ ୫ଟା ମଧ୍ୟରେ ପଦ୍ମପୁରରେ ପହଞ୍ଚିଥାଏ। କିନ୍ତୁ ପଦ୍ମପୁରରୁ ଗୁଡାରି ଯିବା ପାଇଁ ପ୍ରଥମ ବସ୍ ସକାଳ ସାଢ଼େ ୭ଟାରେ ରହିଛି। ଫଳରେ ଯାତ୍ରୀ ତଥା ଛାତ୍ରୀଛାତ୍ର ବସ୍‌ଷ୍ଟାଣ୍ଡରେ ପ୍ରାୟ ୩ ଘଣ୍ଟା ଅପେକ୍ଷା କରିବାକୁ ବାଧ୍ୟ ହେଉଛନ୍ତି। ସେହିପରି ସ୍ୱାସ୍ଥ୍ୟସେବା ପାଇଁ ଅଞ୍ଚଳବାସୀ ମୁଖ୍ୟତଃ ବିଶାଖାପାଟଣା ଉପରେ ନିର୍ଭର କରୁଛନ୍ତି। ଗମନାଗମନର ସମସ୍ୟା ଯୋଗୁ ଅନେକ ସମୟରେ ଅସୁବିଧା ଭୋଗୁଛନ୍ତି। ଏ ନେଇ ପୂର୍ବରୁ ସ୍ଥାନୀୟ ବିଧାୟକ ରଘୁନାଥ ଗମାଙ୍ଗଙ୍କ ସମେତ ଅନ୍ୟ ରାଜନେତାଙ୍କୁ ଅଞ୍ଚଳବାସୀ ଜଣାଇଛନ୍ତି। ଏ ଦିଗରେ କୌଣସି ସୁଫଳ ମିଳିନାହିଁ। ଆଗକୁ ପୌର ନିର୍ବାଚନ ରହିଛି। ସହରର ଯୁବଗୋଷ୍ଠୀ ପୁଣି ଦାବିକୁ ଆଗକୁ ଆଣି ସମାଧାନ ଦାବି କରିଛନ୍ତି। ବୁଧବାର ଏବଂ ଗୁରୁବାର ଏହି ଅଭିଯାନ ଚାଲିଥିବାବେଳେ ଶୁକ୍ରବାର ଦାବି ଓ ସଂଗୃହୀତ ଦସ୍ତଖତକୁ ଗୁଡାରି ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯିବ। ସେହିପରି ଗୁଣପୁର-ଥେରୁବାଲି ରେଳପଥ ସମ୍ପ୍ରସାରଣ ନିମନ୍ତେ ସଂଗୃହୀତ ଦସ୍ତଖତ ରେଳମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମଧ୍ୟ ପ୍ରଦାନ କରାଯିବ। ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ଲଢ଼େଇ ଜାରି ରହିବ ବୋଲି ଯୁବଗୋଷ୍ଠୀ କହିଛନ୍ତି।

- ଯୁବଗୋଷ୍ଠୀ ପକ୍ଷରୁ ଦସ୍ତଖତ ଅଭିଯାନ
- ଗୁଣପୁର-ଥେରୁବାଲି ରେଳପଥ ସମ୍ପ୍ରସାରଣ ଦାବି
- ସମସ୍ୟା ଭୋଗୁଛନ୍ତି ଅଞ୍ଚଳର ଯୁବଗୋଷ୍ଠୀ, ରୋଗୀ

ଏହି ଅଭିଯାନରେ ସହରର ଅନେକ ବୁଦ୍ଧିଜୀବୀ, ଛାତ୍ରୀଛାତ୍ର, ବିଡିଓ ନୃସିଂହ ଚରଣ ସେଠୀ, ତହସିଲଦାର ଭାରତୀ ଦେବୀ, ଥାନାଧିକାରୀ ସଞ୍ଜୟ କୁମାର ନାୟକ, ମେଡିକାଲ ଅଫିସର ଅରୂପାନନ୍ଦ ବେହେରା ଏବଂ ରାଜନେତା ସାମିଲ ହୋଇ ଦସ୍ତଖତ କରିଛନ୍ତି। ଜିଲା ବିଜେଡି ସଭାପତି ସୁଧୀର ଦାସ ମଧ୍ୟ ସାମିଲ ହୋଇ ପରିବହନ ମନ୍ତ୍ରୀଙ୍କ ସହ ଫୋନ୍‌ରେ କଥା ହୋଇଛନ୍ତି। ଶୀଘ୍ର ରାଜଧାନୀକୁ ବସ୍ ସେବା ମିଳିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

ସଂକ୍ଷେପରେ

ଗୁଣପୁର-ଥେରୁବାଲି ପ୍ରକଳ୍ପ ସମଗ୍ର ରାଜ୍ୟବାସୀଙ୍କ ଲାଭ

ମୁନିଗୁଡ଼ା,୩ାୀ(ଡି.ଏନ୍.ଏ.)- ଗୁଣପୁର-ଥେରୁବାଲି ରେଳପଥ ସଂଯୋଗ ହେଲେ ସମଗ୍ର ରାଜ୍ୟର ରେଳଯାତ୍ରୀ ସୁବିଧା ପାଇବେ। ଯାତ୍ରା ସମୟ ଏବଂ ଟିକେଟ ଖର୍ଚ୍ଚ କମିଯିବ। ଏବେ ଭୁବନେଶ୍ୱର ତଥା ଉପକୂଳ ଅଞ୍ଚଳରୁ ରାୟଗଡ଼ା, କୋରାପୁଟ, ଜୟପୁର, ସୁନାବେଡ଼ା, ଭବାନୀପାଟଣା, ଜୁନାଗଡ଼, କେସିଙ୍ଗାକୁ ଟ୍ରେନ୍ ଯୋଗେ ଆସୁଥିବା ଯାତ୍ରୀ ଆନ୍ଧ୍ର ପ୍ରଦେଶର ବିଜୟନଗରମ ଦେଇ ଯାତ୍ରା କରୁଛନ୍ତି। ସେହିପରି ଉପରୋକ୍ତ ସହର ଗୁଡ଼ିକରୁ ଗୁଣପୁର, ପାରଳାଖେମୁଣ୍ଡି ଯିବା ପାଇଁ ବସ୍ ଉପରେ ନିର୍ଭର କରୁଛନ୍ତି। ଗୁଣପୁର ଏକ ଶିକ୍ଷା ହବ୍ ରୂପେ ବିକଶିତ ହେଉଛି। ଅନ୍ୟ ଅଞ୍ଚଳରୁ ଆସୁଥିବା ଛାତ୍ରୀଛାତ୍ର ବସ୍‌ରେ ଯାତ୍ରା କରିବାକୁ ବାଧ୍ୟ ହେଉଛନ୍ତି। ଅଫିସ କାମ, ବ୍ୟବସାୟ ଓ ଚିକିତ୍ସା ସେବା ନିମନ୍ତେ ଭୁବନେଶ୍ୱର, ବ୍ରହ୍ମପୁର, କଟକ ନିୟମିତ ଯାତାୟାତ କରୁଛନ୍ତି। ଅଞ୍ଚଳବାସୀ ଜଗନ୍ନାଥଙ୍କ ଦର୍ଶନ ପାଇଁ ପୁରୀ ମଧ୍ୟ ଯାଇଥାନ୍ତି। କିନ୍ତୁ ଦୀର୍ଘ ସମୟ ଏବଂ ଅଧିକ ଟିକେଟ ଖର୍ଚ୍ଚ ଦେଇ ଯିବାକୁ ପଡୁଛି। ଥେରୁବାଲିରୁ ବ୍ରହ୍ମପୁର ଯିବା ପାଇଁ ରେଳପଥରେ ଆନ୍ଧ୍ରପ୍ରଦେଶର ବିଜୟନଗରମ ଦେଇ ୩୬୨ କି.ମି.ଏବଂ ଭୁବନେଶ୍ୱର ଯିବା ପାଇଁ ୫୨୮କି.ମି. ଯାତ୍ରା କରିବାକୁ ପଡୁଛି। ପ୍ରସ୍ତାବିତ ଗୁଣପୁର-ଥେରୁବାଲି ରେଳପଥ ସମ୍ପ୍ରସାରଣ ହେଲେ ୧୦୦କି.ମି. ଯାତ୍ରା କମିଯିବ। ଏହି ରେଳପଥ ନିର୍ମାଣ ହେଲେ ସମଗ୍ର ରାଜ୍ୟବାସୀ ଉପକୃତ ହେବେ। ଉପକୂଳ ଜିଲାଗୁଡ଼ିକରୁ ଅନେକ ଲୋକ ରାୟଗଡ଼ା, କୋରାପୁଟ ଏବଂ କଳାହାଣ୍ଡି ଜିଲାରେ ରହୁଛନ୍ତି। ଏହି ଅଞ୍ଚଳର ଲୋକ ମଧ୍ୟ ଉପକୂଳ ଅଞ୍ଚଳରେ ରହୁଛନ୍ତି। ତେଣୁ ଦଳଗତ ରାଜନୀତିରୁ ଉର୍ଦ୍ଧ୍ୱରେ ରହି କେନ୍ଦ୍ର ସରକାରଙ୍କ ଉପରେ ଚାପ ପକାଇଲେ ଉକ୍ତ ରେଳ ପ୍ରକଳ୍ପ କାମ ଶୀଘ୍ର ହୋଇପାରିବ ବୋଲି ବୁଦ୍ଧିଜୀବୀଙ୍କ ମଧ୍ୟରେ ମତ ପ୍ରକାଶ ପାଉଛି।

ନାଏବ ସରପଞ୍ଚ ନିର୍ବାଚନ ପାଇଁ ବିଜ୍ଞପ୍ତି ଜାରି

ଡାବୁଗାଁ, ୩ାୀ (ଡି.ଏନ୍.ଏ.)- ଡାବୁଗାଁ ବ୍ଲକର ୧୨ ପଞ୍ଚାୟତରେ ନାଏବ ସରପଞ୍ଚ ନିର୍ବାଚନ ନିମନ୍ତେ ବିଡିଓ ତଥା ନିର୍ବାଚନ ଅଧିକାରୀ ଶରତ ମାଝି ବିଜ୍ଞପ୍ତି ଜାରି କରିଛନ୍ତି। ଏହାର ନକଲ ପ୍ରତ୍ୟେକ ପଞ୍ଚାୟତ କାର୍ଯ୍ୟାଳୟରେ ଲଗାଯାଇଛି। ଗୋଟିଏ ଲେଖାଏ କପି ନୂତନ ଭାବେ ନିର୍ବାଚିତ ହୋଇଥିବା ୱାର୍ଡମେମ୍ବରଙ୍କୁ ଦେବାକୁ ସମ୍ପୃକ୍ତ ପଞ୍ଚାୟତର ପିଇଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ୧୧ ତାରିଖରେ ନିର୍ବାଚନ ହେବ। ଉକ୍ତ ଦିନ ସକାଳ ୧୦ରୁ ୧୧ଟା ମଧ୍ୟରେ ମନୋନୟନ ପତ୍ର ଦାଖଲ, ୧୧ ରୁ ୧୧.୩୦ ମଧ୍ୟରେ ଯାଞ୍ଚ, ୧୧.୩୦ରୁ ୧୨ଟା ମଧ୍ୟରେ ମନୋନୟନ ପତ୍ର ପ୍ରତ୍ୟାହାର, ପ୍ରତିଦ୍ୱନ୍ଦ୍ୱିତା ହେଲେ ୧୨ରୁ ୧ ମଧ୍ୟରେ ଭୋଟ ଗ୍ରହଣ ହେବ। ଏହା ପରେ ଗଣତି କରାଯାଇ ଫଳାଫଳ ଘୋଷଣା କରାଯିବ ବୋଲି ପିଇଓ ଏ.ଡି. ପ୍ରସାଦ ସୂଚନା ଦେଇଛନ୍ତି।

ଜଳ ସଂରକ୍ଷଣ ତାଲିମ

ନବରଙ୍ଗପୁର, ୩ାୀ (ବି.ପ୍ର.) - ନବରଙ୍ଗପୁର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂସ୍ଥା ପ୍ରୋଜେକ୍ଟ ପଏଣ୍ଟ ପକ୍ଷରୁ ଯୁବ ସମ୍ମିଳନୀ ଏବଂ ତାଲିମ ଶିବିର ଅନୁଷ୍ଠିତ ହୋଇଛି। ପ୍ରଜାପିତା ବ୍ରହ୍ମାକୁମାରୀ ବିଶ୍ୱବିଦ୍ୟାଳୟ ଓ ନେହେରୁ ଯୁବ କେନ୍ଦ୍ର ପକ୍ଷର ଆୟୋଜିତ କାର୍ଯ୍ୟକ୍ରମରେ ଜଳ ସଂରକ୍ଷଣ ଉପାଦେୟତା ଉପରେ ଆଲୋଚନା ହୋଇଥିଲା। ନିଲମ ଦିଦିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୮ଠରୁ ଉର୍ଦ୍ଧ୍ୱ ଯୁବତୀ ଯୁବକ ଉପସ୍ଥିତ ଥିଲେ। ଶିବିରରେ ଉପଦେଷ୍ଟା ଲକ୍ଷ୍ମୀକାନ୍ତ ପାଇକରାୟ, ନବରଙ୍ଗପୁର ବ୍ଲକ ସହକାରୀ ଯନ୍ତ୍ରୀ ଉମେଶ ଚନ୍ଦ୍ର ମାଝି, ଅନୁଷ୍ଠାନ ସମ୍ପାଦକ ବଳରାମ ବେହେରା, ସଂଗ୍ରାମ କେଶରୀ ସାମନ୍ତରାୟ ଉପସ୍ଥିତ ଥିଲେ। ନମିତା ଭଉଣୀ କାର୍ଯ୍ୟକ୍ରମ ପରିଚାଳନା ଓ ବଳରାମ ବେହେରା ଧନ୍ୟବାଦ ଦେଇଥିଲେ।

ନାବାଳିକା ବିବାହ ରୋକିଲା ପ୍ରଶାସନ, ବର କନ୍ୟା ଫେରାର

ରାଇଘର, ୩ାୀ(ଡି.ଏନ୍.ଏ.) - ନାବାଳିକାଙ୍କ ବାହାଘର ହେଉଥିବା ଖବରପାଇ ବୁଧବାର ପ୍ରଶାସନ ତାହାକୁ ଅଟକାଇଥିଲା। କିନ୍ତୁ ଉକ୍ତଦିନ ରାତିରେ ବର ଓ କନ୍ୟା ଫେରାର ହୋଇଯାଇଥିଲେ। ଖବରପାଇ ଅଧିକାରୀମାନେ ଥାନାରେ ଜଣାଇବା ସହ ସମ୍ପୃକ୍ତ ଯୁବକଙ୍କ ଘରକୁ ଯାଇ ବୁଝାଶୁଝା କରିଥିଲେ। ନାବାଳିକାଙ୍କ ବିବାହ ବୟସ ହେବାପରେ ତାଙ୍କ ସହ ବାହାଘର କରାଯିବ ବୋଲି ଯୁବକଙ୍କୁ ବୁଝାଯାଇଥିଲା। ଏହାପରେ ନାବାଳିକା ତାଙ୍କ ଘରକୁ ଫେରିଛନ୍ତି। ଏପରି ଘଟଣା ନବରଙ୍ଗପୁର ଜିଲା ରାଇଘର ଥାନା ଅଞ୍ଚଳରେ ଘଟିଛି। ରାଇଘର ବ୍ଲକ ଗୋନା ପଞ୍ଚାୟତ ଅଧୀନ ଏକ ଗାଁର ଜଣେ ନାବାଳିକାଙ୍କ ସହ ହଳଦୀ ପଞ୍ଚାୟତ ରାହାସପାରା ଗ୍ରାମର ସୁବାସ ରାଉତ(୧୯)ଙ୍କ ସହ ବିବାହ ଠିକ୍ ହୋଇଥିଲା। ବୁଧବାର ୟୁନିସେଫ୍‌ର ବ୍ଲକ ସଂଯୋଜକ ବିନିକା ଶ୍ରୀତା ବେନିୟା, ସମନ୍ୱିତ ଶିଶୁ ବିକାଶ ଯୋଜନା ସୁପରଭାଇଜର ତିଲୋତମା ମାଝି ଝିଅ ଘରକୁଯାଇ ବିବାହ ରୋକିବାକୁ ବୁଝାଇଥିଲେ। ଝିଅ ଘର ବିବାହ ପାଇଁ ମନା କରିଥିଲେ। ଉକ୍ତ ଦିନ ରାତିରେ କିନ୍ତୁ ଝିଅ ପୁଅ ଫେରାର ହୋଇଯାଇଥିଲେ। ଗୁରବାର ସକାଳୁ ଖବାପାଇ ରାଇଘର ଭାରପ୍ରାପ୍ତ ସିଡିପିଓ ଗୀତାଞ୍ଜଳି ମିଶ୍ର ରାଇଘର ଥାନାରେ ଜଣାଇଥିଲେ। ଏସ୍‌ଆଇ ଅନୁସୋୟା ନାୟକଙ୍କ ସହ ସୁବାସଙ୍କ ଘରକୁ ଯାଇ ବୁଝାଶୁଝା କରିଥିଲେ।

ମୃତଦେହ ରଖି ୩ଘଣ୍ଟା ରାସ୍ତା ଅବରୋଧ

ଉମରକୋଟ, ୩ାୀ(ସ୍ୱ.ପ୍ର.)

ଟିପ୍ପର ଧକ୍କାରେ ମୃତ ଯୁବକଙ୍କ ପରିବାର ଲୋକେ କ୍ଷତିପୂରଣ ଦାବିରେ

ଲୋକେ ଟାୟାର ଜାଳି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଗୁରୁବାର ଉମରକୋଟ-ନବରଙ୍ଗପୁର ଜାତୀୟ ରାଜପଥ ୩୯କୁ ୩ଘଣ୍ଟା ଅବରୋଧ କରିଛନ୍ତି। ଲୋକେ ଟାୟାର ଜାଳି ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଫଳରେ ଗାଡି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଉମରକୋଟ ଏସ୍‌ଡିପିଓ ଦିନେଶ ଚନ୍ଦ୍ର ନାୟକ, ଅତିରିକ୍ତ ଆଇଆଇସି ଲିମାରାଜ ପ୍ରଧାନ, ଝରିଗାଁ ତହସିଲଦାର ହୃଷୀକେଷ ଗଣ୍ଡ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା। ସୂଚନାନୁଯାୟୀ ବୁଧବାର ଉମରକୋଟର ଏହି ସ୍ଥାନରେ ଭାରତମାଳା ରାସ୍ତା କାମରେ ନିୟୋଜିତ ଟିପ୍ପର ଧକ୍କାରେ ବାଇକ ଆରୋହୀ ସରାଗୁଡା ଗ୍ରାମର ଜଗଦୀଶ ମାଝିଙ୍କ ମୃତ୍ୟୁ ଘଟିଥିଲା।

ପୌର ନିର୍ବାଚନକୁ ନେଇ ସର୍ବଦଳୀୟ ବୈଠକ

ଉମରକୋଟ, ୩ାୀ(ସ୍ୱ.ପ୍ର.)

ପୌର ନିର୍ବାଚନକୁ ନେଇ ଗୁରୁବାର ଏକ ସର୍ବଦଳୀୟ ବୈଠକ ଉମରକୋଟ ପୌର କାର୍ଯ୍ୟାଳୟରେ ନିର୍ବାଚନ ଅଧିକାରୀ ପ୍ରଶାନ୍ତ କୁମାର ରାଉତଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଛି। ନିର୍ବାଚନ ସମ୍ବନ୍ଧୀୟ ସମସ୍ତ ନିୟମ ସମ୍ପର୍କରେ ନିର୍ବାଚନ ଅଧିକାରୀ ବୁଝାଇଥିଲେ। ନାମାଙ୍କନ ଦାଖଲର ଦ୍ୱିତୀୟ ଦିନରେ କେହି ପ୍ରାର୍ଥୀପତ୍ର ଦାଖଲ କରିନାହାନ୍ତି। ସେହିଭଳି ୧, ୫ ଓ ୧୦ ନମ୍ବର ୱାର୍ଡ ପାଇଁ ୩ଟି ଫର୍ମ ବିକ୍ରି ହୋଇଥିବା ସୂଚନା ମିଳିଛି। ଏହି କାର୍ଯ୍ୟକ୍ରମରେ ଉମରକୋଟ ତହସିଲଦାର ଏନ୍. ଜଗତ ଜୀବନ ଚୌଧୁରୀ, ଥାନାଧିକାରୀ ନରେଶ ପ୍ରଧାନ, ପୌର ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝି ଯୋଗ ଦେଇଥିଲେ। ବିଭିନ୍ନ ଦଳରୁ କୈଳାସ ନାୟକ, ମନୋଜ ନାୟକ, ଭୁବନ ମାଝି, ନୃସିଂହନାଥ ସାହୁ, ବିଦ୍ୟାଧର ଲେଙ୍କା, ସୁରେଶ ଆଚାର୍ଯ୍ୟ, ପ୍ରମୋଦ ନାୟକ ପ୍ରମୁଖ କର୍ମୀ ଉପସ୍ଥିତ ଥିଲେ।

ରୋଗୀ ମୃତ୍ୟୁ ନେଇ ଉତ୍ତେଜନା, ଫାର୍ମାସିଷ୍ଟଙ୍କୁ ନିସ୍ତୁକ ମାଡ଼

ମାଲକାନଗିରି,୩ାୀ (ଡି.ଏନ.ଏ.)

ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟର କାର୍ଯ୍ୟରତ ଜଣେ ଫାର୍ମାସିଷ୍ଟଙ୍କ କ୍ଲିନିକରେ ଗୁରୁବାର ଜଣେ ରୋଗୀଙ୍କ ମୃତ୍ୟୁକୁ ନେଇ ତୁମୁଳକାଣ୍ଡ ଘଟିଛି। ରୋଗୀଙ୍କ ପରିବାର ଲୋକେ ଫାର୍ମାସିଷ୍ଟଙ୍କୁ ନିସ୍ତୁକ ମାଡ଼ ମାରିଛନ୍ତି। ଘଟଣା ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି।

ଖବରରୁ ଜଣାପଡିଛି ଏମଭି-୪୪ ଗ୍ରାମର ବାସୁଦେବ ବାଲାଙ୍କ ଝିଅ ବନ୍ଦନା ବାଲାଙ୍କ ଦେହ ଅସୁସ୍ଥ ହୋଇପଡିବାରୁ ତାଙ୍କୁ ପରିବାର ଲୋକେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଫାର୍ମାସିଷ୍ଟ ଭାବେ କାର୍ଯ୍ୟ କରୁଥିବା

ନାବାଳିକାଙ୍କ ପରିବାର ଲୋକେ ଫାର୍ମାସିଷ୍ଟଙ୍କୁ ଚଲାଇଚଲାଇ ଥାନାକୁ ନେଉଛନ୍ତି।

ସନ୍ଦିପ୍ ବେହେରାଙ୍କ ଜଗନ୍ନାଥ ମନ୍ଦିର ସାହିସ୍ଥିତ କ୍ଲିନିକ୍‌କୁ ନେଇଥିଲେ। ସେଠାରେ ଚିକିତ୍ସା ସମୟରେ ବନ୍ଦନାଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇପଡିଥିଲା। ପରିବାର ଲୋକେ ଝିଅକୁ ମୁଖ୍ୟ ଚିକିତ୍ସାଳୟକୁ ନେଇଯିବାକୁ କହିବାରୁ ସନ୍ଦିପ ମନା କରିଥିଲେ। ସେ ଚିକିତ୍ସା କରି ତାଙ୍କୁ ଭଲ କରି ଦେବେ ବୋଲି ପ୍ରକାଶ କରିଥିଲେ। ତେବେ ଉପଯୁକ୍ତ ଚିକିତ୍ସା ନ ପାଇ କ୍ଲିନିକ୍‌ରେ ଚିକିତ୍ସାଧୀନ ଅବସ୍ଥାରେ ବନ୍ଦନାଙ୍କ ମୃତ୍ୟୁ ଘଟିଥିଲା। ଝିଅର ମୃତ୍ୟୁ ନେଇ ପରିବାର ଲୋକେ ଫାର୍ମସିଷ୍ଟ ସନ୍ଦିପଙ୍କୁ ଦାୟୀ କରି ତାଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ଥାନା ପର୍ଯ୍ୟନ୍ତ ତାଙ୍କୁ ଚଲାଇ ଚଲାଇ ନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

ଛାତ୍ରୀଛାତ୍ରମାନେ ମନରେ ବୈଜ୍ଞାନିକ ମନୋଭାବ ରଖନ୍ତୁ

ଦାମନଯୋଡି,୩ାୀ(ଡି.ଏନ.ଏ.)

ନାଲ୍‌କୋ ଟାଉନଶିପସ୍ଥିତ ସରସ୍ୱତୀ ବିଦ୍ୟାମନ୍ଦିରରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଅଧକ୍ଷ ଶୁଭ୍ରାଂଶୁ ଶେଖର ବାହିନୀପତି, ଭାରତର ଯଶସ୍ୱୀ ବୈଜ୍ଞାନିକ ଚନ୍ଦ୍ରଶେଖର ଭେଙ୍କଟ ରମଣ (ସି.ଭି. ରମଣ)ଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରମାନେ ନିଜ ଭିତରେ ବୈଜ୍ଞାନିକ ମନୋଭାବ ସୃଷ୍ଟି ଲାଗି ଗୁରୁତ୍ୱ ଦେବାକୁ ବାହିନୀପତି ପରାମର୍ଶ ଦେଇଥିଲେ। ଚଳିତ ବର୍ଷ ଜାତୀୟ ବିଜ୍ଞାନ ଦିବସର ବିଷୟବସ୍ତୁ 'ଇଣ୍ଟିଗ୍ରେଟେଡ୍ ଆପ୍ରୋଚ ଇନ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ଫର୍ ସଷ୍ଟେନେବଲ ଫ୍ୟୁଚର' ପ୍ରସଙ୍ଗରେ ଛାତ୍ରୀ ସଞ୍ଚିତା ପ୍ରିୟଦର୍ଶିନୀ ସାହୁ, ଅଙ୍କିତା ମହାପାତ୍ର, ଅର୍ପିତା ପାତ୍ର ଓ ଜ୍ୟୋତିର୍ମୟୀ ମିଶ୍ର ନିଜ ମତ ରଖିଥିଲେ। । ଶିକ୍ଷୟିତ୍ରୀ ବନ୍ଦିତା ନନ୍ଦ ପିଲାଙ୍କ ମନରେ ବିଜ୍ଞାନ ପ୍ରତି ଆଗ୍ରହ ସୃଷ୍ଟି ଉପରେ ମତ ରଖିଥିଲେ। ଅଶୋକ ମହାନ୍ତି ସଂଯୋଜନା, ଶିକ୍ଷକ ବସନ୍ତ ଦାସ ଧନ୍ୟବାଦ ଦେଇଥିଲେ।

ଆଦିବାସୀ କଳା, ସଂସ୍କୃତିର ଝଲକ ଦେଖାଇଲେ ୩୦ ଶିଳ୍ପୀ

କୋରାପୁଟ,୩ାୀ(ସ୍ୱ.ପ୍ର.)

ଓଡିଶା ଲଳିତ କଳା ଏକାଡେମୀ ପକ୍ଷରୁ କୋରାପୁଟରେ ଏକ ଚିତ୍ରକଳା କର୍ମଶାଳା ଗୁରୁବାର ଆଞ୍ଚଳିକ ଆର୍ଟ ଗ୍ୟାଲେରିଠାରେ ଉଦ୍‌ଘାଟିତ ହୋଇଛି। ଜିଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ୩୦ ଜଣ ଆଦିବାସୀ ମହିଳା ଏଥିରେ ଅଂଶଗ୍ରହଣ କରିଥିଲେ। ଆଦିବାସୀ କଳା, ସଂସ୍କୃତି ଓ ପରମ୍ପରାକୁ ନେଇ ସେମାନେ ନିଜ କାନଭାସରେ ଚିତ୍ର ଆଙ୍କିଥିବା ଏକାଡେମୀର ସମ୍ପାଦକ ପଞ୍ଚାନନ ସାମଲ କହିଛନ୍ତି। ସେମାନଙ୍କ କାନଭାସକୁ ପ୍ରଥମେ କୋରାପୁଟର ଆଞ୍ଚଳିକ କଳା ପ୍ରଦର୍ଶନ କେନ୍ଦ୍ରରେ ପ୍ରଦର୍ଶିତ କରାଯିବା ପରେ ଏହି କଳାକୃତିକୁ ଭୁବେନେଶ୍ୱରରେ ପ୍ରଦର୍ଶିତ କରାଯିବ ସାମଲ ସୂଚନା

ଟ୍ରକ୍ ସହ ପିଟିହେଲା କାର୍: ୫ ମୃତ

ନୂଆଦିଲ୍ଲୀ: ଗୁରୁଗ୍ରାମ ଦିଲ୍ଲୀ– ଜୟପୁର ହାଇୱେଠାରେ ଗୁରୁବାର ବଡ଼ ଧରଣର ଦୁର୍ଘଟଣା ଘଟିଛି। ଏକ ଦ୍ରୁତଗାମୀ କାର୍ ଟ୍ରକ୍ ସହ ପିଟିହେବା ଫଳରେ କାର୍‌ରେ ଥିବା ୫ ଜଣଙ୍କ ମୃତ୍ୟୁ ହୋଇଛି। ବର୍ତ୍ତମାନ ସୁଦ୍ଧା ମୃତକଙ୍କ ପରିଚୟ ମିଳି ନ ଥିବା ଗୁରୁଗ୍ରାମ ଏଏସ୍‌ଆଇ ଗଜେନ୍ଦର ସିଂ କହିଛନ୍ତି।

ଜିନ୍‌ପିଙ୍ଗଙ୍କ ଡ୍ରିମ୍ ପ୍ରୋଜେକ୍ଟରେ ପୁଟିନ୍ କଣ୍ଟା

ହଂକଂ,୩।୩

ଶକ୍ତିଶାଳୀ ଚାଇନା ଯାହା ନିର୍ମାଣ କରିବାକୁ ଚାହୁଁଛି ମହତ୍ତ୍ୱାକାଂକ୍ଷୀ ରୁଷିଆ ତାକୁ ଧ୍ୱଂସ କରୁଛି। ବେଜିଂ ନିଜ ବେଲ୍ଟ ଆଣ୍ଡ ରୋଡ୍ ଇନିସିଏଟିଭ୍ (ବିଆର୍‌ଆଇ) ଅଧୀନରେ ଯେଉଁ ପୂର୍ବ ୟୁରୋପୀୟ ରାଷ୍ଟ୍ରଗୁଡ଼ିକ ସହ ବାଣିଜ୍ୟିକ, ନିବେଶ ଓ କାରିଗରି ସମ୍ପର୍କ ପ୍ରତିଷ୍ଠା କରିଛି, ୟୁକ୍ରେନ୍ ଉପରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ଆକ୍ରମଣକୁ ନିନ୍ଦା ନ କରି ସେଗୁଡ଼ିକ ଏବେ ହାତଛଡ଼ା ହେବାରେ ଲାଗିଛନ୍ତି।

ରୁଷିଆ ସହ ଅବଶିଷ୍ଟ ୟୁରୋପକୁ ସଂଯୋଗ କରୁଥିବା ୟୁକ୍ରେନ୍‌ର ରେଳପଥ, ରାସ୍ତା ଓ ଗ୍ୟାସ୍ ପାଇପ୍‌ଲାଇନ୍‌ଗୁଡ଼ିକ ରଣନୈତିକ ଦୃଷ୍ଟିରୁ ବିଶେଷ ଗୁରୁତ୍ୱ ବହନ କରେ। ୨୦୧୭ରେ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗଙ୍କ ସିଗ୍‌ନେଚର ଇନ୍‌ଫ୍ରାକ୍ଷ୍ଟକ୍ଚର ପଲିସିରେ ୟୁକ୍ରେନ୍ ସାମିଲ ହେବା ପରଠାରୁ ଚାଇନାର କମ୍ପାନୀଗୁଡ଼ିକ ଏହି ପୂର୍ବ ୟୁରୋପୀୟ ଦେଶର ବନ୍ଦର ଓ ରାସ୍ତା ଉନ୍ନତୀକରଣ କାର୍ଯ୍ୟ ଚଳାଇଛନ୍ତି। ଆମେରିକା ଯେଉଁ ହୁୱେଇ ଟେକ୍ନୋଲୋଜିଜ୍‌କୁ ସାରା ବିଶ୍ୱରୁ ହଟାଇବା ପାଇଁ ଉଦ୍ୟମ ଚଳାଇଛି ସେହି ଟେଲିକମ୍ ଜିଆଣ୍ଟ ସହ ୨୦୨୦ରେ କ୍ୱିଭ୍ ଏକ ଚୁକ୍ତିନାମା ସ୍ୱାକ୍ଷର କରିଥିଲା। ସ୍ମାର୍ଟଫୋନ୍ ମେକର ଶାଓମି(୧୮୧୦.ଏର୍‌କେ) ଭଳି କମ୍ପାନୀଗୁଡ଼ିକ ପାଇଁ ୪୪ ନିୟୁତ ଜନସଂଖ୍ୟା ବିଶିଷ୍ଟ ୟୁକ୍ରେନ୍‌ର ଏକ ଆକର୍ଷଣୀୟ ବଜାର ରହିଛି। ସେହିପରି ୟୁକ୍ରେନ୍ ହେଉଛି କୃଷିଜାତ ଉତ୍ପାଦର ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସ, ଯେଉଁଠୁ ଚାଇନା ୨୦୨୧ରେ ୩୦% ଶସ୍ୟ ଆମଦାନୀ କରିଥିଲା। ରୁଷୀୟ ସୈନ୍ୟ କ୍ୱିଭ୍ ଅଭିମୁଖେ ଅଗ୍ରସର ହେଉଥିବାବେଳେ କ୍ଷେପଣାସ୍ତ୍ର ମାଡ଼ରେ ବିଧ୍ୱସ୍ତ ୟୁକ୍ରେନ୍ ପାଇଁ ବେଜିଂ ଏହାକୁ ଆକ୍ରମଣ ବୋଲି ନିନ୍ଦା କରିବା ପରିବର୍ତ୍ତେ ଦେଖଣାହାରି ସାଜିଛି। ଫଳରେ ଏହି ଆକ୍ରମଣ ଚାଇନା ବିରୋଧୀ ଭାବାବେଗକୁ ସମଗ୍ର ୟୁରୋପରେ ବ୍ୟାପକ କରିବାରେ ଲାଗିଛି। ପାଶ୍ଚାତ୍ୟ ଓ ମସ୍କୋ ଘରୋଇ କମ୍ପାନୀଗୁଡ଼ିକର କାରବାର ପାଇଁ ପ୍ରତିକୂଳ ସ୍ଥିତି ସୃଷ୍ଟି କରିଥିବାବେଳେ 'ଆଇରନ ସିଲ୍କ ରୋଡ୍' ରେଳ ବ୍ୟବସ୍ଥା ଦେଇ ସାମଗ୍ରୀ ପରିବହନର ଗତି ଧିମେଇଯିବାକୁ ବସିଛି। ୨୦୨୧ରେ ଏହି ସିଷ୍ଟମ୍ ଜରିଆରେ ଚାଇନା ୫୭ ବିଲିୟନ୍ ଡଲାର ମୂଲ୍ୟର ସାମଗ୍ରୀ ୟୁରୋପକୁ ପଠାଇଥିଲା।

ରୁଷିଆ–ୟୁକ୍ରେନ୍ ଯୁଦ୍ଧରେ ଚାଇନା ଓ ପୋଲାଣ୍ଡର ସମ୍ପର୍କ ବିଗିଡ଼ିଯାଇଛି। ବେଜିଂ ଓ ୱାଶିଂଟନ ମଧ୍ୟରେ ସନ୍ତୁଳନ ରକ୍ଷା ପାଇଁ ଉଦ୍ୟମ କରୁଥିବା ପୋଲାଣ୍ଡ ଜିନ୍‌ପିଙ୍ଗଙ୍କ ଡ୍ରିମ୍ ପ୍ରୋଜେକ୍ଟ ବିଆର୍‌ଆଇ ସଦସ୍ୟ। ରୁଷିଆ ଆକ୍ରମଣ ଯୋଗୁ ୟୁକ୍ରେନ୍‌ରୁ ପଳାୟନ କରୁଥିବା ଶରଣାର୍ଥୀଙ୍କ ପାଇଁ ପୋଲାଣ୍ଡ ଆଶ୍ରୟସ୍ଥଳ ପାଲଟିଛି। ପୁଟିନ୍‌ଙ୍କୁ ଚାଇନା ସମର୍ଥନ କରୁଥିବା ଦର୍ଶାଇ ଶରଣାର୍ଥୀମାନେ ସମାଲୋଚନା କରୁଛନ୍ତି। ସୋଭିଏଟ୍ ସଂଘର ପୂର୍ବତନ ସହଯୋଗୀଗୁଡ଼ିକ ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ (ନାଟୋ) ଏବଂ ୟୁରୋପୀୟ ସଂଘ (ଇୟୁ) ପ୍ରତି ଅଧିକ ଆନୁଗତ୍ୟ ପ୍ରଦର୍ଶନ କରୁଥିବାରୁ ସମ୍ପୃକ୍ତ କ୍ଷେତ୍ରରେ ବେଜିଂର ରଣନୀତି ଆହୁରି ବିପନ୍ନ ହେବାକୁ ଯାଉଛି। ଇୟୁରେ ଚାଇନାର ନିବେଶ ଦୁର୍ବଳ ହେବାରେ ଲାଗିଛି। ୨୦୨୦ରେ ଏହାର ମର୍ଜର ଆଣ୍ଡ ଆକ୍ୱିଜିଶନ୍ସ ଡିଲ ୬.୫ ବିଲିୟନ୍ ୟୁରୋକୁ ହ୍ରାସ ପାଇଥିଲା, ଯାହାକି ୧୦ ବର୍ଷ ମଧ୍ୟରେ ସର୍ବନିମ୍ନ। ପୁଟିନ୍‌ଙ୍କୁ ଖୋଲାଖୋଲି ସମର୍ଥନ କରି ବେଜିଂ ଏବେ ଆହୁରି କ୍ଷତିଗ୍ରସ୍ତ ହେବାକୁ ଯାଉଛି। ଶାନ୍ତି ପାଇଁ ଉଦ୍ୟମ ନ କଲେ ଚାଇନାର ଯେଉଁ କୂଟନୈତିକ ଓ ବାଣିଜ୍ୟିକ କ୍ଷତି ସାଧିତ ହେବ, ତାହାର ଭରଣା କରିବା ଏକପ୍ରକାର ଅସମ୍ଭବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।

ସଂକ୍ଷେପରେ

ପୁଟିନ୍‌ଙ୍କୁ ଗିରଫ କଲେ ୧ ମିଲିୟନ ଡଲାର ପୁରସ୍କାର

ମସ୍କୋ, ୩।୩: ୟୁକ୍ରେନ ଉପରେ ଆକ୍ରମଣ କରି ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଯୁଦ୍ଧ ଅପରାଧ କରିଛନ୍ତି ବୋଲି ରୁଷୀୟ ବ୍ୟବସାୟୀ ଆଲେକ୍ସ କୋନାନିଖିନ୍ ଅଭିଯୋଗ ଆଣିଛନ୍ତି। ତୁରନ୍ତ ପୁଟିନ୍‌ଙ୍କୁ ଗିରଫ କରାଯିବାକୁ ସେ ସୋସିଆଲ ମିଡିଆରେ ଏକ ପୋଷ୍ଟ କରିଛନ୍ତି। ଏଥିରେ ସେ ପୁଟିନ୍‌ଙ୍କୁ ଗଣହତ୍ୟାକାରୀ ଦର୍ଶାଇ 'ୱାଣ୍ଟେଡ୍: ଜୀବନ୍ତ କିମ୍ବା ମୃତ' ବୋଲି ଲେଖିଛନ୍ତି। ତାଙ୍କୁ ଗିରଫ କରାଗଲେ ସମ୍ପୃକ୍ତ ଅଫିସରଙ୍କୁ ୧ ମିଲିୟନ ଡଲାର ପୁରସ୍କାର ଦେବେ ବୋଲି ଆଲେକ୍ସ ତାଙ୍କ ଲିଙ୍କେଡିନ୍ ଓ ଫେସ୍‌ବୁକ୍ ପେଜ୍‌ରେ କହିଛନ୍ତି। ଆଲେକ୍ସ ତାଙ୍କ ଲମ୍ବା ପୋଷ୍ଟରେ ଲେଖିଛନ୍ତି, ପୁଟିନ୍ ରୁଷିଆର ରାଷ୍ଟ୍ରପତି ନୁହଁନ୍ତି। ଏକ ସ୍ୱତନ୍ତ୍ର ଅପରେଶନ ଜରିଆରେ ରୁଷିଆର ବହୁ ବିଲ୍ଡିଂ, ଆପାର୍ଟମେଣ୍ଟ ନଷ୍ଟ କରି ସେ କ୍ଷମତା ଦଖଲ କରିଛନ୍ତି। ବିରୋଧୀଙ୍କୁ ହତ୍ୟା କରିବା ସହ ମୁକ୍ତ ନିର୍ବାଚନକୁ ବନ୍ଦ କରି ସାମ୍ବିଧାନିକ ନିୟମ ଉଲ୍ଲଂଘନ କରିଛନ୍ତି। ଜଣେ ରୁଷୀୟ ନାଗରିକ ହିସାବରେ ଆଲେକ୍ସି ଦେଶରୁ ନାଜିଶାସନ ହଟାଇବାକୁ ଚାହାଁନ୍ତି ବୋଲି କହିଛନ୍ତି।

ହସ୍ତକ୍ଷେପ କରିବାକୁ ମନାକଲେ ସୁପ୍ରିମକୋର୍ଟ

ନିର୍ବାଚନ ବେଳେ ମାଗଣା ଉପହାର ପ୍ରତିଶ୍ରୁତିକୁ ନେଇ ପିଆଇଏଲ୍

ନୂଆଦିଲ୍ଲୀ,୩।୩ (ପି.ଟି.): ନିର୍ବାଚନ ବେଳେ ବିଭିନ୍ନ ଦଳ ପକ୍ଷରୁ ଭୋଟରଙ୍କୁ ମାଗଣା ଉପହାର ପ୍ରତିଶ୍ରୁତି ଦିଆଯାଉଛି। ଏଭଳି ପ୍ରତିଶ୍ରୁତି ଦେଉଥିବା ରାଜନୈତିକ ଦଳ ବିରୋଧରେ ଏତଲା ପାଇଁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରି ଦାଏର ଜନସ୍ୱାର୍ଥ ମାମଲା (ପିଆଇଏଲ୍)ରେ ହସ୍ତକ୍ଷେପ କରିବାକୁ ଗୁରୁବାର ସୁପ୍ରିମକୋର୍ଟ ମନା କରିଦେଇଛନ୍ତି। ଏହା ପ୍ରରୋଚିତ ଏବଂ ପ୍ରଚାର ସ୍ୱାର୍ଥ ମାମଲା ଭଳି ମନେ ହେଉଥିବା ସର୍ବୋଚ୍ଚ ଅଦାଲତ କହିଛନ୍ତି। ହିନ୍ଦୁ ସେନା ନାମକ ଏନ୍‌ଜିଓର ଉପାଧ୍ୟକ୍ଷଙ୍କ ପକ୍ଷରୁ ଦାଏର ପିଟିଶନରେ ନିର୍ଦ୍ଦିଷ୍ଟ ୫ଟି ଦଳର ନାଁ ଦର୍ଶାଯାଇଥିବାରୁ ପ୍ରଧାନ ବିଚାରପତି ଏନ୍.ଭି. ରମନାଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ ଏ.ଏସ୍. ବୋପନ୍ନା ଏବଂ ହିମା କୋହଲିଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହା ଉପରେ ପ୍ରଶ୍ନ ଉଠାଇଥିଲେ। ଏହା ପ୍ରରୋଚିତ ଏବଂ ଅନ୍ୟର କ୍ଷତି କରିବା ଲାଗି ଏଭଳି ପିଟିଶନ ଦାଏର ହୋଇଛି। ଏହା ପଛରେ ଆବେଦନକାରୀଙ୍କ ଗୁପ୍ତ ଏଜେଣ୍ଡା ରହିଛି। ଆବେଦନକାରୀ କିଏ ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ। ଏହା ପରେ ଆଇନଜୀବୀ ପିଟିଶନ ପ୍ରତ୍ୟାହାର କରିନେଇଥିଲେ। ସୂଚନାଯୋଗ୍ୟ, ୫ ରାଜ୍ୟରେ ବିଧାନସଭା ନିର୍ବାଚନ ଚାଲିଥିବାବେଳେ ହିନ୍ଦୁ ସେନା ଉପାଧ୍ୟକ୍ଷ ସୁର୍ଜିତ ସିଂ ଯାଦବ ଦାଏର କରିଥିବା ଜନସ୍ୱାର୍ଥ ମାମଲାରେ କଂଗ୍ରେସ, ସମାଜବାଦୀ ପାର୍ଟି, ବିଏସ୍‌ପି ଏବଂ ଆମ୍ ଆଦ୍‌ମୀ ପାର୍ଟି ଭୋଟରଙ୍କୁ ମାଗଣା ଉପହାର ପ୍ରତିଶ୍ରୁତି ଦେଉଥିବା ଲେଖାଯାଇଥିଲା।

ବଜ୍ରପାତରେ ଗତବର୍ଷ ୭୮୭ ମୃତ

ଅଲୱାର, ୩।୩: ପୂର୍ବ ବର୍ଷଗୁଡ଼ିକ ତୁଳନାରେ ୨୦୨୧ରେ ବଜ୍ରପାତ ଏବଂ ଘଡ଼ଘଡ଼ି ମାତ୍ରା ବୃଦ୍ଧି ପାଇଛି। ଏ ନେଇ ଗତବର୍ଷ ମୃତ୍ୟୁ ସଂଖ୍ୟା ମଧ୍ୟ ବଢ଼ିଛି। ବନ୍ୟା, ବାତ୍ୟା, ଘଡ଼ଘଡ଼ି କାରଣରୁ ୨୦୨୧ ରେ ମୃତ୍ୟୁ ହାର ବଢ଼ିଛି। ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ଗତବର୍ଷ ମୋଟ ୧,୭୫୦ ଜଣ ପ୍ରାଣ ହରାଇଥିବାବେଳେ ଏମାନଙ୍କ ମଧ୍ୟରୁ ବଜ୍ରପାତରେ ଅଧିକ ସଂଖ୍ୟକ ଲୋକଙ୍କ ପ୍ରାଣହାନୀ ହୋଇଛି। ପାଖାପାଖି ୪୫% ଅର୍ଥାତ୍ ୭୮୭ ଜଣ ବଜ୍ରପାତରେ ପ୍ରାଣ ହରାଇଛନ୍ତି। ସେହିପରି ବାତ୍ୟାରେ ୧୭୨ ଏବଂ ପାଖାପାଖି ୪୩% (୭୫୯) ଜଣଙ୍କ ମୃତ୍ୟୁର କାରଣ ବନ୍ୟା, ପ୍ରବଳ ବର୍ଷା ଏବଂ ଭୂସ୍ଖଳନ ବୋଲି (ଇଣ୍ଡିଆନ୍ ମେଟେରୋଲୋଜିକାଲ ଡିପାର୍ଟମେଣ୍ଟ) ଆଇଏମ୍‌ଡି ମୁଖ୍ୟ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି। ଭାରତର ପୂର୍ବାଞ୍ଚଳ ଅର୍ଥାତ୍ ବିହାର, ଝାଡ଼ଖଣ୍ଡ, ଓଡ଼ିଶା, ପଶ୍ଚିମବଙ୍ଗ ଓ ମଧ୍ୟ ପ୍ରଦେଶରେ ମୃତ୍ୟୁ ସଂଖ୍ୟା ଅଧିକ ରହିଛି। ସେଣ୍ଟର ଫର୍ ସାଇନ୍ସ ଆଣ୍ଡ୍ ଏନ୍‌ଭାଇରନମେଣ୍ଟ୍ (ସିଏସ୍‌ଇ) ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ଆଇଏମ୍‌ଡି ମୁଖ୍ୟ ଉକ୍ତ ତଥ୍ୟ ଉପସ୍ଥାପନ କରିଛନ୍ତି।

ପୁଟିନ୍‌ଙ୍କୁ ଯୁଦ୍ଧ ବନ୍ଦ କରିବାକୁ କହିପାରିବା କି: ସିଜେଆଇ

ନୂଆଦିଲ୍ଲୀ,୩।୩

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର୍ ପୁଟିନଙ୍କୁ ଯୁଦ୍ଧ ବନ୍ଦ କରିବାକୁ ଆମେ କହିପାରିବା କି ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏନ୍.ଭି. ରମନା ଗୁରୁବାର ଏକ ପିଟିଶନର ଶୁଣାଣି ବେଳେ କହିଛନ୍ତି। ଯୁଦ୍ଧ ପ୍ରଭାବିତ ୟୁକ୍ରେନ୍‌ରେ ଅଟକି ରହିଥିବା ଭାରତୀୟ ଛାତ୍ରୀଛାତ୍ରଙ୍କୁ ସହାୟତା ପ୍ରଦାନ ଲାଗି ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ସୁପ୍ରିମକୋର୍ଟରେ ପିଟିଶନ ଦାଏର ହୋଇଥିଲା। ଏଥିରେ ଆମେ କ'ଣ କରିପାରିବୁ ବୋଲି ସିଜେଆଇଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି। ରୋମାନିଆ ସୀମାବର୍ତ୍ତୀ ୟୁକ୍ରେନ୍‌ରେ ଅଟକି ରହିଥିବା ଭାରତୀୟ ଛାତ୍ରମାନଙ୍କୁ ଫେରାଇ ଆଣିବାରେ ସହାୟତା କରିବାକୁ ସୁପ୍ରିମକୋର୍ଟ ଆଟର୍ନି ଜେନେରାଲ କେ.କେ. ବେଣୁଗୋପାଳଙ୍କୁ କହିଥିଲେ। ସରକାର ଛାତ୍ରୀଛାତ୍ରଙ୍କୁ ଫେରାଇ ଆଣିବା ଲାଗି ସମସ୍ତ ବ୍ୟବସ୍ଥା କରିଥିବା ବେଣୁଗୋପାଳ ଖଣ୍ଡପୀଠଙ୍କୁ କହିଥିଲେ।

ଏନ୍.ଭି. ରମନା

ଦିନକରେ ଫେରିଛନ୍ତି ୩ ହଜାର ଭାରତୀୟ

ନୂଆଦିଲ୍ଲୀ, ୩।୩: ୟୁକ୍ରେନ୍‌ରେ ଫସିଥିବା ଭାରତୀୟଙ୍କ ମଧ୍ୟରୁ ୩ ହଜାରରୁ ଊର୍ଦ୍ଧ୍ୱ ନାଗରିକ ୧୫ଟି ବିମାନ ଯୋଗେ ଭାରତକୁ ଫେରିଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଗୁରୁବାର ସୂଚନା ଦିଆଯାଇଛି। ଭାରତ ପକ୍ଷରୁ ଆଡଭାଇଜରି ଜାରି କରାଯିବା ପରେ ପ୍ରାୟ ୧ ହଜାର ଭାରତୀୟ ୟୁକ୍ରେନ୍‌ର ଖର୍କିଭ ସହର ଛାଡ଼ିଥିଲେ ବୋଲି ମନ୍ତ୍ରଣାଳୟ ମୁଖପାତ୍ର ଅରିନ୍ଦମ ବାଗ୍‌ଚି କହିଛନ୍ତି। ୟୁକ୍ରେନ୍ ଓ ରୁଷିଆ କର୍ତ୍ତୃପକ୍ଷଙ୍କ ସହ ଭାରତ କ୍ରମାଗତ ଯୋଗାଯୋଗରେ ରହିଛି। ପୂର୍ବ ୟୁକ୍ରେନ୍‌ରୁ ପଶ୍ଚିମ ଏବଂ ଦକ୍ଷିଣ ୟୁକ୍ରେନ୍ ଦେଇ ପରିବହନ ବ୍ୟବସ୍ଥା କରାଯିବା ଉପରେ ଗୁରୁତ୍ୱ ଦିଆଯାଉଛି। ଆସନ୍ତା ୨୪ ଘଣ୍ଟାରେ ଆଉ ୧୮ଟି ବିମାନରେ ଭାରତୀୟଙ୍କୁ ସେଠାରୁ ଅଣାଯିବ ବୋଲି ସେ କହିଛନ୍ତି।

ପ୍ରତିଟି ଘର ସଜାଡ଼ିବୁ ପ୍ୟାରିସ୍ ହଟାଇଲା ପୁଟିନ୍‌ଙ୍କ ମହମ ମୂର୍ତ୍ତି

କ୍ୱିଭ୍, ୩।୩

ଆମେ ଦୁଇ ଦୁଇଟି ବିଶ୍ୱଯୁଦ୍ଧ ଦେଖିଛୁ। ତିନୋଟି ଦୁର୍ଭିକ୍ଷକୁ ସାମ୍ନା କରିଛୁ। ହୋଲୋକଷ୍ଟ, ବେବିନ୍ ୟାର, ଗ୍ରେଟ୍ ପର୍ଜ, ଚୋର୍ନୋବିଲ୍ ବିସ୍ଫୋରଣ ଓ କ୍ରିମିଆ ଦଖଲ ଭଳି ଘଟଣାକୁ ମଧ୍ୟ ଅଙ୍ଗେ ନିଭାଇଛୁ। ସ୍ୱାଧୀନତା ବ୍ୟତୀତ ହରାଇବା ପାଇଁ ଆମ ପାଖରେ ଆଉ କିଛି ନାହିଁ ବୋଲି ଗୁରୁବାର ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି କହିଛନ୍ତି।

ରୁଷୀୟ ସୈନ୍ୟଙ୍କ ଆକ୍ରମଣ ଅଷ୍ଟମ ଦିନରେ ପହଞ୍ଚିଛି। ସେମାନେ ବିପୁଳ କ୍ଷେପଣାସ୍ତ୍ର ଓ ରକେଟ୍ ନେଇ ୟୁକ୍ରେନ୍‌ର ସହରଗୁଡ଼ିକୁ ଘେରି ରହିଥିବାବେଳେ ଜେଲେନ୍‌ସ୍କି ଏକ ଭିଡିଓ ମେସେଜ୍‌ରେ କହିଛନ୍ତି, ରୁଷିଆକୁ ଆକ୍ରମଣ ମହଙ୍ଗା ପଡ଼ିବ। ଯୁଦ୍ଧ ପରେ ସେ ୟୁକ୍ରେନ୍‌ର ପୁନଃ ନିର୍ମାଣ କରିବେ। ପ୍ରତ୍ୟେକ ଘର, ରାସ୍ତା ଓ ସହର ସଜଡ଼ାଯିବ। ୟୁକ୍ରେନ୍‌କୁ ଅନ୍ତର୍ଜାତୀୟ ସହଯୋଗୀ ଘାତକ ଅସ୍ତ୍ର ଯୋଗାଉଥିବା ସେ ସ୍ପଷ୍ଟ କରିଛନ୍ତି। ରୁଷିଆର ସୁରକ୍ଷା ବଳ ଦେଶକୁ ସମ୍ପୂର୍ଣ୍ଣ ଭାବେ ଦଖଲ କଲେ ବି ସେ ମୁଣ୍ଡ ନୁଆଁଇବେ ନାହିଁ। ପ୍ରତିରୋଧର ଏକ ନୂଆ ପର୍ଯ୍ୟାୟ ଆରମ୍ଭ ହେବ ବୋଲି ଜେଲେନ୍‌ସ୍କିଙ୍କ ମନ୍ତବ୍ୟରୁ ସଙ୍କେତ ମିଳିଛି।

ଭୋଲୋଡିମିର ଜେଲେନ୍‌ସ୍କି

ପ୍ୟାରିସ୍, ୩।୩

ୟୁକ୍ରେନ୍ ଉପରେ ଆକ୍ରମଣ ପାଇଁ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କୁ ଅନେକେ 'ହିଟ୍‌ଲର'ଙ୍କ ସହ ତୁଳନା କରୁଛନ୍ତି। ବିଭିନ୍ନ ଦେଶରେ ପୁଟିନ୍‌ଙ୍କ ବିରୋଧରେ ବିକ୍ଷୋଭ ଜାରି ରହିଛି। ଆମେରିକା ଓ ପାଶ୍ଚାତ୍ୟ ଦେଶ ରୁଷିଆ ଉପରେ କଡ଼ା କଟକଣା ଲଗାଇ ଚାଲିଥିବାବେଳେ ଗୁରୁବାର ଫ୍ରାନ୍ସର ପ୍ୟାରିସ୍ ମ୍ୟୁଜିୟମରେ ଥିବା ପୁଟିନ୍‌ଙ୍କ ମହମ ମୂର୍ତ୍ତିକୁ ହଟାଯାଇ ପ୍ରତିବାଦ ଜଣାଯାଇଛି। ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣ କରିଥିବାରୁ ଏହି ନିଷ୍ପତ୍ତି ନିଆଯାଇଥିବା ଗ୍ରେଭିନ୍ ମ୍ୟୁଜିୟମର ନିର୍ଦ୍ଦେଶକ ଡେଲ୍‌ହୋମ୍ୟୁ କହିଛନ୍ତି। ଜର୍ମାନୀର ଏକଚ୍ଛତ୍ରବାଦୀ ଶାସକ ଆଡଲ୍ଫ ହିଟଲରଙ୍କ ଭଳି ପୁଟିନ୍‌ଙ୍କ ମୂର୍ତ୍ତିକୁ ସଂଗ୍ରହାଳୟରେ ରଖିବାକୁ ଚାହୁଁ ନ ଥିବା ଡେଲ୍‌ହୋମ୍ୟୁ ପ୍ରକାଶ କରିଛନ୍ତି। ଏଥିସହ ପୁଟିନ୍‌ଙ୍କ ସ୍ଥାନରେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କ ମୂର୍ତ୍ତି ରଖାଯିବାକୁ ଯୋଜନା ହୋଇଥିବା ଜଣାଯାଇଛି। ଦେଶକୁ ବିପଦରେ ଛାଡ଼ି ପଳାୟନର ରାସ୍ତା ବାଛି ନ ଥିବାରୁ ଜେଲେନ୍‌ସ୍କି ସମସ୍ତଙ୍କ ଆଗରେ ହିରୋ ପାଲଟିଛନ୍ତି। ଇତିହାସ ଏବଂ ବର୍ତ୍ତମାନର ନାୟକଙ୍କ ପ୍ରତିମୂର୍ତ୍ତି ମଧ୍ୟରେ ଜେଲେନ୍‌ସ୍କିଙ୍କ ମୂର୍ତ୍ତି ସ୍ଥାପନ କରାଯିବା ଉଚିତ ହେବ ବୋଲି ମ୍ୟୁଜିୟମ ନିର୍ଦ୍ଦେଶକ କହିଛନ୍ତି।



ଲୋକପାଳରେ ୪,୨୪୪ ଅଭିଯୋଗ

ନୂଆଦିଲ୍ଲୀ,୩।୩ (ପି.ଟି.): ଭାରତର ଦୁର୍ନୀତି ନିରୋଧୀ ଅମ୍ବୁଡ୍ସମ୍ୟାନ ଲୋକପାଳ ୨୦୨୧ ଏପ୍ରିଲରୁ ୨୦୨୨ ଜାନୁୟାରୀ ୩୧ ମଧ୍ୟରେ ୪,୨୪୪ ଦୁର୍ନୀତି ଅଭିଯୋଗ ପାଇଛନ୍ତି। ପୂର୍ବବର୍ଷ ତୁଳନାରେ ଏହା ୮୦ ପ୍ରତିଶତ ଅଧିକ। ୨୦୧୯–୨୦ ଆର୍ଥିକ ବର୍ଷରେ ଲୋକପାଳକୁ ୧,୪୨୭ ଓ ୨୦୨୦–୨୧ରେ ୨,୩୫୫ ଅଭିଯୋଗ ମିଳିଥିଲା। ସରକାରୀ ବାବୁମାନଙ୍କ ବିରୋଧରେ ଲୋକପାଳରେ ଦୁର୍ନୀତି ଅଭିଯୋଗ ଆଣିବା ଲାଗି ୨୦୨୦ ମାର୍ଚ୍ଚରେ ସରକାର ଫର୍ମାଟ ଜାରି କରିଥିଲେ। ଅଭିଯୋଗ ସହ ନନ୍‌ଜୁଡ଼ିସିଆରି ଷ୍ଟାମ୍ପ୍ ପେପରରେ ସତ୍ୟପାଠ ଦାଖଲ କରିବା ବାଧ୍ୟତାମୂଳକ କରାଯାଇଛି। ଭୁଲ୍ କିମ୍ବା ମିଥ୍ୟା ଅଭିଯୋଗ ଆଣିଲେ ୧ ବର୍ଷ ପର୍ଯ୍ୟନ୍ତ ଜେଲ ଏବଂ ଲକ୍ଷେ ଟଙ୍କା ଜରିମାନା କରାଯାଇପାରେ।

ଷଡ଼ଯନ୍ତ୍ରରେ ଟ୍ରମ୍ପଙ୍କ ସମ୍ପୃକ୍ତି ପ୍ରମାଣ ରହିଛି

କ୍ୟାପିଟୋଲ ଦଙ୍ଗା

ୱାଶିଂଟନ,୩।୩

ଆମେରିକା କ୍ୟାପିଟୋଲରେ ଗତବର୍ଷ ଜାନୁୟାରୀ ୬ରେ ସଂଘଟିତ ଦଙ୍ଗା ପଛରେ ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ତାଙ୍କ ସହଯୋଗୀମାନେ ଆପରାଧିକ ଷଡ଼ଯନ୍ତ୍ରରେ ସାମିଲ ଥିଲେ। ନିର୍ବାଚନକୁ କଂଗ୍ରେସ ଯେପରି ସାର୍ଟିଫିକେଟ ଦେଇ ନ ପାରିବ ସେଥିପାଇଁ ସେମାନେ ବାଧା ସୃଷ୍ଟି କରିବାକୁ ଯୋଜନା କରିଥିଲେ। ଜାନୁୟାରୀ ୬ ଘଟଣାର ତଦନ୍ତ କରୁଥିବା ହାଉସ୍ ସିଲେକ୍ଟ କମିଟି ବୁଧବାର ଅଦାଲତଙ୍କୁ ଏ ସମ୍ପର୍କରେ ଜଣାଇଛି। ପ୍ରଥମ ଥର ପାଇଁ କମିଟି ଏଭଳି ପ୍ରମାଣ ଉପସ୍ଥାପନ କରିଛି, ଯାହା ଦ୍ୱ

ଶାନ୍ତନୁଙ୍କ ଦୃଢ଼ ବ୍ୟାଟିଂ ସତ୍ତ୍ୱେ ଓଡ଼ିଶା ୨୫୦/୬

ଭୁବନେଶ୍ୱର, ୩।୩ (କ୍ରୀଡ଼ା ପ୍ରତିନିଧି)

ଅହମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମ (ଗ୍ରାଉଣ୍ଡ-ବି)ରେ ଗୁରୁବାରଠାରୁ ଆରମ୍ଭ ହୋଇଛି ଓଡ଼ିଶା-ମୁମ୍ବାଇ ରଣଜୀ ଟ୍ରଫି କ୍ରିକେଟ ମ୍ୟାଚ। ଓପନର ଶାନ୍ତନୁ ମିଶ୍ରଙ୍କ ଦୃଢ଼ ବ୍ୟାଟିଂ ସତ୍ତ୍ୱେ ଓଡ଼ିଶା ପ୍ରଥମ ଇନିଂସରେ ୨୫୦ ରନ ମଧ୍ୟରେ ୬ ଉଇକେଟ ହରାଇଛି। ଫଳରେ ଶକ୍ତିଶାଳୀ ମୁମ୍ବାଇ ବୋଲିଂ ଆକ୍ରମଣ ବିପକ୍ଷରେ ଓଡ଼ିଶା ବଡ଼ ସ୍କୋର କରିବା ନେଇ ଆଶଙ୍କା ବଢ଼ିଛି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ ଓଡ଼ିଶା ଅଧିନାୟକ ଶୁଭ୍ରାଂଶୁ ସେନାପତି। ତେବେ ଓପନିଂ ଯୋଡ଼ିରେ ୨୩ ରନ ଯୋଗ ହେବା ପରେ ଦେବାଶିଷ ସାମନ୍ତରାୟଙ୍କ ଉଇକେଟ ପତନ ଘଟିଥିଲା। ଶୁଭ୍ରାଂଶୁ ମଧ୍ୟ ଅଧିକ ସମୟ ତିଷ୍ଠିପାରି ନ ଥିଲେ। ସେ ମାତ୍ର ୧୩ ରନ କରିବାକୁ ସକ୍ଷମ ହୋଇଥିଲେ। ଫଳରେ ୩୬ ରନରେ ଓଡ଼ିଶା ଦ୍ୱିତୀୟ ଉଇକେଟ ହରାଇଥିଲା। ଶାନ୍ତନୁ ଓ ଗୋବିନ୍ଦ ପୋଦ୍ଦାର ସତର୍କତାର ସହ ବ୍ୟାଟିଂ କରି ଇନିଂସକୁ ଆଗେଇ ନେଇଥିଲେ। ତୃତୀୟ ଉଇକେଟରେ ୧୫୩ ବଲ୍‌ରୁ ୭୪ ରନ ଯୋଗ ହେବାପରେ ପୋଦ୍ଦାର ବ୍ୟକ୍ତିଗତ ୩୭ (୭୧ ବଲ, ୪ ଚୌକା, ୧ ଛକା) ରନ କରି ପ୍ୟାଭିଲିୟନ ଫେରିଥିଲେ। ମିଡିଲ ଅର୍ଡରରେ ଅଭିଜ୍ଞ ଅଂଶୁମାନ ରଥ ମଧ୍ୟ ବିଶେଷ କିଛି କରିପାରି ନ ଥିଲେ। ହଂକଂ ପକ୍ଷରୁ ଅନ୍ତର୍ଜାତୀୟ ମ୍ୟାଚ ଖେଳିବାର ଅଭିଜ୍ଞତା ରଖିଥିବା ଅଂଶୁମାନ ଏଠାରେ ମାତ୍ର ୧୪ ରନ କରି ପାରିଥିଲେ। ଦୃଢ଼ ଆତ୍ମବିଶ୍ୱାସର ସହ ଖେଳି ଶତକ ଆଡ଼କୁ ଅଗ୍ରସର ହେଉଥିବା ଶାନ୍ତନୁ ୨୧୩ ବଲ୍‌ରୁ ବ୍ୟକ୍ତିଗତ ୮୯ (୧୧ ଚୌକା) ରନ କରିଥିବାବେଳେ ଦ୍ରୁତ ବୋଲର ଧାଓ୍ୱଲ କୁଲକର୍ଣ୍ଣୀଙ୍କ ଏକ ବଲ୍‌କୁ ଖେଳିବାକୁ ଯାଇ ଏଲବିଡବ୍ଲ୍ୟୁ ଆଉଟ ହୋଇ ଯାଇଥିଲେ। ଫଳରେ ଶତକଠାରୁ ମାତ୍ର ୧୧ ରନ ଦୂରରେ ରହି ସେ କ୍ରିଜ୍ ଛାଡ଼ିଥିଲେ। ଫର୍ମରେ ଥିବା ରାଜେଶ ଧୂପର ଏଠାରେ ୧୯ ରନ କରିବାକୁ ସକ୍ଷମ ହୋଇଥିଲେ। ପ୍ରଥମ ଦିବସ ଖେଳ ଶେଷ ବେଳକୁ ଅଭିଷେକ ରାଉତ ୬୩ ବଲ୍‌ରୁ ୩୫ (୩ ଚୌକା, ୧ ଛକା) ଓ ରାଜେଶ ମହାନ୍ତି ୫୧ ବଲ୍‌ରୁ ୧୭ (୩ ଚୌକା) ରନରେ ଅପରାଜିତ ରହିଥିଲେ। ମୁମ୍ବାଇ ପକ୍ଷରୁ ମୋହିତ ଅବସ୍ଥି ଓ ତନୁଶ୍ କୋଟିଆନ୍ ୨ଟି ଲେଖାଏ ଏବଂ ଧାଓ୍ୱଲ କୁଲକର୍ଣ୍ଣୀ ଓ ସିଦ୍ଧାର୍ଥ ରାଉତ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ସଂକ୍ଷିପ୍ତ ସ୍କୋର

ଓଡ଼ିଶା ପ୍ରଥମ ଇନିଂସ: ୨୫୦/୬ (ଶାନ୍ତନୁ ମିଶ୍ର-୮୯, ଗୋବିନ୍ଦ ପୋଦ୍ଦାର-୩୭, ଅଭିଷେକ ରାଉତ-୩୫*, ମୋହିତ ଅବସ୍ଥି-୨/୪୮, ତନୁଶ କୋଟିଆନ୍-୨/୬୫, ଧାଓ୍ୱଲ କୁଲକର୍ଣ୍ଣୀ-୧/୩୩, ସିଦ୍ଧାର୍ଥ ରାଉତ-୧/୪୨)।

ଭର୍ଷ୍ଟାପେନ୍‌ଙ୍କ ସହ ଚୁକ୍ତି କଲା ରେଡ୍‌ବୁଲ୍

ଲଣ୍ଡନ, ୩।୩ (ଏପି): ଫର୍ମୁଲା ୱାନ ଚାମ୍ପିୟନ ମାକ୍ସ ଭର୍ଷ୍ଟାପେନ୍ ରେଡ୍‌ବୁଲ୍ ସହିତ ଏକ ନୂଆ ଚୁକ୍ତି କରିଛନ୍ତି। ଏହାଦ୍ୱାରା ସେ ଟିମ୍ ସହିତ ୨୦୨୮ ପର୍ଯ୍ୟନ୍ତ ରହିବେ। ୨୪ ବର୍ଷୀୟ ଭର୍ଷ୍ଟାପେନ୍ ଗତବର୍ଷ ଲୁଇସ୍ ହାମିଲଟନଙ୍କୁ ପରାସ୍ତ କରି ପ୍ରଥମ ଥର ବିଶ୍ୱ ଚାମ୍ପିୟନଶିପ୍ ଜିତିଥିଲେ। ଏହି କାରଣରୁ ତାଙ୍କ ସହିତ ଚୁକ୍ତି ମିଆଦକୁ ବୃଦ୍ଧି କରାଯାଇଛି। ନେଦରଲାଣ୍ଡ୍ସ ଡ୍ରାଇଭର କହିଛନ୍ତି, ରେଡ୍‌ବୁଲ୍ ସହିତ ୨୦୨୮ ପର୍ଯ୍ୟନ୍ତ ରହିବା ତାଙ୍କ ପାଇଁ ଏକ ସହଜ ନିଷ୍ପତ୍ତି ନୁହେଁ। ସେ ଏହି ଟିମ୍‌କୁ ଖୁବ୍ ଭଲ ପାଆନ୍ତି। ଚାମ୍ପିୟନଶିପ୍ ଜିତିବା ଲକ୍ଷ୍ୟ ନେଇ ଆମେ ୨୦୧୬ରୁ ଯୋଜନା ଆରମ୍ଭ କରିଥିଲୁ। ଆମେ ଏଥିରେ ସଫଳ ହେଲୁ ମଧ୍ୟ। ତେବେ ବର୍ତ୍ତମାନ ଦୀର୍ଘ ସମୟ ଧରି କିପରି ନମ୍ବର ୱାନ ସ୍ଥାନ ବଜାୟ ରଖିପାରିବୁ ସେ ଦିଗରେ ଧ୍ୟାନ ଦେଉଛୁ। ମାତ୍ର ୧୭ ବର୍ଷ ବୟସରେ ଫର୍ମୁଲା ୱାନ ପଦାର୍ପଣ କରିଥିବା ଭର୍ଷ୍ଟାପେନ୍ ମାର୍ଚ୍ଚ ୨୦ରେ ବାହାରିନ୍‌ରେ ତାଙ୍କ ଟାଇଟଲ ବଜାୟ ଅଭିଯାନ ଆରମ୍ଭ କରିବେ।

ମାକ୍ସ ଭର୍ଷ୍ଟାପେନ୍

ରୁଷିଆ ସହିତ ଚୁକ୍ତି ବାତିଲ କଲା ଫର୍ମୁଲା ୱାନ

ଲଣ୍ଡନ, ୩।୩ (ଏପି): ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣକୁ ନେଇ ଫର୍ମୁଲା ୱାନ୍ କର୍ତ୍ତୃପକ୍ଷ ରୁଷ ସହିତ କରିଥିବା ଏହାର ଚୁକ୍ତିର ପରିସମାପ୍ତି ଘଟାଇଛି। ଭବିଷ୍ୟତରେ ଏହି ଦେଶରେ ରେସ୍‌ର ଆୟୋଜନ ହେବ ନାହିଁ। ଫର୍ମୁଲା ୱାନ ପୂର୍ବରୁ ଚଳିତ ବର୍ଷ ସେପ୍ଟେମ୍ବର ୨୫ରେ ସୋଚିଠାରେ ହେବାକୁଥିବା ରେସ୍ ବାତିଲ କରିସାରିଥିଲା। ମାତ୍ର ଚଳିତ ସପ୍ତାହରେ ପୁନର୍ବାର ଆଲୋଚନା ପରେ ଫର୍ମୁଲା ୱାନ କର୍ତ୍ତୃପକ୍ଷ ଗୋଟିଏ ପାଦ ଆଗେଇ ରୁଷିଆ ସହିତ ୨୦୨୫ ପର୍ଯ୍ୟନ୍ତ ହୋଇଥିବା ଚୁକ୍ତିର ଆଗୁଆ ପରିସମାପ୍ତି ଘଟାଇଛି। ଗତ ସପ୍ତାହରେ ୪ଥର ଫର୍ମୁଲା ୱାନ ଚାମ୍ପିୟନ ସେବାଷ୍ଟିଆନ ଭେଟେଲ ଓ ଅନ୍ୟ ବହୁ ଡ୍ରାଇଭର କହିଥିଲେ, ଫର୍ମୁଲା ୱାନ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଥିଲେ ମଧ୍ୟ ସେମାନେ ରୁଷିଆ ଯାଇ ସେଠାରେ ରେସ୍‌ରେ ଭାଗ ନେଇ ନ ଥାନ୍ତେ ।

ବାଂଲାଦେଶ ବିଜୟୀ

ଢାକା, ୩।୩ (ଏପି)

ବାମହାତୀ ସ୍ପିନର ନାସୁମ ଅହମଦଙ୍କ କ୍ୟାରିୟର ଶ୍ରେଷ୍ଠ ବୋଲିଂ (୪/୧୦) ସହାୟତାରେ ବାଂଲାଦେଶ ଏଠାରେ ଗୁରୁବାର ଅନୁଷ୍ଠିତ ପ୍ରଥମ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚରେ ୬୧ ରନରେ ବିଜୟ ଲାଭ କରିଛି। ଏହି ମ୍ୟାଚରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ବିନିମୟରେ ୧୫୫ ରନ କରିଥିଲା। ଟପ୍ ସ୍କୋରର ଉଇକେଟକିପର ଲିଟନ ଦାସ ୬୦ରନ (୪୪ବଲ୍, ୪ଚୌକା ଓ ୨ ଛକା) କରିଥିଲେ। ଆଫଗାନିସ୍ତାନର ଫଜଲହକ୍ ଫାରୁକି (୨/୨୭) ଓ ଆକ୍‌ମାତୁଲ୍ଲା ଓମାରଜାଇ (୨/୩୧) ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଭ୍ରମଣକାରୀ ଦଳ ୧୭.୪ ଓଭରରେ ୯୪ରନ କରି ଅଲଆଉଟ ହୋଇଯାଇଥିଲା। ଦଳପକ୍ଷରୁ ନାଜିବୁଲ୍ଲା ଜାଡ୍ରାନ ସର୍ବାଧିକ ୨୭ ରନ କରିଥିଲେ। ବାଂଲାଦେଶ ତରଫରୁ ନାସୁମଙ୍କ ବ୍ୟତୀତ ଅନ୍ୟ ସଫଳ ବୋଲର ଭାବେ ପେସ୍ ବୋଲର ସୋରିଫୁଲ୍ ଇସ୍‌ଲାମ ୨୯ ରନ ବିନିମୟରେ ୩ ଏବଂ ବାମହାତୀ ସ୍ପିନର ଶକିବ ଅଲ୍ ହସନ ୧୮ ରନ ଦେଇ ଦୁଇଟି ଉଇକେଟ ଅକ୍ତିଆର କରିଥିଲେ।

ନାସୁମ ଅହମଦ

ODISHA PUBLIC SERVICE COMMISSION CUTTACK
NOTICE

No. 2097/PSC, dt. 2.3.22
(1R-59-21/22) (DR-V)

No. D-338:- It is for information of all concerned that, pursuant to the advertisement No. 08 of 2020-2021. 11 (eleven) candidates bearing following PPSAN have been allowed to face the interview to determine their eligibility for recruitment to the post of **Assistant Professor in "Vyakarana"** . The Interview in respect of the following candidates will be held in the office of the Commission at 19, Dr. P.K. Parija Road, Cuttack - 753001 on **15.03.2022 & 16.03.2022** as per the programme mentioned below.

Date	Time of Interview	PPSAN
15.03.2022	12.30 P.M.	00090230, 00077228 & 00091836 = **03 Candidates**
	02.30 P.M.	00079303, 00088227, 00089267, 00089277 & 00099088 = **05 Candidates**
16.03.2022	10.30 A.M.	00087168, 00091512 & 00086379 = **03 Candidates**

It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection to interview.

The candidates are further advised to report in the office of the Commission **half an hour before the commencement of interview** on the scheduled date & time as mentioned above. Every candidate is strictly advised to adhere to the **COVID guidelines** as notified by the Government from time to time while attending the interview process.

THE CANDIDATES ARE FURTHER ADVISED TO BRING THREE SETS OF XEROX COPIES OF PUBLISHED RESEARCH PAPERS AS EARLIER PRODUCED DURING DOCUMENT VERIFICATION.

NOTE:- THE CANDIDATES ARE INFORMED THAT THE PEDAGOGY SKILL IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISISON FOR THE PURPOSE.

OIPR-12002/11/0270/2122 **Sd./- Secretary**

ODISHA PUBLIC SERVICE COMMISSION CUTTACK
NOTICE

No. 2105/PSC, dt. 2.3.22
(1R-80-21/22) (DR-V)

No. D-339:- It is for information of all concerned that, the candidates bearing following PPSAN are called for interview as per the programme drawn below for recruitment to the post of **Associate Professor in Vyakarana**, pursuant to the advertisement No. 06 of 2021-2022.

Date	Time of Interview	PPSAN
16.03.2022	12.00 Noon	00109927 & 00109076 = **02 Candidates**

The candidates areadvised to produce following documents at the time of interview:-
1. **All Original Research Publications/Books.**
2. **Photocopy of front and back cover pages of published books-04 sets.**
3. **Photocopies of 10 best original publications- 04 sets.**

In case the candidates suffering from COVID they should intimate the same to the Commission in advance so that special arrangement may be made by the Commission for their interview.

It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

The candidates are further advised to report in the office of the Commission **half an hour before the commencement of interview** on the scheduled date & time as mentioned above. Every candidate is strictly advised to adhere to the **COVID guidelines** as notified by the Government from time to time while attending the interview process.

OIPR-12002/11/0271/2122 **Sd./- Secretary**

ODISHA PUBLIC SERVICE COMMISSION CUTTACK
NOTICE

No. 2121/PSC, dt. 2.3.22
(1R-81-21/22) (DR-V)

No. D-342:- It is for information of all concerned that, the candidates bearing following PPSAN are called for interview as per the programme drawn below for recruitment to the post of **Associate Professor in Veda**, pursuant to the advertisement No. 06 of 2021-2022.

Date	Time of Interview	PPSAN
15.03.2022	12.00 Noon	00110514 & 00089839 = **02 Candidates**

The candidates are advised to produce following documents at the time of interview:-
1. **All Original Research Publications/Books.**
2. **Photocopy of front and back cover pages of published books-04 sets.**
3. **Photocopies of 10 best original publications- 04 sets.**

In case the candidates suffering from COVID they should intimate the same to the Commission in advance so that special arrangement may be made by the Commission for their interview.

It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

The candidates are further advised to report in the office of the Commission **half an hour before the commencement of interview** on the scheduled date & time as mentioned above. Every candidate is strictly advised to adhere to the **COVID guidelines** as notified by the Government from time to time while attending the interview process.

OIPR-12002/11/0276/2122 **Sd./- Secretary**

ODISHA PUBLIC SERVICE COMMISSION CUTTACK
NOTICE

No. 2127/PSC, dt. 2.3.22
(1R-79-21/22) (DR-V)

No. D-343:- It is for information of all concerned that, the candidate bearing following PPSAN is called for interview as per the programme drawn below for recruitment to the post of **Professor in Veda**, pursuant to the advertisement No. 10 of 2021-2022.

Date	Time of Interview	PPSAN
14.03.2022	10.30 A.M.	00110460 = **01 Candidate**

The candidate is advised to produce following documents at the time of interview:-
1. **All Original Research Publications/Books.**
2. **Photocopy of front and back cover pages of published books-04 sets.**
3. **Photocopies of 10 best original publications- 04 sets.**

In case the candidates suffering from COVID they should intimate the same to the Commission in advance so that special arrangement may be made by the Commission for their interview.

It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

The candidates are further advised to report in the office of the Commission **half an hour before the commencement of interview** on the scheduled date & time as mentioned above. Every candidate is strictly advised to adhere to the **COVID guidelines** as notified by the Government from time to time while attending the interview process.

OIPR-12002/11/0277/2122 **Sd./- Secretary**

ODISHA MINING CORPORATION LIMITED
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES — Mining Happiness

NIT No. 10/OMC/CIVIL/2022

No. CAD-3039:- Tender for the following works are invited on-line through e-procurement portal of Govt. of Odisha.

Sl. No.	Name of the work	Time period of the work in month	EMD (Rs.) online	Cost of Bid document (Rs.) Online
1.	Installation of Automated water sprinkling arrangement with 5 years operation and maintenance at sales road from Ichinda stock yard to Ichinda parking yard at GIOM in the district of Keonjhar.	04 (Four)	1,36,000/-	10,000/- +18% GST
2.	Installation of fixed water sprinkling arrangement with 5 years operation and maintenance from old F-Quarry, COBP to Koiposi square via Sukurangi Mines office, Sukurangi in the district of Jajpur.	04 (Four)	1,85,000/-	10,000/- +18% GST

1. Availability of Bid document in Govt. portal from dtd 10.03.2022 to 24.03.2022 up to 5.00 PM.
2. Last date of on-line submission of tender in the portal is dtd 24.03.2022 up to 5.00 PM.
3. Date of opening of Technical Bid is dt 25.03.2022 at 11.00 AM.

All other details can be seen from bid documents available at Govt. web site **www.tendersodisha.gov.in**. The Odisha Mining Corporation Ltd. reserves the right to reject any or all tenders without assigning any reason thereof.

OIPR-30005/11/0255/2122 **CGM (Civil)**

NOTICE

No. MM-377: This is for information of all concerned that, the following vehicles have been seized in Baripada Forest Division while being used in different forest offence cases as detailed below:

Sl. No.	Name of the Range	UD/OR Case No. & Year	Date	Place of Seizure	Type of Vehicle Seized & Number thereof
1	Baripada	UD Case No. - 6P of 2019-20	19.05.2019	On the road NH-18 near Mangala Temple, Swarupvila	Mahindra Max Pick-up Van Bearing Regd. No. WB-33-8246
2	Baripda	UD Case No. - 2P of 2019-20	09.04.2019	On the road from inside Chhancha Village	Tata Magic without registration number
3	Udala	UD Case No. - 1U of 2020-21	26.07.2020	On the road Balichilima to Dhaundia near Village Arapata	Tata ACE (white coloured) without registration number
4	Udala	UD Case No. - 14U of 2019-20	07.03.2020	Jaypur to Saikula road near Village Jaypur	Tata ACE without registration number
5	Baripada	UD Case No. - 10P of 2018-19	02.06.2018	On the road from Baripada to Pratappur near Mahulia Chhaka	Mahindra Max (White coloured) without registration number
6	Baripada	UD Case No. - 11P of 2018-19	07.06.2018	Near Ashirbad Chhak of Baripada	Tata Magic bearing Regd. No. OR-11C-5990 (Fake number)
7	Baripada	UD Case No. - 37P of 2018-19	16.10.2018	On the road of Canal Bandha near Laxmiposi Village	Tata DI bearing Regd. No. OD-09J-2384 (Fake Number)
8	Baripada	UD Case No. - 12P of 2018-19	23.06.2018	On the road from Baripada to Badasahi near Jatipur Chhaka	Green coloured Pick-up Van without registration number
9	Baripda	UD Case No. - 13P of 2018-19	25.06.2018	On the road from Palbani to Chitrada near Debendrapur Village	Tata ACE bearing Regd. No. OD-11-8829
10	Baripada	UD Case No. - 5P of 2018-19	14.05.2018	On the road from Palbani to Chitrada near Rangamatia Chhak	Mahindra Max Pick-up bearing Regd. No. OR-02AF-7404
11	Baripada	UD Case No. - 90P of 2017-18	06.01.2018	On the road near Karatabasa Village	Max Pick-up Van bearing Regd. No. OR-11C-0029
12	Baripada	UD Case No. - 16BA of 2019-20	14.02.2020	On Daragadahi-Laxmiposi road near Mailakhadan	Tata ARCTIC ACE bearing Regd. No. WB-31-4191
13	Baripada	UD Case No. - 02BA of 2019-20	20.10.2019	On the road near Tadkisole - Rangamatia Village	Mahindra Max Pick-up Van bearing Regd. No. WB-33-8113
14	Baripada	UD Case No. - 29P of 2018-19	06.09.2018	On the road from Rangamatia Chhaka to Takatpur near Debendrapur Village	Tata 207 DI bearing Regd. No. OR-11D-4729
15	Baripada	UD Case No. - 270P of 2015-16	29.01.2016	On the road near Bagdiha Village	Mahindra Pick-up Van bearing Regd. No. WB-33-8423
16	Baripada	UD Case No. - 17BA of 2019-20	14.02.2020	Near Palbani by-pass on NH-18, Baripada	Bolero Camper bearing Regd. No. OR-01N-3704
17	Baripada	UD Case No. - 4BA of 2020-21	11.05.2020	On the road from Rangamatia Chhaka to Takatpur near EVM Godown	Maruti Omini Van bearing Regd. No. WB-02A-8209
18	Baripada	UD Case No. - 23BA of 2019-20	16.03.2020	On NH-18 near By-pass Chhaka, Palabani, Baripada	Mahindra Maximo bearing Regd. No. OR-09N-5630
19	Baripada	UD Case No. - 58P of 2019-20	26.10.2017	On the road from Palbani to Sankhabhanga near Debendrapur Petrol Pump	Mahindra Max Pick-up Van bearing Regd. No. OR-11C-5559
20	Baripada	UD Case No. - 226P of 2016-17	23.02.2017	On the NH-18 in between Takatpur Chhaka and Dargadahi Chhaka of Baripada	Tata 207 DI bearing Regd. No. OR-11C-6315
21	Baripada	UD Case No. - 7P of 2016-17	04.04.2016	At: NH-18 near Manchabandha Village	Mahindra Pick-up bearing Regd. No. WB-33A-0072
22	Baripada	UD Case No. - 75P of 2016-17	07.09.2016	On the Public Road near Bagdiha Village	Mahindra Pick-up bearing Regd. No. OR-19A-1319
23	Baripada	UD Case No. - 35P of 2019-20	12.09.2019	On Goudadiha Village road	Mahindra Max Pick-up bearing Regd. No. OR-19G-5386
24	Baripada	UD Case No. - 4P of 2019-20	18.04.2019	On the NH-18 near By-pass Chhaka	Mahindra AMP Bollero Camper bearing Regd. No. OR-11H-5109

But till today, no claim has been received either at the end of the Range Officer concerned or at the end of the undersigned regrding ownerhsip of the above seized vehicles.
Notice is hereby given that, if any person stakes claim towards the ownership of the aforesaid vehicles, he/she should give it in writing in the office within 15 days of this publication failing which exparte decision will be taken regarding the vehicles and seized produce as per the provisions laid down under Section-56 of Odisha Forest Act-1972 and disposed of accordingly.

Sd./- Authorised Officer-cum-Assistant Conservator of Forests
Baripada Forest Division

OIPR-08065/11/0012/2122

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୫୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ପତ୍ର ସଂଖ୍ୟା: ୩୮ ତା:୨୧।୦୨।୨୨

ବିଜ୍ଞାପନ

No. CAD-3031: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଷଷ୍ଠ ପର୍ଯ୍ୟାୟ, ଶୈଳଶ୍ରୀ ବିହାର, ଚନ୍ଦ୍ରଶେଖରପୁର ହାଉସିଂ ପ୍ରକଳ୍ପ ଭୁବନେଶ୍ୱରରେ ଦୋକାନ ଗୃହ ନଂ. ଏ-୫ (ଏ ଟାଇପ୍) [A-5 (A Type)]ଟିକୁ ଶ୍ରୀ ଚୌଧୁରୀ ଶଶିମଉଳି ମିଶ୍ର, ପି.-ଏ ତୀର୍ଥାନନ୍ଦ ମିଶ୍ର, ଗ୍ରା: ରାଇଗୁରୁ ଲଜ୍, ପୋ: ଆଲାମଚାନ୍ଦ ବଜାର, ଥାନା: ପୁରୀଘାଟ, କଟକ-୧, ଜି: କଟକଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ଚୌଧୁରୀ ଶଶିମଉଳି ମିଶ୍ର ଉକ୍ତ ଦୋକାନ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ମିନତୀ ନାୟକ, ସ୍ୱା.-ଉମାକାନ୍ତ ନାୟକ, ପ୍ଲଟ ନଂ. ୫୧, ଶାସ୍ତ୍ରୀନଗର, ୟୁନିଟ୍-୪, ଭୁବନେଶ୍ୱର, ଜି: ଖୋର୍ଦ୍ଧାଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଦୋକାନ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଦୋକାନ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./- ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13030/11/0422/2122

ତହସିଲଦାରଙ୍କ କାର୍ଯ୍ୟାଳୟ, ରାଇରଙ୍ଗପୁର, ମୟୂରଭଞ୍ଜ
ବିଜ୍ଞପ୍ତି ସଂଖ୍ୟା ୬୭୮ ତା: ୦୨।୦୩।୨୦୨୨ରିଖ

ଲଘୁ ଖଣିଜ ଦ୍ରବ୍ୟ ଦୀର୍ଘ ମିଆଦୀ ଲିଜ୍ ନିମନ୍ତେ ବିଜ୍ଞାପନ

No. F-312: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନସ୍ଥ ରାଇରଙ୍ଗପୁର ତହସିଲର ୨ (ଦୁଇ) ଗୋଟି ବାଲି ସୈତରାକୁ ୫ (ପାଞ୍ଚ) ବର୍ଷ ନିମନ୍ତେ OMMC Rules-2016 ଅନୁଯାୟୀ ଦୀର୍ଘ ମିଆଦୀ ଲିଜ୍ ସୂତ୍ରେ ନେବାପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଇଚ୍ଛୁକ ବ୍ୟକ୍ତିବିଶେଷ OMMC Rules-2016 ଅନୁଯାୟୀ Form-M ତିନିକିତା (3 Copies) ପୂରଣ କରି ଆସନ୍ତା ତା୦୨।୦୩।୨୦୨୨ରିଖ ପୂର୍ବାହ୍ନ ଘ୧୦.୦୦ଟିକାଠାରୁ ତା୨୪।୦୩।୨୦୨୨ରିଖ ଅପରାହ୍ନ ଘ୫.୩୦ଟିକା ମଧ୍ୟରେ (ଛୁଟିଦିନ ବ୍ୟତୀତ) ଆନୁଷଙ୍ଗିକ ଦସ୍ତାବିଜ୍ ସଂଲଗ୍ନ କରି ଜଉମୁଦ ଦିଆଯାଇଥିବା ଲଫାପା (Sealed Cover Envelope)ରେ ଆବେଦନ କରୁଥିବା ଉତ୍ତର ନାମ ଉଲ୍ଲେଖ କରି Registered Post/Speed Post ଜରିଆରେ ତହସିଲଦାର, ରାଇରଙ୍ଗପୁର, ଜିଲ୍ଲା: ମୟୂରଭଞ୍ଜଙ୍କ ଠିକଣାରେ କିମ୍ବା ତହସିଲଦାରଙ୍କ କାର୍ଯ୍ୟାଳୟର ଜଉମୁଦ ଦିଆ ଟେଣ୍ଡର ବାକ୍ସରେ ଦାଖଲ କରିପାରିବେ। ଉକ୍ତ ଟେଣ୍ଡର ବାକ୍ସ ତା୨୫।୦୩।୨୦୨୨ରିଖ ପୂର୍ବାହ୍ନ ଘ୧୧.୦୦ଟିକା ସମୟରେ ଟେଣ୍ଡର କମିଟି ତଥା ଆବେଦନକାରୀଙ୍କ ଉପସ୍ଥିତିରେ ଖୋଲାଯାଇ ନିଲାମ ପ୍ରକ୍ରିୟା ସମ୍ପାଦନ କରାଯିବ।

ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ସମ୍ପର୍କରେ ତହସିଲ କାର୍ଯ୍ୟାଳୟରେ (

୩୬୬ ପଏଣ୍ଟ ଖସିଲା ସେନ୍‌ସେକ୍ସ

ମୁମ୍ବାଇ: ଗତ ୨ ସପ୍ତାହ ହେବ ବିଶ୍ୱ ସମସ୍ୟା ସହ ଅଶୋଧିତ ତୈଳ ମୂଲ୍ୟ ରେକର୍ଡ ପରିମାଣରେ ବୃଦ୍ଧି ପାଇଛି। ଫଳରେ ଏହାର ପ୍ରଭାବ ଭାରତୀୟ ଶେୟାର ବଜାର ଉପରେ ପଡ଼ିଛି। ଦଲାଲ ଷ୍ଟ୍ରିଟ୍‌ରେ କ୍ରମାଗତ ଭାବେ ଶେୟାର ବଜାର ଫଳାଫଳ ଆଶା ଓ ଆଶଙ୍କା ମଧ୍ୟରେ ରହୁଛି। ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୩୬୬ ପଏଣ୍ଟ ହ୍ରାସ ଘଟି ୫୫,୧୦୩ ଅଙ୍କରେ କାରବାର ବନ୍ଦ କରିଛି। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ନିଫ୍ଟି ୫୦ରେ ୧୦୮ ପଏଣ୍ଟ କମି ୧୬,୪୯୮ ଅଙ୍କରେ ରହିଛି। ବିଏସ୍‌ଇର ସୂଚନା ଅନୁସାରେ ସେନ୍‌ସେକ୍ସ ୩୬୬.୨୨ ପଏଣ୍ଟ (୦.୬୬%) ହ୍ରାସ ଘଟି ୫୫,୧୦୨,୬୮ ଅଙ୍କରେ ରହିଥିବା ବେଳେ ନିଫ୍ଟିରେ ମଧ୍ୟ ୧୦୭.୯୦ ପଏଣ୍ଟ (୦.୬୫%) କମି ୧୬,୪୯୮.୦୫ ଅଙ୍କରେ କାରବାର ଶେଷ ହୋଇଥିବା ଜଣାପଡ଼ିଛି।

ସଂକ୍ଷେପରେ

ସୁନୀଲ ଅଗ୍ରୱାଲ ଏଲ୍‌ଆଇସିର ନୂଆ ସିଏଫ୍‌ଓ ନିଯୁକ୍ତି

ନୂଆଦିଲ୍ଲୀ, ୩।୩: ଦେଶର ସର୍ବବୃହତ୍ତ ବୀମା କମ୍ପାନୀ ଜୀବନ ବୀମା ନିଗମ(ଏଲ୍‌ଆଇସି) ସୁନୀଲ୍ ଅଗ୍ରୱାଲ୍‌ଙ୍କୁ ମୁଖ୍ୟ ବିତ୍ତୀୟ ଅଧିକାରୀ (ସିଏଫ୍‌ଓ) ଭାବେ ନିଯୁକ୍ତି କରିଛି। ଅଗ୍ରୱାଲ୍ ଏହା ପୂର୍ବରୁ ଦୀର୍ଘ ୧୨ ବର୍ଷ ଧରି ରିଲାୟନ୍ସ ନିପ୍ପୋନ୍ ଲାଇଫ୍ ଇନ୍‌ସ୍ୟୁରାନ୍ସର ସିଏଫ୍‌ଓ ଭାବରେ କାର୍ଯ୍ୟ କରିଛନ୍ତି। ରିଲାୟନ୍ସରେ କାର୍ଯ୍ୟ କରିବା ପୂର୍ବରୁ ସେ ୫ବର୍ଷ ଧରି ଆଇସିଆଇସିଆଇ ପ୍ରୁଡେନ୍ସିଆଲ୍ ଲାଇଫ୍ ଇନ୍‌ସ୍ୟୁରାନ୍ସ ସହିତ କାର୍ଯ୍ୟ କରୁଥିଲେ। ଅଗ୍ରୱାଲ୍‌ଙ୍କ ପୂର୍ବରୁ ଶୁଭାଙ୍ଗୀ ସଞ୍ଜୟ ସୋମନ ଏଲ୍‌ଆଇସିର ଫାଇନାନ୍ସ ଏବଂ ଆକାଉଣ୍ଟିଂ (ଏଫ୍‌ଆଣ୍ଡ୍‌ଏ)ରେ ଏକ୍ସିକ୍ୟୁଟିଭ୍ ଡାଇରେକ୍ଟର ଭାବେ କାର୍ଯ୍ୟ କରୁଥିଲେ। ଏଲ୍‌ଆଇସି ପକ୍ଷରୁ ଷ୍ଟକ୍ ଏକ୍ସଚେଞ୍ଜ୍‌ରେ ଲିଷ୍ଟିଂ କରିବାର ଯୋଜନା ରଖାଯାଇଥିବାରୁ ଏକ୍ସିକ୍ୟୁଟିଭ୍ ଡାଇରେକ୍ଟର ପଦକୁ ସିଏଫ୍‌ଓ ଭାବେ ପରିବର୍ତ୍ତିତ କରାଯାଇଛି। ୨୦୨୧ ସେପ୍ଟେମ୍ବରରେ ଏଲ୍‌ଆଇସି ପକ୍ଷରୁ ନୋଟିସ୍ ଜାରି ହୋଇଥିଲା। ଏହି ପଦବୀ ପାଇଁ କାର୍ଯ୍ୟକାଳ ତିନିବର୍ଷ କିମ୍ବା ବ୍ୟକ୍ତିଙ୍କ ବୟସ ସମୟସୀମା ୬୩ ବର୍ଷ ରହିଛି। ଏହି ପଦବୀ ପାଇଁ ବାର୍ଷିକ ପାରିଶ୍ରମିକ ୭୫ଲକ୍ଷ ଟଙ୍କା ରହିଛି।

ଘରୋଇ ଇକ୍ୱିଟିରେ ଏଫ୍‌ପିଆଇର ଅଂଶଧନରେ ୨% ହ୍ରାସ

ନୂଆଦିଲ୍ଲୀ, ୩।୩: ଏକ ଆର୍ଥିକ ଘରୋଇ ସଂସ୍ଥା ମର୍ନିଂଷ୍ଟାର ପକ୍ଷରୁ ପ୍ରକାଶିତ ରିପୋର୍ଟ ଅନୁସାରେ, ୨୦୨୧ ଅକ୍ଟୋବର, ନଭେମ୍ବର, ଡିସେମ୍ବର ମଧ୍ୟରେ ଘରୋଇ ଇକ୍ୱିଟିଗୁଡ଼ିକରେ ବିଦେଶୀ ପୋର୍ଟଫୋଲିଓ ନିବେଶକ (ଏଫ୍‌ପିଆଇ)ମାନଙ୍କର ଅଂଶଧନ ୨% ହ୍ରାସ ପାଇ ୬୫୪ ବିଲିୟନ ଆମେରିକୀୟ ଡଲାରରେ ପହଞ୍ଚିଛି। ଏହା ପୂର୍ବ ଆର୍ଥିକ ତ୍ରୈମାସିକରେ ଏଫ୍‌ପିଆଇ ନିବେଶର ମୂଲ୍ୟ ୬୬୭ ବିଲିୟନ ଆମେରିକୀୟ ଡଲାର ଥିବାବେଳେ ୨୦୨୦ ଡିସେମ୍ବର ସୁଦ୍ଧା ଭାରତୀୟ ଇକ୍ୱିଟିରେ ଏଫ୍‌ପିଆଇ ନିବେଶର ମୂଲ୍ୟ ୫୧୮ ବିଲିୟନ ଆମେରିକୀୟ ଡଲାର ରହିଥିଲା। ଗତ କିଛିମାସ ହେବ ଅନେକଗୁଡ଼ିଏ ଅନ୍ତରାଷ୍ଟ୍ରୀୟ ସମସ୍ୟା ସାଙ୍ଗକୁ ପୁଞ୍ଜି ପ୍ରତ୍ୟାହାର ଭଳି ଘଟଣା ଏହା ଉପରେ ପ୍ରଭାବ ପକାଉଥିବା ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି।

୧,୬୭୦ କୋଟି ଟଙ୍କା ନିବେଶ କରିବ ରିଲାଏନ୍ସ

ମୁମ୍ବାଇ,୩।୩

- ଭାରତରେ ନିର୍ମାଣ ହେବ ବିଶ୍ୱସ୍ତରୀୟ ଇଲେକ୍ଟ୍ରୋନିକ୍ସ ମାନୁଫାକ୍ଚରିଂ ହବ୍
- ୫ଜି, ଡାଟା ସେଣ୍ଟର, କ୍ଲାଉଡ୍, ଆଇଟି ଉପରେ ରହିବ ଗୁରୁତ୍ୱ
- ଇଲେକ୍ଟ୍ରୋନିକ୍ସ ହାର୍ଡୱେର କ୍ଷେତ୍ରରେ 'ମେକ୍ ଇନ୍ ଇଣ୍ଡିଆ'କୁ ମିଳିବ ଶକ୍ତି

ଦେଶର ପ୍ରମୁଖ ଘରୋଇ ବାଣିଜ୍ୟିକ ପ୍ରତିଷ୍ଠାନ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ (ଆର୍‌ଆଇଏଲ୍)ର ପୂର୍ଣ୍ଣ ମାଲିକାନାରେ ଥିବା କମ୍ପାନୀ ରିଲାଏନ୍ସ ଷ୍ଟ୍ରାଟେଜିକ୍ ବିଜ୍‌ନେସ୍ ଭେଞ୍ଚର୍ସ ଲିମିଟେଡ୍ (ଆର୍‌ଏସ୍‌ବିଭିଏଲ୍) ଏବଂ ସନମିନା କର୍ପୋରେଶନ ଭାରତରେ ଏକ ଇଲେକ୍ଟ୍ରୋନିକ୍ସ ହବ୍ ନିର୍ମାଣ କରିବା ଲାଗି ଯୌଥ ଉଦ୍ୟୋଗ ସ୍ଥାପନ କରିବେ ବୋଲି ଘୋଷଣା କରିଛନ୍ତି। ସନମିନାର ଭାରତୀୟ ୟୁନିଟ୍‌ରେ ରିଲାଏନ୍ସ ୧,୬୭୦କୋଟି ଟଙ୍କା ନିବେଶ କରିବ। ସେହି ଯୌଥ ଉଦ୍ୟୋଗରେ ରିଲାଏନ୍ସର ୫୦.୧%ର ଅଂଶଧନ ରହିବ କିନ୍ତୁ ପରିଚାଳନା ସନମିନାର ବର୍ତ୍ତମାନ ରହିଥିବା ଟିମ୍ ପାଖରେ ରହିବ। ଏହି ଯୌଥ ଉଦ୍ୟୋଗ ଟେଲିକମ୍ ନେଟ୍‌ୱର୍କ ଯଥା ୫ଜି, କ୍ଲାଉଡ୍ ଭିତ୍ତିଭୂମି, ହାଇପରସ୍କେଲ୍ ଡାଟା ସେଣ୍ଟରକୁ ପ୍ରାଥମିକତା ପ୍ରଦାନ କରିବ। ଏହା ସହିତ ସ୍ୱାସ୍ଥ୍ୟ ପ୍ରଣାଳୀ, ଔଦ୍ୟୋଗିକ ଓ ପ୍ରତିରକ୍ଷା ତଥା ଏରୋସ୍ପେସ୍ ଭଳି ଉଦ୍ୟୋଗ ପାଇଁ ଏହା ଉଚ୍ଚ ପ୍ରଯୁକ୍ତି ବିଶିଷ୍ଟ ହାର୍ଡୱେର ତିଆରି କରିବ। କମ୍ପାନୀ ଏହାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ମେକ୍ ଇନ୍ ଇଣ୍ଡିଆ' ଭିଜନର ଅନୁପୂରକ ବୋଲି କହିଛି। ଏହି ଯୌଥ ଉଦ୍ୟୋଗ ସେବା ପ୍ରଦାନ କରିବା ଜାରି ରଖିବ ଏବଂ ଏହା ବ୍ୟତୀତ ଏକ ଅତ୍ୟାଧୁନିକ ମାନୁଫାକ୍ଚରିଂ ଟେକ୍ନୋଲୋଜି ସେଣ୍ଟର ଅଫ୍ ଏକ୍ସିଲେନ୍ସ୍ ତିଆରି କରାଯିବ ଯାହା ଭାରତରେ ଉତ୍ପାଦ ବିକାଶ ଏବଂ ହାର୍ଡୱେର ଷ୍ଟାର୍ଟଅପ୍ ବ୍ୟବସ୍ଥାକୁ ଆଗକୁ ବଢ଼ାଇବ। ଆର୍‌ଏସ୍‌ବିଭିଏଲ୍ ପାଖରେ ଯୌଥ ଉଦ୍ୟୋଗର ୫୦.୧% ଅଂଶଧନ ରହିବ ଏବଂ ବଳକା ୪୯.୯ ପ୍ରତିଶତ ଅଂଶଧନ ସନମିନା ପାଖରେ ରହିବ। ସନମିନାର ଭାରତରେ ଥିବା ସଂସ୍ଥାର ଶେୟାରରେ ୧,୬୭୦ କୋଟି ଟଙ୍କା ନିବେଶ କରି ଆର୍‌ଏସ୍‌ବିଭିଏଲ୍ ଏହି ମାଲିକାନା ହାସଲ କରିବ। ଏହି ନିବେଶ ସନମିନାକୁ ନିଜ ବ୍ୟବସାୟକୁ ଆଗକୁ ବଢ଼ାଇବାରେ ସହାୟକ ହେବ। ଏହାର ପ୍ରାରମ୍ଭିକ ପର୍ଯ୍ୟାୟରେ ସବୁ ନିର୍ମାଣ ସନମିନାର ଚେନ୍ନାଇରେ ଥିବା ୧୦୦ଏକର ପରିସରରେ ଆରମ୍ଭ କରାଯିବ। ନିକଟ ଭବିଷ୍ୟତରେ ତାହାର ସମ୍ପ୍ରସାରଣ ମଧ୍ୟ କରାଯିବ। ଏ ସମ୍ପର୍କରେ ରିଲାଏନ୍ସ ଜିଓର ନିର୍ଦ୍ଦେଶକ ଆକାଶ ଅମ୍ବାନୀ କହିଛନ୍ତି,ଭାରତରେ ହାଇଟେକ୍ ମାନୁଫାକ୍ଚରିଂକୁ ମହତ୍ତ୍ୱପୂର୍ଣ୍ଣ ବଜାର ପର୍ଯ୍ୟନ୍ତ ପହଞ୍ଚାଇବା ଲାଗି ସନମିନା ସହିତ କାର୍ଯ୍ୟ କରିବାରେ ଆମକୁ ବହୁତ ଖୁସି ମିଳିବ। ଭାରତର ବିକାଶ ଓ ସୁରକ୍ଷା ପାଇଁ ଆତ୍ମନିର୍ଭର ହେବା ଆବଶ୍ୟକ। ଟେଲିକମ୍, ଆଇଟି, ଡାଟା ସେଣ୍ଟର, କ୍ଲାଉଡ୍, ୫ଜି, ନୂତନ ଶକ୍ତି ଏବଂ ଅନ୍ୟାନ୍ୟ ଉଦ୍ୟୋଗର ଇଲେକ୍ଟ୍ରୋନିକ୍ସ ମାନୁଫାକ୍ଚରିଂରେ ଆତ୍ମନିର୍ଭର ହେବା ଜରୁରୀ। କାରଣ ଆମେ ଏକ ନୂଆ ଡିଜିଟାଲ ଆର୍ଥିକ ବ୍ୟବସ୍ଥାରେ ଆଗକୁ ବଢୁଛି। ଏହି ସହଯୋଗିତା ଜରିଆରେ ଆମେ ଭାରତ ଓ ବିଶ୍ୱର ଚାହିଦାକୁ ପୂରଣ କରିବା ସହ ଭାରତରେ ନବସୃଜନ ଓ ପ୍ରତିଭାକୁ ଆଗକୁ ବଢ଼ିବାର ସୁଯୋଗ ପ୍ରଦାନ କରିବା ଲାଗି ଯୋଜନା ପ୍ରସ୍ତୁତ କରୁଛୁ। ସେହିଭଳି ସନମିନାର ଅଧ୍ୟକ୍ଷ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଜୁରେ ସୋଲା କହିଛନ୍ତି, ଭାରତରେ ସମନ୍ୱିତ ମାନୁଫାକ୍ଚରିଂ କମ୍ପାନୀ ସ୍ଥାପନ କରିବା ଏବଂ ରିଲାଏନ୍ସ ସହିତ ସହଯୋଗିତା ସ୍ଥାପନ କରିଥିବାରୁ ଆମେ ବହୁତ ଖୁସି। ଏହି ଯୌଥ ଉଦ୍ୟୋଗ ଉଭୟ ଘରୋଇ ଓ ରପ୍ତାନି ବଜାରର ଆବଶ୍ୟକତାକୁ ପୂରଣ କରିବ ଏବଂ ଭାରତ ସରକାରଙ୍କ ମେକ୍ ଇନ୍ ଇଣ୍ଡିଆ ଲାଗି ସୁଦୂରପ୍ରସାରୀ ସାବ୍ୟସ୍ତ ହେବ।

ନୂତନ ଟେକ୍ନୋଲୋଜିରେ ଚକ୍ଷୁ ଚିକିତ୍ସା

ଭୁବନେଶ୍ୱର,୩।୩

ଆମ୍ବଲିଓପିଆ ବା 'ଲେଜି ଆଇଜ୍' ହେଉଛି ଏକ ଦୃଷ୍ଟି ସମ୍ପର୍କିତ ସମସ୍ୟା ଯାହା କି ସାରା ବିଶ୍ୱର ୪% ପିଲାଙ୍କୁ ପ୍ରଭାବିତ କରିଥାଏ। ଯଦି ଏହାର ଠିକ୍ ସମୟରେ ଚିକିତ୍ସା କରା ନ ଯାଏ, ତେବେ ଏହାଦ୍ୱାରା ସ୍ଥାୟୀ ଦୃଷ୍ଟିଶକ୍ତି ଜନିତ ସମସ୍ୟା ମଧ୍ୟ ଦେଖାଦେଇପାରେ। ଫଳରେ ଦୃଷ୍ଟିହୀନତା ଓ ଅନ୍ଧତ୍ୱର ଏହି ସାଧାରଣ କାରଣର ନିୟନ୍ତ୍ରଣ କରିବା ପାଇଁ ସ୍ଥାନୀୟ ଶହୀଦନଗରସ୍ଥିତ ଡକ୍ଟର ଅଗ୍ରୱାଲ୍‌ସ ଚକ୍ଷୁ ହସ୍ପିଟାଲ୍‌ସ ପକ୍ଷରୁ ନୂତନ ଟେକ୍ନୋଲୋଜି (ବାଇନୋକ୍‌ସ ସଫ୍ଟୱେର) ଦ୍ୱାରା ଚକ୍ଷୁ ଚିକିତ୍ସା କରାଯାଉଛି। ଏହା ଏକ ନୂତନ ଆଧୁନିକ ଉଦ୍ଭାବନ ଯାହାକି ଆମ୍ବଲିଓପିଆ ପାଇଁ ଏକ ଫଳପ୍ରଦ ଚିକିତ୍ସା ବୋଲି କୁହାଯାଉଛି। ଏ ସମ୍ପର୍କରେ ଭୁବନେଶ୍ୱର ଡକ୍ଟର ଅଗ୍ରୱାଲ୍‌ସ ଚକ୍ଷୁ ହସ୍ପିଟାଲ୍‌ସର ବରିଷ୍ଠ କନ୍‌ସଲଟାଣ୍ଟ ଓ ପେଡିଆଟ୍ରିକ୍ ଚକ୍ଷୁ ରୋଗ ବିଶେଷଜ୍ଞ ଡ.ଚନ୍ଦ୍ରଶେଖର ସାହୁ କହିଛନ୍ତି, ଆମ୍ବଲିଓପିଆ ହେଉଛି ଏକ ଦୃଷ୍ଟିଜନିତ ସମସ୍ୟା । ଏହାଦ୍ୱାରା ଜୀବନବ୍ୟାପୀ ଦୃଷ୍ଟିହୀନତା ସମସ୍ୟା ଦେଖା ଦେଇପାରେ। ଏହାକୁ ମଧ୍ୟ ଲେଜି ଆଏ (ଆମ୍ବଲିଓପିଆ) ବୋଲି କୁହାଯାଏ, ଯେତେବେଳେ ଗୋଟିଏ ଆଖିର ଦୃଷ୍ଟି ଶକ୍ତି ହ୍ରାସ ପାଏ ଯାହାକି ପ୍ରାକ୍ ଅବସ୍ଥାରେ ଦୃଷ୍ଟିଶକ୍ତିରେ ବିକାଶରେ ଅସ୍ୱାଭାବିକତା କାରଣରୁ ଦେଖାଦେଇଥାଏ। ରିଫ୍ରାକ୍ଟିଭ୍ ତ୍ରୁଟି ହେଉଛି ଆମ୍ବଲିଓପିଆର ଏକ ସାଧାରଣ କାରଣ। ରୋଗୀମାନଙ୍କଠାରେ ସଚେତନତାର ଅଭାବ କାରଣରୁ ଏହାକୁ ସାଧାରଣତଃ ବିଳମ୍ବରେ ଚିହ୍ନଟ କରାଯାଇଥାଏ। ପିଲାର ବୟସ ବୃଦ୍ଧି ହେବା ସହ ଆମ୍ବଲିଓପିଆଜନିତ କ୍ଷୟକ୍ଷତିକୁ ସୁଧାରିବା କଷ୍ଟକର ହୋଇଥାଏ।

ଫେବୃୟାରୀରେ ସ୍କୋଡାର ୪,୫୦୩ ୟୁନିଟ୍ ବିକ୍ରି

ନୂଆଦିଲ୍ଲୀ,୩।୩

୨୦୨୧ ତୁଳନାରେ ବାର୍ଷିକ ୪୨୮% ଅଭିବୃଦ୍ଧି ହାସଲ

ଦେଶର ପ୍ରମୁଖ ଅଟୋଶିଳ୍ପ ସ୍କୋଡା ଅଟୋ ଇଣ୍ଡିଆର ଅଲ୍ ନ୍ୟୁ ସ୍ଲାଭିଆ-୧.୦ ଟିଏସ୍‌ଆଇର ବଜାର ପ୍ରବେଶ ପରେ କମ୍ପାନୀ ଫେବୃୟାରୀ ୨୦୨୨ରେ ୪,୫୦୩ ୟୁନିଟ୍ ବିକ୍ରି ପଞ୍ଜୀକରଣ କରି ନିଜର ଅଭିବୃଦ୍ଧି ଧାରା ଜାରି ରଖିଛି। ସେହିଭଳି ଫେବୃୟାରୀ ୨୦୨୧ ତୁଳନାରେ ବିକ୍ରି ହୋଇଥିବା ୮୫୩ ୟୁନିଟ୍ ତୁଳନାରେ ଏହାର ଅଭିବୃଦ୍ଧି ହାର ୪୨୮% ରହିଛି।

ଏ ସମ୍ପର୍କରେ ସ୍କୋଡା ଅଟୋ ଇଣ୍ଡିଆର ବ୍ରାଣ୍ଡ୍ ନିର୍ଦ୍ଦେଶକ ଜାକ୍ ହୋଲିସ କହିଛନ୍ତି, ୨୦୨୨ ରେ ଏହି ସକାରାତ୍ମକ ଗତିକୁ ନେଇ ବେଶ୍ ଉତ୍ସାହିତ । ଏହାର ଅଧିକ କାର ବିକ୍ରୟ କରିବା କେବଳ ଗୁରୁତ୍ୱପୂର୍ଣ୍ଣ ବିଷୟ ନୁହେଁ। ଅଧିକ ଖୁସି ଗ୍ରାହକ ଏବଂ ପ୍ରଶଂସକ ସୃଷ୍ଟି କରିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଅପରପକ୍ଷରେ ଆମର ପରିବାରର ନୂତନ ସଦସ୍ୟ ସ୍ଲାଭିଆ-୧.୦ ଟିଏସ୍‌ଆଇ ଏବଂ ସ୍ଲାଭିଆ-୧.୫ ଟିଏସ୍‌ଆଇ ଆଗାମୀ ମାସରେ କାରବାର କ୍ଷେତ୍ରରେ ଉଲ୍ଲେଖନୀୟ ସ୍ଥିତି ସୃଷ୍ଟି କରିବାର ଯଥେଷ୍ଟ ସମ୍ଭାବନା ରହିଛି।

ସେହିଭଳି ଫେବୃୟାରୀ ୨୦୨୨ର ବିକ୍ରୟ ମୁଖ୍ୟତଃ ଜୁଲାଇ ୨୦୨୧ରେ ବଜାର ପ୍ରବେଶ ହୋଇଥିବା କ୍ୟୁଶାକ ଏସ୍‌ୟୁଭି ଦ୍ୱାରା ପରିଚାଳିତ ହୋଇଥିଲା। ଏହା ଇଣ୍ଡିଆ ୨.୦ ରଣନୀତି ଅନ୍ତର୍ଗତ ଆରମ୍ଭ ହୋଇଥିବା ମେଡ୍ ଇନ୍ ଇଣ୍ଡିଆ ଏମ୍‌କ୍ୟୁବି-ଏ-୦-ଇନ୍ ପ୍ଲାଟ୍‌ଫର୍ମ ଉପରେ ଆଧାରିତ। ଇଣ୍ଡିଆ ୨.୦ ର ଦ୍ୱିତୀୟ ପର୍ଯ୍ୟାୟରେ ୨୦୨୨ ମାର୍ଚ୍ଚ ଅଲ୍ ନ୍ୟୁ ସ୍କୋଡା ସ୍ଲାଭିଆ-୧.୦ ଟିଏସ୍‌ଆଇ ସେଡାନ୍‌ର ବଜାର ପ୍ରବେଶ ହୋଇଛି। ଗ୍ରାହକଙ୍କ ଚାହିଦା ପୂରଣ ଦିଗରେ କମ୍ପାନୀ ଅନେକଗୁଡ଼ିଏ ପଦକ୍ଷେପ ଗ୍ରହଣ କରିଛି। ବିଶେଷକରି ଉତ୍ପାଦନ ଉପରେ କମ୍ପାନୀ ଗୁରୁତ୍ୱ ଦେଇଆସୁଛି। ସେହିପରି ସ୍ଲାଭିଆ-୧.୫ ଟିଏସ୍‌ଆଇ ଏକ ନୂତନ ଇଞ୍ଜିନ ଏବଂ ବିକଶିତ କାର୍ଯ୍ୟଦକ୍ଷତା ଗୁଣ ସହିତ ବଜାର ପ୍ରବେଶ କରାଯାଇଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

ଷ୍ଟାର୍ଟଅପ୍ ଇଣ୍ଡିଆ ସହ କ୍ରମ୍ପଟନର ଡିଜାଇନ ଚ୍ୟାଲେଞ୍ଜ

ମୁମ୍ବାଇ,୩।୩

ଦେଶର ପ୍ରମୁଖ ଉତ୍ପାଦକ ସଂସ୍ଥା କ୍ରମ୍ପଟନ ଗ୍ରୀଭ୍‌ସ କଞ୍ଜୁମର ଇଲେକ୍ଟ୍ରିକାଲ୍ସ ଲିମିଟେଡ୍ ପକ୍ଷରୁ ଷ୍ଟାର୍ଟଅପ୍ ଇଣ୍ଡିଆ ଡିଜାଇନ ଚ୍ୟାଲେଞ୍ଜ ସମ୍ପର୍କରେ ଘୋଷଣା କରାଯାଇଛି। ଭାରତର ସର୍ବବୃହତ୍ ଅନ୍‌ଲାଇନ ପ୍ରାଦ୍ୟୋଗିକି ମଞ୍ଚ ଷ୍ଟାର୍ଟଅପ୍ ଇଣ୍ଡିଆ ସହ ମିଳିତ ଭାବେ ଉକ୍ତ ପ୍ରତିଯୋଗିତାର ଆୟୋଜନ କରାଯାଉଛି। ପରିଶେଷରେ ଶୀର୍ଷ ୪ ଫାଇନାଲିଷ୍ଟ କ୍ରମ୍ପଟନ ସହ ମିଶି ମିଳିତ କାର୍ଯ୍ୟ କରିବାକୁ ସୁଯୋଗ ପାଇବେ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ସେହିଭଳି ସମସ୍ତ ଫାଇନାଲିଷ୍ଟଙ୍କୁ ମୋଟ ଉପରେ ୧୨ଲକ୍ଷ ଟଙ୍କାର ଅର୍ଥରାଶି ଓ ମାନପତ୍ର ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି। ଏହି ପ୍ରତିଯୋଗିତା ୩ଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ, ଯେଉଁଥି ପାଇଁ ପଞ୍ଜୀକରଣ ମଧ୍ୟ ଆରମ୍ଭ ହୋଇସାରିଛି। ପରିଶେଷରେ ଶ୍ରେଷ୍ଠ ୪ନବସୃଜନକାରୀ ୨୦୨୨ ଏପ୍ରିଲରେ ବିଜେତା ଘୋଷିତ ହେବେ ବୋଲି କୁହାଯାଇଛି।

ଟାଟା ଷ୍ଟିଲ୍ ମାଇନିଂକୁ ଗ୍ରେଟ୍ ପ୍ଲେସ୍ ଟୁ ୱାର୍କର ପ୍ରମାଣପତ୍ର

ଭୁବନେଶ୍ୱର,୩।୩

ଟାଟା ଷ୍ଟିଲ୍ ମାଇନିଂ ଲିମିଟେଡ୍ (ଟିଏସ୍‌ଏମ୍‌ଏଲ୍)କୁ ନିକଟରେ ଗ୍ରେଟ୍ ପ୍ଲେସ୍ ଟୁ ୱାର୍କ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ୨୦୨୨ ବର୍ଷ ପାଇଁ ଶ୍ରେଷ୍ଠ ଘରୋଇ ସଂସ୍ଥା ଭାବେ ପ୍ରମାଣପତ୍ର ପ୍ରଦାନ କରାଯାଇଛି। କମ୍ପାନୀର ମାନବ ସମ୍ବଳ ବିବିଧତା ଓ ଅନ୍ତର୍ଭୁକ୍ତୀକରଣକୁ ପ୍ରୋତ୍ସାହିତ କରିବା ସହ ଅନୁଷ୍ଠାନର କର୍ମଚାରୀ ଅନୁକୂଳ ପରିବେଶକୁ ଅଧିକ ସୁଦୃଢ କରିବା ଦିଗରେ ଅନେକ ପଦକ୍ଷେପନ ଗ୍ରହଣ କରିଛି। ଏ ଦିଗରେ କମ୍ପାନୀ ପକ୍ଷରୁ କ୍ୟାରିୟରରେ ଅଗ୍ରଗତି, ପୁରସ୍କାର ଓ ସ୍ୱୀକୃତି ସାଙ୍ଗକୁ ଉଚ୍ଚଶିକ୍ଷା ପାଇଁ ସହାୟତା ଏବଂ କୌଣସି ପକ୍ଷପାତ କିମ୍ବା ଭେଦଭାବ ବିନା ଅଭିଯୋଗ ସମାଧାନ ପ୍ରକ୍ରିୟା ପାଇଁ ସ୍ୱତନ୍ତ୍ର କମିଟି ଗଠନ ଭଳି ଅନେକ କର୍ମଚାରୀ ଅନୁକୂଳ ନୀତିଗୁଡ଼ିକ ଗ୍ରହଣ କରାଯାଇଛି। ଗ୍ରେଟ୍ ପ୍ଲେସ୍ ଟୁ ୱାର୍କ ଇନ୍‌ଷ୍ଟିଚ୍ୟୁଟ୍‌କୁ ଧନ୍ୟବାଦ ଜଣାଇ ଟାଟା ଷ୍ଟିଲ୍ ମାଇନିଂର ପରିଚାଳନା ନିର୍ଦ୍ଦେଶକ ପଙ୍କଜ ସତିଜା କହିଛନ୍ତି, ଏହି ପ୍ରତିଷ୍ଠିତ ସଂସ୍ଥାର ପ୍ରମାଣପତ୍ର ପାଇ ଆମେ ଅତ୍ୟନ୍ତ ଖୁସି ଓ ଉତ୍ସାହିତ ଅଛୁ। ଏକ ସମାନ ସୁଯୋଗ ପ୍ରଦାନ କରୁଥିବା ନିଯୁକ୍ତିଦାତା ଭାବେ ଏହା ଏକ କର୍ମଚାରୀ କେନ୍ଦ୍ରିକ ଏବଂ ଏକ ସୁସ୍ଥ ଓ ବିବିଧ କାର୍ଯ୍ୟ ସଂସ୍କୃତିର ପ୍ରସାର ଦିଗରେ ଆମର ପ୍ରତିବଦ୍ଧତାକୁ ପୁନଃ ପରିଭାଷିତ କରୁଛି। ଆମେ ନିଜ କର୍ମଚାରୀମାନଙ୍କୁ ସର୍ବଶ୍ରେଷ୍ଠ ସମ୍ପତ୍ତି ରୂପେ ଗ୍ରହଣ କରିଆସିଛୁ। ଏହା ସହିତ ଆମ ସଂସ୍ଥାରେ ଯୋଗଦେବା ପାଇଁ ଦିବ୍ୟାଙ୍ଗ ବ୍ୟକ୍ତି, ଏଲ୍‌ଜିବିଟି+ କିମ୍ବା ଅନ୍ୟ କୌଣସି ସ୍ୱଳ୍ପ ପ୍ରତିନିଧିତ୍ୱ ଗୋଷ୍ଠୀ ସମେତ ବିବିଧ ପୃଷ୍ଠଭୂମିର ଲୋକମାନଙ୍କୁ ଉତ୍ସାହିତ କରୁଛୁ। ଏହି ପ୍ରମାଣପତ୍ର ପାଇ ନିଜର ଖୁସି ପ୍ରକାଶ କରିବା ସହିତ କମ୍ପାନୀର ମୁଖ୍ୟ ମାନବ ସମ୍ବଳ ଅଧିକାରୀ ସଞ୍ଜୟ କୁମାର ଶତପଥୀ କହିଛନ୍ତି, ହୃଦୟର ସହିତ କାର୍ଯ୍ୟ ସମ୍ପାଦନା କରୁଥିବା ନିଜ କର୍ମଚାରୀଙ୍କୁ ନେଇ ଆମେ ଗର୍ବିତ। ଏହି ପ୍ରମାଣପତ୍ର ଆମ କର୍ମଚାରୀମାନଙ୍କୁ ନିଜ କ୍ଷମତାନୁସାରେ କାର୍ଯ୍ୟ କରିବା ପାଇଁ ପ୍ରୋତ୍ସାହିତ କରୁଛି। ଏହାସହିତ ଆମ ଅନୁଷ୍ଠାନ ପ୍ରତିଷ୍ଠା ହେବାଠାରୁ ଖୁବ୍ କମ୍ ସମୟ ମଧ୍ୟରେ ଆମେ ହାସଲ କରିଥିବା ବିଶ୍ୱାସକୁ ପୁନଃ ସ୍ଥାପନ କରିଛି।

ଫୁରସତ୍

ମେ'ରେ 'ଜୟେଶ ଭାଇ' ଜୋରଦାର

ମୁମ୍ବାଇ: ଆପଣମାନେ କେତେ ପ୍ରକାରର ହିରୋ ଦେଖିଥିବେ। ଯେମିତିକି, ଦୁଃଖୀ ହିରୋ, ଟଙ୍କା ବାଲା ହିରୋ, ଧନ ଥିବା ହିରୋ, ସୁନ୍ଦରୀମାନଙ୍କ ସହ ନାଚୁଥିବା ହିରୋ, ପୋଲିସ ବାଲା, ଗୁଣ୍ଡା ବାଲା, ଘୋଡ଼ା ଚଢୁଥିବା, ଆଉଟର ସ୍ପେସ୍, ଲାଲ ଚଡ଼ି ବାଲା, ଡବଲ ରୋଲ ବାଲା ଇତ୍ୟାଦି ହିରୋ। ହେଲେ ଆପଣମାନେ ଏମିତି ହିରୋ କେବେ ଦେ

୭୧ତମ ଶତକକୁ ଅପେକ୍ଷା

ରୁଦ୍ର ପ୍ରସନ୍ନ ରଥ

ବିରାଟ କୋହଲି
ଟେଷ୍ଟ ପଦାର୍ପଣ: ୨୦୧୧ ଜୁନ୍ ୨୦, ବନାମ ୱେଷ୍ଟଇଣ୍ଡିଜ
୧୦୦ତମ ଟେଷ୍ଟ: ୨୦୨୨ ମାର୍ଚ୍ଚ ୪, ବନାମ ଶ୍ରୀଲଙ୍କା
ପରିସଂଖ୍ୟାନ
ଟେଷ୍ଟ: ୯୯, ରନ୍: ୭,୯୬୨, ଆଭରେଜ: ୫୦.୩୯, ଶତକ: ୨୭, ଅର୍ଦ୍ଧଶତକ: ୨୮, ଟପ୍ ସ୍କୋର: ୨୫୪*, କ୍ୟାଚ: ୧୦୦।

ଦୀର୍ଘ ୨୭ ମାସ ତଳେ ଇଡେନ୍ ଗାର୍ଡେନ୍ସରେ ବାଂଲାଦେଶ ବିପକ୍ଷରେ ଶତକ ହାସଲ କରିଥିଲେ ବିରାଟ କୋହଲି। ତା' ପରେ କରୋନା ପାଇଁ କ୍ରିକେଟ୍ ଧିମେଇ ଗଲା। ଆଉ କୋହଲିଙ୍କର ବ୍ୟାଟ୍ ସେବେଠୁ ଯେପରି ନୀରବ ରହିଛି ।

ବିରାଟ କୋହଲି। ନାମ ହିଁ ଯଥେଷ୍ଟ। ଗତ ଦଶନ୍ଧିରେ ସଚିନ୍ ତେନ୍ଦୁଲକରଙ୍କ ପରେ ଯଦି ଭାରତୀୟ ଦର୍ଶକଙ୍କୁ ବ୍ୟାଟିଂ କରି ସବୁଠୁ ଅଧିକ କେହି ମନୋରଞ୍ଜନ ଯୋଗାଇ ଥାନ୍ତି ସେ ନିଶ୍ଚିତରୂପେ କୋହଲି। ଗତ ଦଶନ୍ଧିରେ ଭାରତୀୟ କ୍ରିକେଟର ରନ ମେଶିନ ବିରାଟ ଭାରତୀୟ ଦଳକୁ ନିଜର ପ୍ରଦର୍ଶନ ଏବଂ ଅଧିନାୟକତ୍ୱ ବଳରେ ଅନେକ ଅବିସ୍ମରଣୀୟ ବିଜୟ ଭେଟି ଦେଇଛନ୍ତି। ତେବେ ଭିନ୍ନ ଭିନ୍ନ କାରଣରୁ ନିକଟରେ ଭାରତୀୟ ଟି୨୦, ଏକଦିବସୀୟ ଏବଂ ଟେଷ୍ଟ କ୍ରିକେଟ୍ ଦଳର ଅଧିନାୟକ ପଦରୁ ହଟିବାପରେ ବି ଭିନ୍ନ ଏକ କାରଣ ପାଇଁ ସେ ଚର୍ଚ୍ଚାରେ ଅଛନ୍ତି। ଦୀର୍ଘ ଦୁଇବର୍ଷ ହେଲା ତାଙ୍କର ୭୧ ତମ ଶତକ ଅପେକ୍ଷାରେ ସମଗ୍ର ଦେଶ ରହିଛି। ଏକଦିବସୀୟରେ ୪୩ଟି ଏବଂ ଟେଷ୍ଟରେ ୨୭ଟି ଶତକ ହାସଲ କରିସାରିଥିବା କୋହଲି ନିଜର ୭୧ ତମ ଶତକକୁ ଖୋଜି ପାଉନାହାନ୍ତି। ଲାଗୁଛି ଯେପରି ଶତକ ନିଜର ପରିଚୟ ଲୁଚେଇ ଦେଇ ତାଙ୍କ ସହ ଲୁଚକାଳି ଖେଳୁଛି। ବିରାଟଙ୍କର ଶେଷ ଶତକ ଆସିଥିଲା ଭାରତର ପ୍ରଥମ ପିଙ୍କ୍ ବଲ୍ ଟେଷ୍ଟରେ ଦୀର୍ଘ ୨୭ ମାସ ତଳେ ନଭେମ୍ବର ୨୦୧୯ରେ ଇଡେନ୍ ଗାର୍ଡେନ୍ସରେ ବାଂଲାଦେଶ ବିପକ୍ଷରେ। ତା' ପରେ କରୋନାପାଇଁ କ୍ରିକେଟ ଧିମେଇ ଗଲା। ଆଉ କୋହଲିଙ୍କର ବ୍ୟାଟ୍ ସେବେଠୁ ନୀରବ ରହିଛି ଯେପରି। ଏହା ଭିତରେ ସେ ଶ୍ରୀଲଙ୍କା ବିପକ୍ଷରେ ମୋହାଲିଠାରେ ନିଜ ଜୀବନର ୧୦୦ ତମ ଟେଷ୍ଟ ଖେଳିବାକୁ ଯାଉଛନ୍ତି। ଯଦି ଜଣେ ଶହେତମ ଟେଷ୍ଟ ଖେଳୁଛି ତାହାଦ୍ୱାରା ଗୋଟିଏ କଥା ସ୍ପଷ୍ଟ ଯେ ଖେଳାଳିଜଣଙ୍କର ଫର୍ମରେ ନିରନ୍ତରତା ଅଛି ଆଉ ଶାରୀରିକ ଏବଂ ମାନସିକ ରୂପେ ସେ ଦୀର୍ଘଦିନ ଧରି ଖେଳିବାକୁ ଫିଟ୍ ଅଛନ୍ତି। ଏହାକୁ ବହୁ ଆଗରୁ ବିରାଟ ପ୍ରମାଣ କରିସାରିଛନ୍ତି। ତେବେ ୭୧ ତମ ଶତକ ଆସିବାରେ ବିଳମ୍ବ ହେବା ଗୋଟିଏ କଥା ସ୍ପଷ୍ଟ କରୁଛି ଯେ ଭାଗ୍ୟ ତାଙ୍କୁ ଏବେ ସାଥି ଦେଉନାହିଁ। ଯଦିଓ ଏବେ ବି ସେ କ୍ରିକେଟ୍‌ର ତିନୋଟି ଯାକ ଫର୍ମାଟ୍‌ରେ ୫୦ରୁ ଅଧିକ ହାରାହାରି ନେଇ ଖେଳୁଛନ୍ତି।

କୋହଲିଙ୍କ ଶେଷ ଶତକ ପରେ ବିଶ୍ୱ କ୍ରିକେଟ୍‌ରେ ଅନେକ ପରିବର୍ତ୍ତନ ଘଟି ସାରିଛି। ପାକିସ୍ତାନ ଭାରତକୁ ବିଶ୍ୱକପ ମୁକାବିଲାରେ ହରାଇ ଦେଇଛି। ଅଷ୍ଟ୍ରେଲିଆ ପ୍ରଥମ ଥର ପାଇଁ ବିଶ୍ୱ ଟି୨୦ କପ୍ ଜିତିସାରିଛି। ଅଶ୍ୱିନ ଧଳାବଲ୍ କ୍ରିକେଟ୍‌କୁ ପ୍ରତ୍ୟାବର୍ତ୍ତନ କରି ସାରିଛନ୍ତି, ଆଇପିଏଲ୍ ଦଶ ଦଳ ବିଶିଷ୍ଟ ହୋଇସାରିଛି। ତଥାପି କୋହଲିଙ୍କ ବ୍ୟାଟ୍‌ରୁ ଶତକ ଆସିବା ଅଟକି ଯାଇଛି। ଦିନେ କୁହାଯାଉଥିଲା ଯେ ସେ ବି ସଚିନ୍‌ଙ୍କ ପରି ଅନ୍ତର୍ଜାତୀୟ କ୍ରିକେଟ୍‌ରେ ଶହେରୁ ଅଧିକ ଶତକ କରିବେ । ତେବେ ବର୍ତ୍ତମାନର ସ୍ଥିତି ଯଦି ଦୀର୍ଘଦିନ ଧରି ଲାଗିରହିଲା ତେବେ ସେ ଶହେ ଶତକରୁ ବହୁତ ପଛରେ ରହିଯିବେ। ଯଦିଓ ଏବେ କୋହଲିଙ୍କ ବୟସ ମାତ୍ର ୩୩ ଏବଂ ବର୍ତ୍ତମାନର ଫିଟ୍‌ନେସ୍ ସ୍ତରକୁ ଦେଖିଲେ ଲାଗୁଛି ଯେ ଆରାମରେ ଆଉ ୫-୭ ବର୍ଷ କ୍ରିକେଟ୍ ଖେଳିପାରିବେ। ତେବେ ନିୟମିତ ଶତକ ହାସଲ ନ କଲେ ସେ ବିଶ୍ୱର ବଡ ବଡ ରେକର୍ଡରୁ ବହୁତ ପଛରେ ରହିଯିବେ।

ରେକର୍ଡ ଦୃଷ୍ଟିରୁ ଦେଖିବାକୁ ଗଲେ କୋହଲି ୨୦୨୦ରେ ଖେଳିଥିଲେ ୩ଟି ଟେଷ୍ଟରେ ୬ଟି ଇନିଂସ୍। ଏହା ମଧ୍ୟରୁ ଆଡିଲେଡ୍‌ରେ ପ୍ରଥମ ଇନିସ୍‌ରେ କରିଥିବା ୭୪ ରନ୍ ସର୍ବାଧିକ ଥିଲା। ଆଡିଲେଡ୍‌ରେ ଦ୍ୱିତୀୟ ଇନିଂସ୍‌ରେ ଭାରତ ୩୬ ରନ୍‌ରେ ଅଲଆଉଟ୍ ହୋଇ ଲଜ୍ଜାଜନକ ପରାଜୟ ବରଣ କରିଥିଲା । ଯଦିଓ ଦଳ କମ୍ ବ୍ୟାକ୍ କରି ବିଜୟ ଲାଭ କରିଥିଲା ତେବେ ସେଥିରେ କୋହଲି ନ ଥିଲେ।

୨୦୨୧ରେ କୋହଲିଙ୍କ ପାଇଁ ବ୍ୟାଟିଂରେ ଉନ୍ନତ ସ୍ଥିତି ଆସିବାକୁ ଲାଗିଲା। ୨୦୨୧ରେ ସେ ୧୧ଟି ଟେଷ୍ଟ ଖେଳିବାକୁ ସୁଯୋଗ ପାଇଥିଲେ। ଏଥିରେ ସେ ୧୯ଟି ଇନିଂସ୍ ଖେଳି ୨୮.୨୧ ହାରରେ କରିଥିଲେ ୫ ୩ ୬ ରନ୍। ଏଥିରେ ସାମିଲ ଥିଲା ୪ଟି ଅର୍ଦ୍ଧଶତକ। ଉଭୟ ୨୦୨୦ ଏବଂ ୨୦୨୧ କୋହଲିଙ୍କ ପ୍ରଦର୍ଶନ ପ୍ରତିଭା ଏବଂ ପରିଚୟ ତୁଳନାରେ ବେଶ୍ ଖାପଛଡା ଥିଲା। ବିଭିନ୍ନ କ୍ରିକେଟ୍ ପଣ୍ଡିତ କୋହଲିଙ୍କୁ ଏ ନେଇ ଭିନ୍ନ ଭିନ୍ନ ପରାମର୍ଶ ଦେଇଥିଲେ। ଅଫଷ୍ଟମ୍ପ ବାହାର ବଲକୁ କଭର ଡ୍ରାଇଭ୍ ନ କରିବା, ବ୍ୟାକ୍ ଫୁଟ୍ ପଞ୍ଚ୍ ଖେଳିବା ଉପରେ ଜୋର ଦେବା, ଶରୀରଠାରୁ ଦୂରରେ ଯାଉଥିବା ବଲକୁ ନ ଛୁଇଁବା ଆଦି ବିଭିନ୍ନ ବ୍ୟାଟିଂ ପରାମର୍ଶ କୋହଲିଙ୍କୁ ସାମାଜିକ ଗଣମାଧ୍ୟମରେ ମିଳିବାକୁ ଲାଗିଲା। ଏ ସବୁ ସତ୍ତ୍ୱେବି ଭାରତୀୟ ଦଳ ଏବେ ବି କୋହଲିଙ୍କ ୭୧ ତମ ଶତକ ଦେଖିବାକୁ ଅପେକ୍ଷା କରିଛି।

ଗତ ଦୁଇବର୍ଷ ମଧ୍ୟରେ ଏହି ତାରକା ବ୍ୟାଟରଙ୍କ ଏକଦିବସୀୟ ପ୍ରଦର୍ଶନ ମଧ୍ୟ ଭଲନାହିଁ। ୨୦୨୦ରେ ସେ ୯ଟି ଏକଦିବସୀୟ ଖେଳି କରିଥିଲେ ୪୩୧ ରନ, ଆଉ ହାରାହାରି ଥିଲା ୪୭.୮୮। ଏଥିରେ ସାମିଲ ଥିଲା ୫ଟି ଅର୍ଦ୍ଧଶତକ। ସେହିପରି୨୦୨୧ରେ ସେ ଖେଳିଥିବା ୩ଟି ଏକଦିବସୀୟରେ କରିଥିଲେ ୧୨୯ ରନ୍ । ଦୁଇଟି ଅର୍ଦ୍ଧଶତକ ସହ ତାଙ୍କର ହାରାହାରି ଥିଲା ୪୩.୦୦। ୨୦୨୨ରେ ବି ସେ ଖେଳି ସାରିଲେଣି ୬ଟି ଏକଦିବସୀୟ। ୨୩.୬୬ ହାରରେ ସେ କରିଛନ୍ତି ୧୪୨ ରନ୍ । ଏଥିରେ ଦୁଇଟି ଅର୍ଦ୍ଧଶତକ ସାମିଲ ଅଛି। ତେବେ କୋହଲିଙ୍କ ପ୍ରାୟ ଫିକା ପଡିଯାଇଥିବା ବ୍ୟାଟିଂ ପ୍ରଦର୍ଶନ ଭିତରେ ଏମିତି କିଛି ଇନିଂସ୍ ଅଛି ଯାହାକୁ ଦର୍ଶକ ମନେରଖିବେ। ୨୦୨୦ରେ ଅଷ୍ଟ୍ରେଲିଆ ବିପକ୍ଷରେ ବେଙ୍ଗାଲୁରୁ ଏବଂ ସିଡ୍‌ନୀରେ ୮୯ ରନର ଇନିଂସ ଖେଳିଥିଲେ ବି ସେ ଶତକ ହାସଲ କରିପାରି ନ ଥିଲେ। ସେହପରି ନିକଟରେ ଶେଷ ହୋଇଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ଏକମାତ୍ର ଟେଷ୍ଟରେ ଦର୍ଶନୀୟ ୭୯ ରନ୍‌ର ଇନିଂସ ଖେଳିଥିଲେ ମଧ୍ୟ ତାହା ତାଙ୍କ ପ୍ରଶଂସକଙ୍କୁ ନିରାଶ କରିଥିଲା। କୋହଲିଙ୍କ ପରି ବ୍ୟାଟର ଦୀର୍ଘ ସମୟଧରି ଶତକ ହାସଲ କରି ନ ପାରିବା ସତରେ ଏକ ବିସ୍ମୟକର ଘଟଣା। ବିଶ୍ୱର ବିଭିନ୍ନ ଷ୍ଟାଡିୟମରେ ନିରବଚ୍ଛିନ୍ନଭାବେ ଶତକ ହାସଲ କରିଆସିଥିବା ଏହି ତାରକାଙ୍କ ବ୍ୟାଟ୍‌ରୁ ରନ୍ ନ ଆସିବା ପଛରେ ୨୦୧୯ର କୋଭିଡ୍‌କୁ ଦାୟୀ କରାଯାଇପାରେ। ଏହି ସମୟରେ ଭାରତ ପ୍ରାୟ ୯ ମାସ ଧରି କ୍ରିକେଟ୍ ଖେଳିବାରୁ ବଞ୍ଚିତ ହେଲା। ତେବେ ୨୦୨୧ରେ ପାଖାପାଖି ୨୨ଟି ଏକଦିବସୀୟ ଏବଂ ଟେଷ୍ଟ ଇନିଂସ୍ ଖେଳିଥିଲେ ବି ଏଥିରେ ଶତକ ହାସଲ କରି ନ ପାରିବା ବେଶ୍ ଆଶ୍ଚର୍ଯ୍ୟର କଥା। ଏହା ଭିତରେ କ୍ରିକେଟ୍‌ର ସମସ୍ତ ଫର୍ମାଟ୍ ଅଧିନାୟକ ପଦରୁ ସେ ନିଜକୁ ଅଲଗା କରିସାରିଛନ୍ତି। ଏବେ ଦଳରେ ସେ କେବଳ ଜଣେ ବ୍ୟାଟର ହିସାବରେ ଖେଳିବେ। ବଡ ଇନିଂସ୍ ଖେଳିବା, ଇନିଂସ୍ ତିଆରି କରିବା ଆଦି ଦାୟିତ୍ୱ ତାଙ୍କ କାନ୍ଧରେ ନ୍ୟସ୍ତ ରହିବ। ଆବଶ୍ୟକ ପଡିଲେ ରୋହିତ୍ ଶର୍ମାଙ୍କୁ ସେ ପରାମର୍ଶ ବି ଦେବେ।

କିନ୍ତୁ ସେ ମନେ ରଖିବେ ଯେ ନିଜର ବ୍ୟାଟିଂରେ ଶତକ ନିୟମିତ ସ୍କୋର ହୋଇଚାଲୁ। ନ ହେଲେ କୋହଲି ଏକଥା ଜାଣିଛନ୍ତି ଯେ ଅନେକ ଯୁବ ଖେଳାଳି ଦଳକୁ ଆସିବାକୁ ଅପେକ୍ଷା କରିଛନ୍ତି। ନିୟମିତ ଭଲ ପ୍ରଦର୍ଶନ ନ କଲେ ତାଙ୍କ ମୁଣ୍ଡରେ ବି ଖଣ୍ଡା ଝୁଲିବ। ନିୟମିତ ଭଲ ସ୍କୋର ନ କରିବା କାରଣରୁ ଅଜିଙ୍କ୍ୟ ରାହାନେ ଏବଂ ଚେତେଶ୍ୱର ପୂଜାରାଙ୍କୁ ଦଳରେ ସ୍ଥାନ ହରାଇବାକୁ ପଡିଛି। ଏହା କୋହଲିଙ୍କୁ ସତର୍କ କରିଦେଇଥିବ ନିଶ୍ଚୟ। ତେବେ ପ୍ରଶଂସକମାନେ ତାଙ୍କର ଶହେତମ ମ୍ୟାଚ୍‌ରେ ଶତକ ଆଶା କରିବା ସ୍ୱାଭାବିକ୍। ଏ ପର୍ଯ୍ୟନ୍ତ କୌଣସି ଭାରତୀୟ ନିଜର ଶହେତମ ଟେଷ୍ଟରେ ଶତକ ହାସଲ କରିନାହାନ୍ତି। ଯଦି କୋହଲି ଏପରି କରନ୍ତି ତେବେ ସେ ଯେ କେବଳ ନିଜର ୭୧ ତମ ଶତକ ହାସଲ କରିବେ ତାହା ନୁହେଁ ବରଂ ନିଜ ଉପରୁ ଚାପ ହଟାଇବା ସହ କ୍ୟାରିୟରକୁ ଆଉ ଏକ ଉଚ୍ଚତାକୁ ନେଇଯିବେ। ବୋଧହୁଏ ଏତେ ସବୁ ରେକର୍ଡରେ ସହଭାଗୀ ହେବା ପାଇଁ ମୋହାଲି ବି ତାଙ୍କ ପ୍ରଦର୍ଶନକୁ ଅପେକ୍ଷା କରିଥିବ। ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ସିରିଜର ପ୍ରଥମ ମ୍ୟାଚ୍‌ରେ ହିଁ ଏହି ସୁଦୀର୍ଘ ପ୍ରତୀକ୍ଷାର ଅନ୍ତ ଘଟୁ ବୋଲି ଭାରତୀୟ କ୍ରିକେଟପ୍ରେମୀମାନେ ବେଶ୍ ଉତ୍କଣ୍ଠାର ସହ ଅପେକ୍ଷା କରିଥିବେ।

ଭାରତ-ଶ୍ରୀଲଙ୍କା ଟେଷ୍ଟ ଆଜିଠାରୁ

▶ରୋହିତ ଶର୍ମାଙ୍କ ନେତୃତ୍ୱରେ ପ୍ରଥମ
▶କୋହଲି ଖେଳିବେ ୧୦୦ତମ ଟେଷ୍ଟ

ମୋହାଲି, ୩।୩ (ପି.ଟି.)

ରୋହିତ ଶର୍ମା

ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ପ୍ରଥମ କ୍ରିକେଟ ଟେଷ୍ଟ ଶୁକ୍ରବାରଠାରୁ ଏଠାରେ ଆରମ୍ଭ ହେବ। ଭାରତର ୩୫ତମ ଟେଷ୍ଟ ଅଧିନାୟକ ଭାବେ ରୋହିତ ଶର୍ମା ଏହି ମ୍ୟାଚରେ ଦଳର ନେତୃତ୍ୱ ନେବେ। ଅନ୍ୟପକ୍ଷରେ ବିରାଟ କୋହଲି କ୍ୟାରିୟରର ୧୦୦ତମ ଟେଷ୍ଟ ଖେଳିବେ। ତେଣୁ କିଙ୍ଗ୍ କୋହଲିଙ୍କ ଉପରେ ସମସ୍ତଙ୍କ ନଜର ରହିଛି। କ୍ରିକେଟ କିମ୍ବଦନ୍ତୀ ସୁନୀଲ ଗାଭାସ୍କରଙ୍କ ୧୦,୦୦୦ ରନ ଓ ସଚିନ ତେନ୍ଦୁଲକରଙ୍କ ଭାବପୂର୍ଣ୍ଣ ବିଦାୟ ପରେ ଏବେ କୋହଲି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସକ୍ଷମ ହୋଇଛନ୍ତି। ଭାରତ ଏକ କ୍ରିକେଟ ପ୍ରିୟ ଦେଶ ହୋଇଥିବାରୁ ଏବଂ କୋହଲିଙ୍କର ଅନେକ ପ୍ରଶଂସକ ଥିବାରୁ ସମ୍ଭବତଃ ଏହି ଟେଷ୍ଟ ପାଇଁ ଦର୍ଶକଙ୍କୁ ଅନୁମତି ଦିଆଯାଇଛି। ଗତ ୨ ବର୍ଷରୁ ଊର୍ଦ୍ଧ୍ୱ ହେଲା କୋହଲି ରନ୍ ସ୍କୋରରେ ତିନିଅଙ୍କ ସ୍ପର୍ଶ କରିପାରି ନାହାନ୍ତି। ଏଠାରେ ତାଙ୍କ ବ୍ୟାଟ୍‌ରୁ ସେପରି କିଛି ଆଶା କରାଯାଉଛି। ସୁରଙ୍ଗ ଲକମଲ, ଲାହିରୁ କୁମାରା ଓ ଲସିଥ ଏମ୍ବୁଦେନିୟାଙ୍କୁ ନେଇ ଗଠିତ ବୋଲିଂ ଆକ୍ରମଣ ବିପକ୍ଷରେ କୋହଲିଙ୍କ ବ୍ୟାଟ୍‌ରୁ କଭର ଡ୍ରାଇଭ୍, ଅନ୍ ଡ୍ରାଇଭ୍, ଫ୍ଲିକ୍ସ ଓ ପୁଲ୍ ଶଟ୍ ଆସିବା ସହଜ ହେବ ବୋଲି ଆକଳନ କରାଯାଉଛି। ନିଜ ୧୦୦ତମ ଟେଷ୍ଟରେ କୌଣସି ବ୍ୟାଟର ଶତକ ହାସଲ କରି ନାହାନ୍ତି। ତେଣୁ ନୂଆ ରେକର୍ଡ କରିବା ପାଇଁ କୋହଲିଙ୍କ ନିକଟରେ ସୁଯୋଗ ରହିଛି।

ରୋହିତଙ୍କ ଟିମ୍ କମ୍ବିନେଶନ

ଭାରତ ଏହି ଟେଷ୍ଟରେ ଚେତେଶ୍ୱର ପୂଜାରା, ଅଜିଙ୍କ୍ୟ ରାହାନେ ଓ ଇଶାନ୍ତ ଶର୍ମାଙ୍କ ବିନା ଖେଳିବାକୁ ଯାଉଛି। ଏଭଳି ଏକ ପରିବର୍ତ୍ତନ ସମୟରେ ଟିମ୍ କମ୍ବିନେଶନ ନିଶ୍ଚିତ ନୂଆ ଅଧିନାୟକ ରୋହିତଙ୍କ ପାଇଁ ଚ୍ୟାଲେଞ୍ଜ ସଦୃଶ ହେବ। ଯାହା ଆଶା କରାଯାଉଛି ଶୁବମନ ଗିଲ୍ ୩ ନମ୍ବରରେ ପୂଜାରାଙ୍କ ସ୍ଥାନରେ ଆସିବେ। ରାହାନେଙ୍କ ସ୍ଥାନ ନେବା ପାଇଁ ୨ ଜଣ ଖେଳାଳି ପ୍ରସ୍ତୁତ। ଜଣେ ହେଲେ ହନୁମା ବିହାରୀ। ବିଦେଶ ମାଟିରେ କଷ୍ଟସାଧ ପରିସ୍ଥିତିରେ ତାଙ୍କୁ ବ୍ୟାଟିଂ ଶ୍ରେୟାସ ଆୟାର। ନ୍ୟୁଜିଲାଣ୍ଡ ବିପକ୍ଷ କ୍ୟାରିୟରର ପ୍ରଥମ ଟେଷ୍ଟରେ ଶତକ ହାସଲ କରି ସେ ଉଜ୍ଜ୍ୱଳ ଭବିଷ୍ୟତର ସୂଚନା ଦେଇଥିଲେ। ମାତ୍ର ଟେକ୍ନିକରେ ସାମାନ୍ୟ ତ୍ରୁଟି ବିଶେଷ କରି ଶର୍ଟ ବଲ୍‌କୁ ସେ ଖେଳିବାରେ ଅସୁବିଧା ଅନୁଭବ କରୁଥିବା ପରିଲକ୍ଷିତ ହୋଇଛି। ହନୁମା ଆବଶ୍ୟକ ସମୟରେ ରକ୍ଷଣାତ୍ମକ ଖେଳିବାରେ ମାହିର। ସେ ସ୍ପିନରଙ୍କୁ ମଧ୍ୟ ଭଲ ମୁକାବିଲା କରିପାରନ୍ତି। ତେଣୁ ତାଙ୍କୁ ମିଡିଲ ଅର୍ଡରରେ ସୁଯୋଗ ମିଳିବା ସମ୍ଭାବନା ଅଧିକ। ତେବେ ଯୁବ ଉଇକେଟ କିପର ରିଷଭ ପନ୍ତ ୫ ନମ୍ବର ସ୍ଥାନରେ କ୍ରିଜ୍‌କୁ ଆସିବା ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ।

ଶ୍ରୀଲଙ୍କାର ବ୍ୟାଟିଂ ଲାଇନ ଅପ୍ ମୁଖ୍ୟତଃ ଅଧିନାୟକ ଦିମୁଥ କରୁଣାରତ୍ନେ, ଦୀନେଶ ଚଣ୍ଡିମଲ ଓ ଆଞ୍ଜେଲୋ ମାଥ୍ୟୁସଙ୍କ ଉପରେ ନିର୍ଭର କରିବ। ଚଣ୍ଡିମଲ ଓ ମାଥ୍ୟୁସ ସେପରି ଫର୍ମରେ ନାହାନ୍ତି। ଏପରିସ୍ଥଳେ ଶ୍ରୀଲଙ୍କା ବ୍ୟାଟିଂ ଅର୍ଡର ଏକ ଶୁଖିଲା ପିଚ୍‌ରେ କିପରି ରବିଚନ୍ଦ୍ରନ ଅଶ୍ୱିନ ଓ ରବୀନ୍ଦ୍ର ଜାଡେଜାଙ୍କୁ ମୁକାବିଲା କରିପାରିବ ତାକୁ ନେଇ ପ୍ରଶ୍ନ ରହିଛି। ଯଦି ଭାରତ ପ୍ରଥମେ ବ୍ୟାଟିଂ କରେ ତେବେ ଖେଳ ୪ ଦିନରେ ଏବଂ ଯଦି ଦ୍ୱିତୀୟରେ ବ୍ୟାଟିଂ କରେ ତେବେ ଆହୁରି ଶୀଘ୍ର ମ୍ୟାଚ ଶେଷ ହେବା ଆକଳନ କରାଯାଉଛି।

ଭାରତୀୟ ଦଳ: ରୋହିତ ଶର୍ମା (ଅଧିନାୟକ), ମୟଙ୍କ ଅଗ୍ରୱାଲ, ଶୁବମନ ଗିଲ୍, ବିରାଟ କୋହଲି, ରିଷଭ ପନ୍ତ, ହନୁମା ବିହାରୀ, ରବିଚନ୍ଦ୍ରନ ଅଶ୍ୱିନ, ରବୀନ୍ଦ୍ର ଜାଡେଜା, ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ ଶାମି, ମହମ୍ମଦ ସିରାଜ, ଜୟନ୍ତ ଯାଦବ, ଶ୍ରେୟାସ ଆୟାର, କୋନା ଭରତ, ଉମେଶ ଯାଦବ, ସୌରଭ କୁମାର, ପ୍ରିୟଙ୍କ ପଞ୍ଚାଲ।

ଶ୍ରୀଲଙ୍କା ଦଳ: ଦିମୁଥ କରୁଣାରତ୍ନେ (ଅଧିନାୟକ), ଧନଞ୍ଜୟ ଡି'ସିଲ୍‌ଭା, ଚରିଥ ଆଶାଲଙ୍କା, ଦୁଷ୍ମନ୍ତ ଚାମିରା, ଦୀନେଶ ଚଣ୍ଡିମଲ, ଆଞ୍ଜେଲୋ ମାଥ୍ୟୁସ, ନିରୋଶାନ ଡିକ୍‌ୱେଲା, ଲସିଥ ଏମ୍ବୁଦେନିୟା, ବିଶ୍ୱ ଫର୍ନାଣ୍ଡୋ, ସୁରଙ୍ଗ ଲକମଲ, ଲାହିରୁ ଥିରିମାନେ, ଲାହିରୁ କୁମାରା, କୁସାଲ ମେଣ୍ଡିସ, ପଥୁମ ନିସାଙ୍କା, ଫେପ୍ରି ଭନ୍ଦେର୍ସେ, ପ୍ରବୀଣ ଜୟବିକ୍ରମା, ଚାମିକା କରୁଣାରତ୍ନେ।

ମ୍ୟାଚ ଆରମ୍ଭ: ପୂର୍ବାହ୍ନ ୯ଟା ୩୦

୧୦୦ ଟେଷ୍ଟ ଖେଳିଥିବା ଭାରତୀୟ
ସୁନୀଲ ଗାଭାସ୍କର
ଦିଲୀପ ଭେଙ୍ଗସରକାର
କପିଳ ଦେବ
ସଚିନ ତେନ୍ଦୁଲକର
ଅନିଲ କୁମ୍ବଲେ
ରାହୁଲ ଦ୍ରାଭିଡ
ସୌରଭ ଗାଙ୍ଗୁଲି
ଭିଭିଏସ୍ ଲକ୍ଷ୍ମଣ
ବୀରେନ୍ଦ୍ର ସେହ୍ୱାଗ
ହରଭଜନ ସିଂ
ଇଶାନ୍ତ ଶର୍ମା

ଦୁଇ ଫୁଟ୍‌ବଲ ଖେଳାଳି ନିହତ

ଲଣ୍ଡନ, ୩।୩ (ଏପି)

ଅନ୍ତର୍ଜାତୀୟ ପ୍ରଫେସନାଲ ଫୁଟ୍‌ବଲର ମାନଙ୍କ ଆସୋସିଏଶନ 'ଫିଫ୍‌ପ୍ରୋ'ର ସାଧାରଣ ସମ୍ପାଦକ ଜୋନାସ ବେଅର ଅଫ୍‌ମ୍ୟାନଙ୍କ ସୂଚନା ଅନୁସାରେ ରୁଷିଆର ସାମରିକ କାର୍ଯ୍ୟାନୁଷ୍ଠାନରେ ୟୁକ୍ରେନର ଦୁଇଜଣ ଫୁଟ୍‌ବଲ ଖେଳାଳି ନିହତ ହୋଇଛନ୍ତି। ସେମାନେ ହେଲେ ଭିଟାଲି ସାପିଲୋ (୨୧ବର୍ଷ) ଓ ଦିମିତ୍ରୋ ମାର୍ଟିନେଙ୍କୋ (୨୫ବର୍ଷ)। ଯୁଦ୍ଧ ସମୟରେ ଏହି ଦୁଇ ଖେଳାଳି ନିଖୋଜ ହୋଇ ଯାଇଥିଲେ। ସେମାନଙ୍କ ପରିବାର, ବନ୍ଧୁପରିଜନ ଓ ସାଥୀ ଖେଳାଳିଙ୍କଠାରୁ ସେମାନଙ୍କ ଖୋଜଖବର ନେବାରେ ଉଭୟେ ଯୁଦ୍ଧ ସମୟରେ ନିହତ ହୋଇଥିବା ଜଣାପଡ଼ିଥିଲା। ବେଅର ହଫ୍‌ମ୍ୟାନ କହିଛନ୍ତି, ଦଳେ ଖେଳାଳି ୟୁକ୍ରେନ୍ ଛାଡ଼ି ପଡ଼ୋଶୀ ପୋଲାଣ୍ଡ ଓ ରୋମାନିଆରେ ଯାଇ ଆଶ୍ରୟ ନେଇଛନ୍ତି। କିନ୍ତୁ ୟୁକ୍ରେନରେ ପଞ୍ଜୀକୃତ କରିଥିବା ୪୦୦ ବିଦେଶୀ ଖେଳାଳିଙ୍କ ଖୋଜଖବର ମିଳୁନାହିଁ।

ୱିଣ୍ଟର ପାରାଲିମ୍ପିକ୍ସରୁ ରୁଷିଆ, ବେଲାରୁଷ ବାଦ୍

ବେଜିଂ, ୩।୩(ଏପି): ୟୁକ୍ରେନ ଉପରେ ରୁଷିଆର ଆକ୍ରମଣକୁ ନେଇ ୱିଣ୍ଟର ପାରାଲିମ୍ପିକ୍ସରୁ ଉଭୟ ରୁଷିଆ ଓ ଏହାର ସହଯୋଗୀ ଦେଶ ବେଲାରୁଷକୁ ବାଦ୍ ଦିଆଯାଇଛି। ଆଥଲେଟ୍ସ ଭିଲେଜରେ ଏହି ଦୁଇ ଦେଶର ଆଥଲେଟଙ୍କୁ ବର୍ଜନ ଆଶଙ୍କା ଥିବାରୁ ଆୟୋଜକଗଣଙ୍କ ତରଫରୁ ଏହି ନିଷ୍ପତ୍ତି ନିଆଯାଇଛି। ଶୁକ୍ରବାର ଆରମ୍ଭ ହେବାକୁ ଥିବା ଗେମ୍ସରେ ରୁଷିଆ ଓ ବେଲାରୁଷ ଆଥଲେଟମାନଙ୍କୁ ଅଂଶଗ୍ରହଣ କରିବା ଲାଗି ୨୪ ଘଣ୍ଟା ପୂର୍ବର ସର୍ତ୍ତମୂଳକ ଅନୁମତି ଦେଇଥିଲା ଅନ୍ତର୍ଜାତୀୟ ପାରାଲିମ୍ପିକ୍ସ କମିଟି।

ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଆରମ୍ଭ

ଭୁବନେଶ୍ୱର, ୩।୩ (ସ୍ପୋର୍ଟ୍ସ ବ୍ୟୁରୋ)

ଉତ୍କଳ କରାଟେ ସ୍କୁଲ୍ ପରିସରରେ ଓଡ଼ିଶା ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ଆୟୋଜିତ ତିନ୍ତ୍ରୀ କଲେଜ ଛାତ୍ରୀଙ୍କ ଆତ୍ମରକ୍ଷା କୌଶଳ (ରିଆକ୍ଟ) ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ଏଥିରେ କୋରାପୁଟ, ଗଜପତି, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା ଓ କନ୍ଧମାଳରୁ ୧୧୬ଜଣ ଛାତ୍ରୀ ଯୋଗ ଦେଇଛନ୍ତି। ଏହା ୯ ତାରି

MARUTI SUZUKI ARENA

ଏହି ମାର୍ଚ୍ଚକୁ ଆନନ୍ଦପୂର୍ଣ୍ଣ କରିବ ମାରୁତି ସୁଜୁକୀ ଏରିନାର ବିଶେଷ ଅଫର୍ସ ଗୁଡ଼ିକ ।

BIG SAVINGS

WAGONR ₹39 000* ALTO ₹28 000* S-PRESSO ₹34 000* VITARA BREZZA ₹20 500*
DZIRE ₹23 000* SWIFT ₹26 000* CELERIO ₹33 000* EECO ₹31 000*

FINANCE OFFERS

BUY NOW, PAY LATER^ | 100%^ ON-ROAD FUNDING AVAILABLE | EMI STARTING FROM ₹799^ PER LAKH | Low Rate of INTEREST Starting 7%^ from | GOLD VOUCHER ₹5 000 ପର୍ଯ୍ୟନ୍ତ ଗୋଲ୍ଡ ଭାଉଚର୍#

WAGONR ALTO S-PRESSO ERTIGA VITARA BREZZA DZIRE SWIFT CELERIO EECO

E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: Pradosh.Jena@maruti.co.in.

SKY AUTOMOBILES
BERHAMPUR: 9778202019.
BHANJANAGAR: 9778202019.
PARALAKHEMUNDI: 9778202019.
PHULBANI: 9778202019.

ODYSSEY MOTORS
SAMBALPUR: 7381433909. BOLANGIR: 9438068327.
BARGARH: 9556352943. NUAPADA: 7381017851.
SONEPUR: 9438068327. JHARSUGUDA: 9439892153.
BOUDH: 8594908009.

ORBIT MOTORS
ROURKELA: 9040404444, 9040404333.
SUNDARGARH: 9437049161.
DEOGARH: 9437061223.

LEGEND CARS
JEYPORE: 7894442905.
BHAWANIPATNA: 7894442907.

*Offer includes consumer offer, exchange bonus and institutional offer (wherever applicable) on selected models/ variants. Above mentioned savings amount is the value of maximum savings on selected models. *^Terms and conditions apply. Finance scheme details mentioned in the advertisement are at the sole discretion of the financier and terms and conditions as specified by the financier shall apply. Credit at the sole discretion of the Bank. Up To 100% on-road funding is provided by select financiers only. Interest rate of 7% is provided by select financiers only. #Gold Voucher is applicable on select models/variants only. Terms and conditions are subject to change without any prior notice. For more details, please contact your nearest ARENA dealership. Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only. Offers vary across variants. Maruti Suzuki India Limited reserves the right to discontinue offers without notice. Above offers are valid till 31st March, 2022.

Hero

ସବୁଠାରୁ ଆଗରେ

ନୂତନ ଶୀର୍ଷସ୍ଥାନ କୁ ପାଇବା ପାଇଁ ପ୍ରସ୍ତୁତ ହୋଇ ଯାଆନ୍ତୁ, ଜବରଦସ୍ତ GLAMOUR XTEC ସହିତ ।
ରାଇଡ ସ୍ମାର୍ଟ ଫିଚର୍ସ ସହିତ ଏହା ଅଟେ ସ୍ମାର୍ଟ ଟେକ୍ନୋଲୋଜି, ଜବରଦସ୍ତ ପରଫରମାନ୍ସ ଏବଂ
ଜବରଦସ୍ତ ଷ୍ଟାଇଲ ର ଅଦ୍ଭୁତ ମେଳ । ଗୋ, ସବୁଠାରୁ ଆଗରେ ।

ପ୍ରସ୍ତୁତ କରୁଛି
GLAMOUR XTEC
ରାଇଡ୍ ସ୍ମାର୍ଟ ଫିଚର୍ ସହିତ

ନେଭିଗେସନ୍ ଆସିଷ୍ଟ | ସାଇଡ ଷ୍ଟାଣ୍ଡ ଇଞ୍ଜିନ୍ କଟ-ଅଫ୍ | ବ୍ଲୁଟୁଥ କନେକ୍ଟ | ବିଲ୍ଟ-ଇନ୍ ମୋବାଇଲ୍ ଚାର୍ଜର୍

THE TRUST OF HERO

Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road,Vasant Kunj - Phase -II, New Delhi - 110070, India. I CIN: L35911DL1984PLC017354 I For further information, contact your nearest Hero MotoCorp authorised outlet or call our toll-free no.: 1800 266 0018 or visit us on www.HeroMotoCorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. For more details, please visit your nearest authorized Hero MotoCorp outlet. *Largest Motorcycle & Scooter selling company in the world for any particular country for the year 2020. * This is the Ex-Showroom Price for Self Drum Cast variant of Glamour Xtec in Guwahati. For more details, please visit your nearest authorized Hero MotoCorp outlet. HeroMotoCorpIndia @HeroMotoCorp HeroMotoCorpLimited TheHeroMotoCorp heromotocorp.com

CALL TOLL-FREE 1800 266 0018
BUY ONLINE AT eshop.heromotocorp.com

Hero 70116 70116

AUTHORISED DEALERS: Bhubaneswar: Rohan Hero – 7799766422, Bharat Hero – 7799766378, DD Hero – 7799766329, Arundhati Hero - 9311733967; **Cuttack:** JMG Hero - 7799766366, Sunny Hero - 7799766401, Essen Hero - 7799766425; **Angul:** Parbati Hero - 7799766342; **Balasore**: Neelam Hero - 7799766393; **Baripada:** Aditya Hero - 7799766370; **Bhadrak:** Sanjib Hero - 7799766380; **Chandikhol:** S. K. Hero - 7799766362; **Jagatsinghpur:** Trishul Hero - 7799766383; **Jajpur Road:** Soumik Hero - 7799766410; **Jaleswar:** Sai Hero - 7799766407; **Jatni:** Vishal Hero - 7799766398; **Keonjhar:** Supreme Hero - 7799766360; **Nayagarh:** Bhagabati Hero - 7799766417; **Puri:** Sanjib Hero- 8448389695; **Behrampur:** Lakshmi Motors, Dharma Nagar – 7799766350, Lakshmi Automotives, Gajapati Nagar – 9311853279; **Jeypore:** Supreme Hero - 7799766340; **Phulbani:** Narayani Hero - 7799766373; **Raygada:** Ajit Hero - 7799766358; **Bargarh:** Aakash Hero - 7799766396; **Bhawanipatna:** Arundhati Hero - 7799766385; **Bolangir:** Arundhati Hero - 7799766327; **Jharsuguda:** Vijaylaxmi Hero - 7799766368; **Rourkela:** Dua Hero -7799766391; **Sambalpur:** Sri Shyam Hero - 7799766356; **Sonepur:** Jai Jawan Hero - 7799766419; **Sundergarh:** Robotech Hero: 8448183659; **Dhenkanal:** Som Hero - 7799766347; **Talcher:** Tarini Hero - 7799766374.

WT.5005.2022ORI